ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଡିସେମ୍ବର ୧୭/୨୦୨୧ (୮+୮=୧୬ ପୃଷ୍ଠା) | Balasore, Friday, December 17/2021 | ★★★★

୪୮ଶ ଭାଗ ୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବର୍ଲିନରେ ହେବ 'ଗଙ୍ଗୁବାଇ କାଠିଆୱାଡ଼ି'ର ପ୍ରିମିୟର**

ଆସନ୍ତା ଫେବୃୟାରୀରେ ହେବାକୁ ଥିବା ୭୨ତମ ବର୍ଲିନ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ଆଲିଆ ଭଟ୍ଟଙ୍କ ଅଭିନୀତ 'ଗଙ୍ଗୁବାଇ କାଠିଆୱାଡ଼ି'ର ପ୍ରିମିୟର ହେବ।

୦୭

୦୮

**ସିନ୍ଧୁ କ୍ୱାର୍ଟର ଫାଇନାଲରେ**

ସ୍ପେନ୍‌ର ହୁଏଲଭାଠାରେ ଚାଲିଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ପି.ଭି. ସିନ୍ଧୁ



# ଝିଅଙ୍କ ବିବାହ ବୟସ ୨୧କୁ ବଢ଼ିବ



**ଖୁବ୍‌ଶୀଘ୍ର ଆସିବ ବିଲ୍**

**ନୂଆଦିଲ୍ଲୀ, ୧୬।୧୨**

କେନ୍ଦ୍ର ସରକାର ଝିଅମାନଙ୍କ ବିବାହ ବୟସ ୧୮ରୁ ୨୧ ବର୍ଷକୁ ବୃଦ୍ଧି କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ପୁଅମାନଙ୍କ ସହ ଝିଅଙ୍କ ବିବାହ ବୟସ ସମାନ କରିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ବାଲ୍ୟ ବିବାହ ଆଇନ, ୨୦୦୬ର ସଂଶୋଧନ ପାଇଁ ସରକାର ପାର୍ଲାମେଣ୍ଟର ଚଳିତ ଶୀତ ଅଧିବେଶନରେ ବିଲ୍ ଆଣିପାରନ୍ତି। ବିଭିନ୍ନ ସମ୍ପ୍ରଦାୟ ପାଇଁ ବିବାହ ବୟସ ସମାନ କରିବା ନିମନ୍ତେ ପ୍ରସ୍ତାବିତ ବିଲ୍‌ରେ ବ୍ୟବସ୍ଥା ରହିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ବେଆଇନ ବାଲ୍ୟବିବାହ ରୋକିବା ପାଇଁ ଆଇନରେ ସର୍ବନିମ୍ନ ବିବାହ ବୟସ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ଧର୍ମର ପର୍ସନାଲ ଲ'ରେ ପ୍ରଥା ଆଧାରରେ ବିବାହ ବୟସ ସ୍ଥିର କରାଯାଇଛି। ହିନ୍ଦୁ ବିବାହ ଆଇନ, ୧୯୫୫ରେ ପୁଅଙ୍କ ପାଇଁ ସର୍ବନିମ୍ନ ବିବାହ ବୟସ ୨୧ ଓ ଝିଅଙ୍କ ପାଇଁ ୧୮ ବର୍ଷ ଧାର୍ଯ୍ୟ ହୋଇଛି। ସେହିପରି ଇସ୍‌ଲାମ ଧର୍ମରେ ଜଣେ ଯୌବନାବସ୍ଥା ପ୍ରାପ୍ତ ହେଲେ ବିବାହ ପାଇଁ ବୈଧ ହୋଇଥାଏ। ସ୍ୱତନ୍ତ୍ର ବିବାହ ଆଇନ, ୧୯୫୪ ଏବଂ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ରେ ମଧ୍ୟ ପୁଅ ଝିଅଙ୍କ ପାଇଁ ସର୍ବନିମ୍ନ ବିବାହ ବୟସ ଯଥାକ୍ରମେ ୨୧ ଓ ୧୮ ଧାର୍ଯ୍ୟ ହୋଇଛି। ବିବାହର ନୂଆ ବୟସସୀମା କାର୍ଯ୍ୟକାରୀ କରିବାକୁ ହେଲେ ଉପରୋକ୍ତ ଆଇନରେ ସଂଶୋଧନ ଆଣିବାକୁ ହେବ।

ଲିଙ୍ଗଗତ ସମାନତା ସମେତ ଏକାଧିକ କାରଣରୁ କେନ୍ଦ୍ର ସରକାର ଝିଅମାନଙ୍କ ବିବାହ ବୟସର ସମୀକ୍ଷା କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଶୀଘ୍ର ବିବାହ ଯୋଗୁ ମହିଳା ଶୀଘ୍ର ଗର୍ଭଧାରଣ କରୁଛନ୍ତି। ଫଳରେ ମାଆ ଓ ଶିଶୁଙ୍କ ପୋଷଣ ସ୍ତର ପ୍ରଭାବିତ ହେବା ସହ ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତି ଭଲ ରହୁନାହିଁ। ଶିଶୁ ଓ ମାତୃ ମୃତ୍ୟୁହାର ବଢ଼ିବା ପଛରେ ଏହା ମୁଖ୍ୟ କାରଣ। ନିକଟରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶରେ ବାଲ୍ୟବିବାହ ହ୍ରାସ ପାଇଛି। ୨୦୧୫-୧୬ରେ ବାଲ୍ୟ ବିବାହ ୨୭ ପ୍ରତିଶତ ଥିବାବେଳେ ୨୦୧୯-୨୦ରେ ଏହା ୨୩%କୁ କମିଛି। ଏହାକୁ ଆହୁରି କମାଇବା ପାଇଁ ସରକାର ଚାହୁଁଛନ୍ତି। ବର୍ତ୍ତମାନ ପୁରୁଷଙ୍କ ପାଇଁ ବିବାହର ସର୍ବନିମ୍ନ ଆଇନଗତ ବୟସ ୨୧ ଏବଂ ମହିଳାଙ୍କ ପାଇଁ ୧୮ ବର୍ଷ ଧାର୍ଯ୍ୟ ହୋଇଛି। ମହିଳାମାନଙ୍କ ସର୍ବନିମ୍ନ ବିବାହ ବୟସ କେତେ ହେବା ଆବଶ୍ୟକ ସେ ନେଇ ସରକାର ବିଚାରବିମର୍ଶ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଗତବର୍ଷ କହିଥିଲେ। ସମତା ପାର୍ଟିର ପୂର୍ବତନ ଅଧ୍ୟକ୍ଷା ଜୟା ଜେଟଲୀଙ୍କ ଅଧ୍ୟକ୍ଷତାରେ ଗଠିତ ୪ ଜଣିଆ ଟାସ୍କଫୋର୍ସ ମଧ୍ୟ ଝିଅମାନଙ୍କ ବିବାହ ବୟସ ବଢ଼ାଇବା ପାଇଁ ସୁପାରିସ କରିଥିଲା। ସବୁକ୍ଷେତ୍ରରେ ଆମେ ଲିଙ୍ଗଗତ ସମାନତା ଓ ସଶକ୍ତୀକରଣ କଥା କହୁଥିବାବେଳେ ବିବାହ ବୟସରେ ପାର୍ଥକ୍ୟ ରହିବା ସମାଜକୁ ଖରାପ ବାର୍ତ୍ତା ଦେଉଛି। ୧୮ ବର୍ଷରେ ଝିଅଟି ବିବାହ କରିବା ଦ୍ୱାରା ସେ ଉଚ୍ଚଶିକ୍ଷା ଓ କ୍ୟାରିୟର ଗଢ଼ିବାରୁ ବଞ୍ଚିତ ହେଉଛି ବୋଲି ଜେଟ୍‌ଲୀ କହିଥିଲେ। ଝିଅମାନେ ଏବେ ସବୁକିଛି କରିବାକୁ ସମର୍ଥ ହୋଇଥିବାବେଳେ ପରିବାରର ରୋଜଗାରକ୍ଷମ ସଦସ୍ୟ ନ ହୋଇ ସେମାନଙ୍କୁ ବିବାହ କରିଦିଆଯିବ କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ସେମାନଙ୍କୁ ରୋଜଗାରର ସୁଯୋଗ ଦେଇ ପୁରୁଷଙ୍କ ସହ ସମାନ ହେବାକୁ ଦିଆଯିବା ଆବଶ୍ୟକ। ଏଥିପାଇଁ ବିବାହ ବୟସ ସମାନ କରିବା ପାଇଁ ଅଧିକାଂଶ ମତବ୍ୟକ୍ତ କରିଛନ୍ତି। ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ଓ ଗ୍ରାମାଞ୍ଚଳର ଯୁବବର୍ଗଙ୍କଠାରୁ ଏନେଇ ମତାମତ ସଂଗ୍ରହ କରାଯାଇଥିଲା। ଧର୍ମମତ ନିର୍ବିଶେଷରେ ଅଧିକାଂଶ ଝିଅମାନଙ୍କ ବିବାହ ବୟସ ୨୨ କିମ୍ବା ୨୩ ରଖାଯିବା ସପକ୍ଷରେ ମତ ଦେଇଥିଲେ ବୋଲି ଜୟା କହିଛନ୍ତି। ଗତବର୍ଷ ଡିସେମ୍ବରରେ ଟାସ୍କଫୋର୍ସ ଏନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ), ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ନୀତି ଆୟୋଗଙ୍କୁ ସୁପାରିସ କରିଥିଲେ।











## ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି ମୁଖ୍ୟ ହେଲେ ଜେନେରାଲ ନରୱଣେ



ଜେନେରାଲ ଏମ୍.ଏମ୍. ନରୱଣେ

**ନୂଆଦିଲ୍ଲୀ, ୧୬।୧୨**

ସେନାମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେ ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟିର ଅଧ୍ୟକ୍ଷ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ୮ ତାରିଖରେ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍‌ଙ୍କ ପରଲୋକ ପରେ ତିନି ବାହିନୀର ମୁଖ୍ୟମାନଙ୍କ କମିଟିର ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ନରୱଣେ ସର୍ବବରିଷ୍ଠ ହୋଇଥିବାରୁ ତାଙ୍କୁ ଉକ୍ତ କମିଟିର ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ସିଡିଏସ୍ ପଦବୀ ସୃଷ୍ଟି ହେବା ପୂର୍ବରୁ ୩ ବାହିନୀର ମୁଖ୍ୟଙ୍କ ମଧ୍ୟରୁ ସର୍ବବରିଷ୍ଠଙ୍କୁ ☞ପୃଷ୍ଠା-୪

## ଦାରିଙ୍ଗବାଡ଼ି ୭ ଡିଗ୍ରୀ

**ଦାରିଙ୍ଗବାଡି, (ଡି.ଏନ୍.ଏ)/ ଭୁବନେଶ୍ୱର,(ବ୍ୟୁରୋ) ୧୬।୧୨**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଗତ ୩ଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି। ଗୁରୁବାର ସକାଳେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀକୁ ଖସିଆସିଛି, ଯାହାକି ଚଳିତବର୍ଷ ଦ୍ୱିତୀୟ ଥର ପାଇଁ ସବୁଠାରୁ କମ୍ ତାପମାତ୍ରା ବୋଲି ବିଡିଓ ଗଦାଧର ପାତ୍ର ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଗତ ମଙ୍ଗଳବାର ଓ ବୁଧବାର ତାପମାତ୍ରା ୭.୫ଡିଗ୍ରୀ ରହିଥିଲା। ସେହିଭଳି ଗତ ଦୁଇ ତିନି ଦିନ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ତଳମୁହାଁ ହୋଇଛି। ଅପରାହ୍ନ ୫ଟାରୁ ସକାଳ ୧୦ଟା ଯାଏ ଶୀତର ଅନୁଭୂତ ହେଉଛି। ରାଜ୍ୟର ୨୨ଟି ସ୍ଥାନରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ବିତର୍କ ଲୋଡ଼ା




## ଚାକିରି ପାଇଁ ପାଣି ଟାଙ୍କି ଉପରେ ୧୨୦ ଦିନ

ଲକ୍ଷ୍ନୌ: ଚାକିରି ନ ମିଳିବାରୁ ୧୨୦ ଦିନ ହେଲା ଏକ ପାଣି ଟାଙ୍କି ଉପରେ ବସି ବିକ୍ଷୋଭ ଜାରି ରଖିଛନ୍ତି ଉତ୍ତରପ୍ରଦେଶର ସ୍ନାତକୋତ୍ତର ଡିଗ୍ରୀଧାରୀ ଯୁବତୀ ଶିଖା ପାଲ୍ (୩୬)। ଲକ୍ଷ୍ନୌର ନିଶାନ୍ତଗଞ୍ଜରେ ଥିବା ଶିକ୍ଷା ନିର୍ଦ୍ଦେଶାଳୟ ନିକଟ ପାଣି ଟାଙ୍କି ଉପରେ ଶିଖାଙ୍କ ଏଭଳି ବିରୋଧ ପ୍ରଦର୍ଶନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟରେ ୨୨ ହଜାର ଶିକ୍ଷକ ପଦବୀ ଖାଲି ଥିବାରୁ ସେଥିରୁ ଗୋଟିଏରେ ନିଯୁକ୍ତି ଦେବାକୁ ଶିଖା ଦାବି କରିଛନ୍ତି।

## ସଂକ୍ଷେପରେ

### ଦେଉବା ନେପାଳୀ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ



କାଠମାଣ୍ଡୁ, ୧୬।୧୨: ନେପାଳ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବା (୭୫) ଦ୍ୱିତୀୟ ଥର ପାଇଁ ନେପାଳୀ କଂଗ୍ରେସ ପାର୍ଟିର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଡ. ଶେଖର କୋଇରାଲାଙ୍କୁ ସେ ପରାସ୍ତ କରିଛନ୍ତି। ଦଳର ୧୪ତମ ସାଧାରଣ ସମ୍ମିଳନୀରେ ଦେଉବାଙ୍କୁ ୨,୭୩୩ ଭୋଟ ମିଳିଥିବାବେଳେ କୋଇରାଲା ୧୮୫୫ ଭୋଟ ପାଇଥିଲେ। ଏହି ପଦବୀ ପାଇଁ ପୂର୍ବରୁ ଦେଉବା, କୋଇରାଲାଙ୍କ ସମେତ ପ୍ରକାଶ ମାନସିଂ, ବିମ୍ଳାଲେନ୍ଦ୍ର ନିଧି ଏବଂ କଲ୍ୟାଣ ଗୁରୁଙ୍ଗ ପ୍ରଥମ ରାଉଣ୍ଡ ନିର୍ବାଚନରେ ଭାଗ ନେଇଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ୫୦%ରୁ ଅଧିକ ଭୋଟ ନ ପାଇବାରୁ ଦ୍ୱିତୀୟ ରାଉଣ୍ଡ ନିର୍ବାଚନ ହୋଇଥିଲା। ଏଥିରେ ଦେଉବାଙ୍କୁ ସର୍ବାଧିକ ଭୋଟ ମିଳିଥିବାବେଳେ କୋଇରାଲା ଦ୍ୱିତୀୟ ସ୍ଥାନରେ ରହିଥିଲେ। କୋଇରାଲାଙ୍କ ବ୍ୟତୀତ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିବା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନେ ଦେଉବାଙ୍କୁ ସମର୍ଥନ ଦେଇଥିଲେ।

### ଦିଲ୍ଲୀରେ ୧୦ ବର୍ଷ ପୁରୁଣା ଗାଡ଼ି ପଞ୍ଜୀକରଣ ରଦ୍ଦ ହେବ



ନୂଆଦିଲ୍ଲୀ, ୧୬।୧୨: ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଜାନୁୟାରୀ ୧ରେ ୧୦ ବର୍ଷ ପୂରୁଥିବା ପୁରୁଣା ଡିଜେଲ ଗାଡ଼ିର ପଞ୍ଜୀକରଣକୁ ଦିଲ୍ଲୀ ସରକାର ରଦ୍ଦ କରିବେ। ଏଥିସହ ସବୁ ଅଞ୍ଚଳରେ ଥିବା ଏହି ପୁରୁଣା ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେଶନ ରଦ୍ଦ କରିବାକୁ ନୋ ଅବ୍‌ଜେକଶନ୍ ସାର୍ଟିଫିକେଟ (ଏନ୍‌ଓସି) ଜାରି କରାଯିବ। ୧୫ ବର୍ଷ କିମ୍ବା ତା'ଠାରୁ ଅଧିକ ପୁରୁଣା ଡିଜେଲ ଗାଡ଼ି ପାଇଁ କୌଣସି ଏନ୍‌ଓସି ଜାରି କରାଯିବ ନାହିଁ। ଏନ୍‌ଜିଟି ୨୦୧୬ ଜୁଲାଇରେ ଦିଲ୍ଲୀ-ଏନସିଆରରେ ୧୦ ବର୍ଷରୁ ଅଧିକ ଡିଜେଲ ଗାଡ଼ି, ୧୫ ବର୍ଷରୁ ଅଧିକ ପେଟ୍ରୋଲ ଯାନ ପଞ୍ଜୀକରଣ ଏବଂ ପରିବହନ ଉପରେ କଟକଣା ଲାଗୁ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ୧୦ ବର୍ଷ ପୁରୁଣା ଡିଜେଲ କିମ୍ବା ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ିକୁ ବ୍ୟବହାର କରିବାକୁ ଚାହୁଁଥିଲେ ଗାଡ଼ି ମାଲିକ ତାହାକୁ ବୈଦ୍ୟୁତିକ ଯାନରେ ପରିଣତ କରିପାରିବେ ବୋଲି ବିକଳ୍ପ ରଖାଯାଇଛି।

### ପାକିସ୍ତାନରେ ୪ ଗଣବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ

ଲାହୋର, ୧୬।୧୨(ପି.ଟି.)
ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ୪ ଜଣଙ୍କୁ ଗୁରୁବାର ମୃତ୍ୟୁଦଣ୍ଡାଦେଶ ପ୍ରଦାନ କରାଯାଇଛି। ଚଳିତବର୍ଷ ଜାନୁୟାରୀରେ ୪ ଅଭିଯୁକ୍ତ ନାସିର ଅହମ୍ମଦ, ମହମ୍ମଦ ୱାସିମ, ଉମର ହୟାତ ଏବଂ ଫକୀର ହୁସେନ୍ ବାହାୱାଲପୁର ଜିଲାର ଉକ୍ତ ଛାତ୍ରୀଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ସେମାନେ ପୀଡ଼ିତାଙ୍କ ଘରୁ ଟଙ୍କା ଓ ସୁନା ଗହଣା ନେଇ ଫେରାର ହୋଇଯାଇଥିଲେ। ବୁଧବାର ଅତିରିକ୍ତ ଜିଲା ଓ ଦୌରା ଜଜ୍ ରାଣା ଅବଦୁଲ ହକିମ୍ ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

# ଅକ୍ସିଜେନ୍, ଚିକିତ୍ସା ଉପକରଣ ପ୍ରସ୍ତୁତ ରଖ

## ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ

ନୂଆଦିଲ୍ଲୀ, ୧୬।୧୨



ଓମିକ୍ରନ୍‌କୁ ନେଇ ବଢ଼ୁଛି ଚିନ୍ତା

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ବଢ଼ିଚାଲିଥିବାରୁ କେନ୍ଦ୍ର ସରକାର ଚିନ୍ତିତ ହୋଇପଡ଼ିଛନ୍ତି। ବୁଧବାର କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଅକ୍ସିଜେନ୍ ଯୋଗାଣ, ଚିକିତ୍ସା ଉପକରଣ, ଭେଣ୍ଟିଲେଟର, କନ୍‌ସେଣ୍ଟ୍ରେଟର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଅକ୍ସିଜେନ୍ ଓ ଚିକିତ୍ସା ଉପକରଣ ପ୍ରସ୍ତୁତ ରଖିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ସଂକ୍ରମଣ ବୃଦ୍ଧି ଘଟିଲେ ଏହାର ମୁକାବିଲା ପାଇଁ ପର୍ଯ୍ୟାପ୍ତ ପ୍ରସ୍ତୁତି ଆବଶ୍ୟକ। କୋଭିଡ୍-୧୯ ମହାମାରୀର ମୁକାବିଲା ଲାଗି ପର୍ଯ୍ୟାପ୍ତ ପରିମାଣର ଅବାଧ ମେଡିକାଲ ଅକ୍ସିଜେନ୍ ଯୋଗାଣ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦୈନିକ ଭିତ୍ତିରେ ଉପରୋକ୍ତ ସାମଗ୍ରୀ କେତେ ଉପଲବ୍ଧ ରହିଛି ତାହା ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

ନୂଆ ସ୍ଥାପନ ହୋଇଥିବା ଅକ୍ସିଜେନ୍ ପ୍ଲାଣ୍ଟଗୁଡ଼ିକ କେତେ ପରିମାଣରେ ଅକ୍ସିଜେନ୍ ଯୋଗାଇପାରିବ, ଏହାର ଚାପ ଓ ବିଶୁଦ୍ଧତା ଆଦି ଉପରେ ସୁନିଶ୍ଚିତ ହେବା ଲାଗି ଡିସେମ୍ବର ସୁଦ୍ଧା ମକ୍ ଡ୍ରିଲ୍ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି। ଯଦିଓ ଅଧିକାଂଶ ରାଜ୍ୟରେ ଚିକିତ୍ସା ଉପକରଣ ମଞ୍ଜୁର ହୋଇଛି ସେଗୁଡ଼ିକ ଜିଲା ଚିକିତ୍ସା କେନ୍ଦ୍ରରେ ପହଞ୍ଚିପାରିନାହିଁ ଓ କେତେକ କାର୍ଯ୍ୟକ୍ଷମ ହୋଇ ନ ଥିବା ଭୂଷଣ କହିଥିଲେ। ବର୍ତ୍ତମାନ ସୁଦ୍ଧା ଦେଶରେ ୩,୨୩୬ ପିଏସ୍‌ଏ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି ଯାହାର ମୋଟ ଅକ୍ସିଜେନ୍ ଉତ୍ପାଦନ କ୍ଷମତା ୩,୭୮୩ ମେଟ୍ରିକ୍ ଟନ୍। ଏହା ବ୍ୟତୀତ ପିଏମ୍ କେୟାର୍ସ ଏବଂ ଜରୁରୀ କୋଭିଡ୍ ରିଲିଫ୍ ପ୍ୟାକେଜ୍‌ରେ ରାଜ୍ୟଗୁଡ଼ିକୁ ୧,୧୪,୦୦୦ ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ଯୋଗାଇ ଦିଆଯାଇଛି।

# 'ଏବେ ବି ନାରୀ ସୁରକ୍ଷା ଅନାଲୋଚିତ ବିଷୟ'

## ନିର୍ଭୟା କାଣ୍ଡକୁ ୯ ବର୍ଷ

ନୂଆଦିଲ୍ଲୀ, ୧୬।୧୨

ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣାକୁ ୯ ବର୍ଷ ପୂରିଛି। ୨୦୧୨ ଡିସେମ୍ବର ୧୬ ରାତିରେ ଏହି ବୀଭତ୍ସ ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଦକ୍ଷିଣ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ୨୨ ବର୍ଷୀୟ ପାରାମେଡିକ୍ ଛାତ୍ରୀ ନିର୍ଭୟାଙ୍କୁ ୬ ଜଣ ଗଣବଳାତ୍କାର କରିବା ସହ ଅତି ଅମାନୁଷିକ ଭାବେ ଆକ୍ରମଣ କରି ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦେଇଥିଲେ। ମୁମୂର୍ଷୁ ଅବସ୍ଥାରେ ୧୫ ଦିନ ମୃତ୍ୟୁସହ ସଂଗ୍ରାମ କରିବା ପରେ ପୀଡ଼ିତା ସିଙ୍ଗାପୁରର ଏକ ହସ୍ପିଟାଲରେ ଆଖି ବୁଜିଥିଲେ। ଏହି ଘଟଣାକୁ ନେଇ ସାରା ଦେଶରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ବଳାତ୍କାର ରୋକିବା ଲାଗି ଆଇନକୁ କଠୋର କରିବା ନିମନ୍ତେ ଦାବି ହୋଇଥିଲା। ୯ ବର୍ଷ ପରେ ବି ଦେଶରେ ମହିଳା ଅସୁରକ୍ଷିତ। ଏଥିରୁ ସରକାର କିଛି ଶିକ୍ଷା ଗ୍ରହଣ କଲେନାହିଁ। ନାରୀ ସୁରକ୍ଷା ପ୍ରସଙ୍ଗ ଅନାଲୋଚିତ ବିଷୟ ହୋଇ ରହିଗଲା ବୋଲି ନିର୍ଭୟାଙ୍କ ବାପା କହିଛନ୍ତି। ଗତବର୍ଷ ୪ ଅପରାଧୀଙ୍କୁ ଫାଶୀ ଦିଆଯାଇଥିଲା। ଗଣସମର୍ଥନ ଯୋଗୁ ଏହା ସମ୍ଭବ ହୋଇଥିଲା। ହେଲେ ଏବେ ମଧ୍ୟ ଦିଲ୍ଲୀ ମହିଳାଙ୍କ ପାଇଁ ଅସୁରକ୍ଷିତ। ପାର୍ଲାମେଣ୍ଟର ମହିଳା ସଦସ୍ୟମାନେ ନାରୀ ସୁରକ୍ଷା ପ୍ରସଙ୍ଗ ବାରମ୍ବାର ଉଠାଇବା ଆବଶ୍ୟକ, ଯାହା ହେଉନାହିଁ ବୋଲି ନିର୍ଭୟାଙ୍କ ବାପା କହିଛନ୍ତି।

# ମନ୍ତ୍ରୀ ଅଜୟ ମିଶ୍ରାଙ୍କ ବହିଷ୍କାର ଦାବିରେ ହଟ୍ଟଗୋଳ

## ଲୋକ ସଭା ଦିନକ ପାଇଁ ମୁଲତବୀ

ନୂଆଦିଲ୍ଲୀ, ୧୬।୧୨(ପି.ଟି.)

ଲଖିମପୁର ଖେରି ହିଂସା ସହ ସମ୍ପୃକ୍ତି ଅଭିଯୋଗରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ବହିଷ୍କାର ଦାବିରେ ଗୁରୁବାର ହଟ୍ଟଗୋଳ ଜାରି ରହିବାରୁ ଲୋକ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀମାନେ ମିଶ୍ରାଙ୍କ ବହିଷ୍କାର ଦାବି କରିଥିଲେ। ପ୍ରଶ୍ନୋତ୍ତର କାଳରେ ଏମ୍‌ଏସ୍‌ଏମ୍‌ଇ ପ୍ରସଙ୍ଗରେ ରାହୁଲଙ୍କ ପ୍ରଶ୍ନ କରିବାର ଥିଲା। ବାଚସ୍ପତି ଓମ୍ ବିର୍ଲା ତାଙ୍କ ନାମ ଡାକିବା ପରେ ସେ ଅଜୟ ମିଶ୍ରାଙ୍କୁ ଅପରାଧୀ କହିବା ସହ ତାଙ୍କ ବହିଷ୍କାର ଦାବି କରିଥିଲେ। ଏହା ପରେ ବିରୋଧୀ ସଦସ୍ୟମାନେ ପ୍ଲାକାର୍ଡ ଧରି ଗୃହ ମଧ୍ୟଭାଗକୁ ଆସି ମିଶ୍ରାଙ୍କ ବହିଷ୍କାର ଦାବିରେ ସ୍ଲୋଗାନ ଦେଇଥିଲେ। ଏହି ହଟ୍ଟଗୋଳରେ ବିରୋଧୀଙ୍କ ସହ ତୃଣମୂଳ କଂଗ୍ରେସ ସଦସ୍ୟମାନେ ମଧ୍ୟ ସାମିଲ ହୋଇଥିଲେ। ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

ସେହିପରି ରାଜ୍ୟ ସଭାରେ ମଧ୍ୟ ଗୁରୁବାର କୌଣସି କାର୍ଯ୍ୟ ହୋଇପାରି ନାହିଁ। ନିଲମ୍ବିତ ୧୨ ସଦସ୍ୟଙ୍କ ପ୍ରସଙ୍ଗ ଉଠାଇ ବିରୋଧରେ ହୋହାଲ୍ଲା କରିବାରୁ ଗୃହକୁ ମୁଲତବୀ ରଖାଯାଇଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ୧୨ ଏମ୍‌ପିଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେବା ଲାଗି ବିରୋଧୀ ସଦସ୍ୟମାନେ ଦାବି କରିଥିଲେ। ଏଥିସହିତ ଲଖିମପୁର ଖେରି ହିଂସାରେ ୪ ଚାଷୀଙ୍କ ସମେତ ୮ ଜଣଙ୍କ ଜୀବନ ଯାଇଥିବାବେଳେ ଏହାର ଏସ୍‌ଆଇଟି ତଦନ୍ତ ରିପୋର୍ଟ ଉପରେ ଆଲୋଚନା ପାଇଁ ରୁଲ୍ ୨୬୭ରେ କଂଗ୍ରେସ ନୋଟିସ ଦେଇଥିଲା। ଏହା ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଚାହିଁବାରୁ ଗୃହର ଅଧ୍ୟକ୍ଷ ଏଥିପାଇଁ ଅନୁମତି ଦେଇ ନ ଥିଲେ। ହଟ୍ଟଗୋଳ ମଧ୍ୟରେ ଅଧ୍ୟକ୍ଷ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାରୁ ବିରୋଧୀ ଅନୁରୂପ ଭାବେ ଗୃହ ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ।

# ୨ ଲଶ୍କର ଆତଙ୍କବାଦୀ ନିହତ

ଶ୍ରୀନଗର, ୧୬।୧୨

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲାରେ ଗୁରୁବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବାର ୨ ଆତଙ୍କବାଦୀ ନିହତ ହୋଇଛନ୍ତି। କୁଲ୍‌ଗାମର ରେଡ୍‌ୱାନି ଅଞ୍ଚଳ ଅନ୍ତର୍ଗତ ଏକ ଗ୍ରାମରେ ଆତଙ୍କବାଦୀମାନଙ୍କ ଉପସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇ ପୋଲିସ ଓ ସେନା ଯବାନଙ୍କ ପକ୍ଷରୁ ମିଳିତ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ ସୁଯୋଗ ଦିଆଯିବା ସତ୍ତ୍ୱେ ସେମାନେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା ବୋଲି ପୋଲିସ କହିଛି। ଏନ୍‌କାଉଣ୍ଟର ସ୍ଥଳରୁ ୨ ଆତଙ୍କବାଦୀଙ୍କ ମୃତଦେହ ମିଳିଛି। ସେମାନେ ହେଲେ କୁଜ୍ଜର ଫ୍ରିସଲ ଅଞ୍ଚଳର ଅମିର ବଶିର ଦର୍ ଏବଂ ସୁରସାନୋ ହାଟିପୋରା ଅଞ୍ଚଳର ଆଦିଲ ୟୁସୁଫ୍ ଶାନ୍ ବୋଲି ଜଣାପଡ଼ିଛି। ସେମାନେ ଏକାଧିକ ଆତଙ୍କବାଦୀ ଅପରାଧ ସହ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ଆପରାଧିକ ସରଞ୍ଜାମ, ୨ଟି ପିସ୍ତଲ, ୨ ମାଗାଜିନ, ଗୁଳିଗୋଳା ଓ ଗ୍ରେନେଡ୍ ଜବତ ହୋଇଛି। ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

# ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୋଦି



## ସ୍ୱର୍ଣ୍ଣିମ ବିଜୟ ମଶାଲରେ ୪ ଜ୍ୟୋତିକୁ ମିଶାଇଲେ

ନୂଆଦିଲ୍ଲୀ, ୧୬।୧୨

୧୯୭୧ ଭାରତ-ପାକ୍ ଯୁଦ୍ଧ ବିଜୟ ଓ ବାଂଲାଦେଶ ଗଠନର ୫୦ତମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ସେ ସେଠାରେ ଥିବା ଶାଶ୍ୱତ ସ୍ୱର୍ଣ୍ଣିମ ବିଜୟ ମଶାଲରେ ୪ଟି ବିଜୟ ଜ୍ୟୋତିକୁ ସାମିଲ କରିଛନ୍ତି। ଏହି ମଶାଲ ସିଆଚେନ୍, କନ୍ୟାକୁମାରୀ, ଆଣ୍ଡାମାନ ନିକୋବର ଦ୍ୱୀପ, କଚ୍ଛର ରାନ୍, ଅଗରତାଲା ଆଦି ପ୍ରମୁଖ ଯୁଦ୍ଧସ୍ଥଳ ଏବଂ ୧୯୭୧ ଯୁଦ୍ଧରେ ବୀରତା ପୁରସ୍କାରପ୍ରାପ୍ତ ଯବାନଙ୍କ ଘରୁ ଅଣାଯାଇଥିଲା। ଦୀର୍ଘଯାତ୍ରା ପରେ ମଶାଲଗୁଡ଼ିକ ଜାତୀୟ ଯୁଦ୍ଧ ସ୍ମାରକୀରେ ପହଞ୍ଚିଥିଲା। ପ୍ରତିବର୍ଷ ଡିସେମ୍ବର ୧୬କୁ ବିଜୟ ଦିବସ ଭାବେ ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ୫୦ ବର୍ଷ ପୂରଣ ଅବସରରେ ଏହାକୁ ସ୍ୱର୍ଣ୍ଣିମ ବିଜୟ ବର୍ଷ ଭାବେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ ସ୍ମାରକ ଟିକେଟ ଜାରି କରାଯାଇଛି।



ବେଙ୍ଗାଲୁରୁର ୟାଲାହାଙ୍କା ବାୟୁସେନା ଘାଟିରେ ଗ୍ରୁପ୍ କ୍ୟାପ୍‌ଟେନ ବରୁଣ ସିଂଙ୍କୁ ତାଙ୍କ ପରିବାର ଗୁରୁବାର ଅନ୍ତିମ ବିଦାୟ ଦେଉଛନ୍ତି।

# ଖାଦ୍ୟ ନିରାପତ୍ତାର ସମାଧାନ ପ୍ରାକୃତିକ କୃଷି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୧୨(ଆଇଏଏନ୍‌ଏସ୍)

ପ୍ରାକୃତିକ କୃଷି ଆପଣାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୮୦ ପ୍ରତିଶତ କ୍ଷୁଦ୍ର ଚାଷୀଙ୍କୁ ଗୁରୁବାର ଆହ୍ୱାନ ଦେଇଛନ୍ତି। ପ୍ରକୃତି ଭିତ୍ତିକ ସମାଧାନ ଖାଦ୍ୟ ନିରାପତ୍ତା ଯୋଗାଇବା ସହ ପରିବେଶରେ ସନ୍ତୁଳନ ଆଣିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗୁଜରାଟ ଓ ହିମାଚଳପ୍ରଦେଶରେ ଚାଷୀମାନେ ପ୍ରାକୃତିକ କୃଷିକୁ ଆପଣାଇଛନ୍ତି। ଏହାକୁ ଏକ ଜନ ଆନ୍ଦୋଳନ ଭାବେ ଗ୍ରହଣ କରିବା ଏବଂ ପ୍ରତି ପଞ୍ଚାୟତରେ ଅନ୍ୟୂନ ଗୋଟିଏ ଗାଁରେ ଶତ ପ୍ରତିଶତ ପ୍ରାକୃତିକ କୃଷି ସୁନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

କୃଷିକୁ ରାସାୟନିକ ଲାବରେଟୋରିରୁ ପ୍ରକୃତିର ଗବେଷଣାଗାରକୁ ନେଇଯିବାକୁ ହେବ ବୋଲି ଗୁଜରାଟର ଆନନ୍ଦଠାରେ ପ୍ରାକୃତିକ କୃଷି ଉପରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ। ପ୍ରାକୃତିକ କୃଷି ସହ ଦେଶୀ ଗାଈଗୁଡ଼ିକର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କମ୍ ଜଳସେଚନ ଆବଶ୍ୟକ କରୁଥିବା ଜମି ମରୁଡ଼ି ଓ ବନ୍ୟା ଦାଉରୁ ଫସଲକୁ ସୁରକ୍ଷା ଦେଇଥାଏ। ସାରା ବିଶ୍ୱ ଏବେ ମୂଳକୁ ଫେରିଯିବା କଥା କହୁଥିବାବେଳେ ଆମକୁ ଆମର କୃଷିଭିତ୍ତିକ ସଭ୍ୟତା କଥା ମନେ ପକାଇବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପୂର୍ବରୁ କୃଷି ସହ ସମ୍ପୃକ୍ତ ଥିବା ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ନିଜ ରାଜ୍ୟ ହରିୟାଣାରେ ପ୍ରାକୃତିକ କୃଷି କରିବା ଲାଗି କିପରି ପ୍ରେରିତ ହୋଇଥିଲେ ସେ ବିଷୟ ଉଲ୍ଲେଖ କରିଥିଲେ। ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ଉର୍ବରତା ହରାଇଥିବା ଜମିକୁ ପୁନର୍ବାର କୃଷି ଉପଯୋଗୀ କରିବାରେ ଏହା ସହାୟକ ହୋଇଥିଲା।

# ଚୋରି ଅଭିଯୋଗରେ ଲଣ୍ଡା କରି ପିଟିଲେ

ମୈନପୁରୀ, ୧୬।୧୨

ଉତ୍ତରପ୍ରଦେଶର ମୈନପୁରୀ ଜିଲାରେ ଚୋରି ଅଭିଯୋଗରେ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ସ୍ଥାନୀୟ ଲୋକେ ଅଧା ଲଣ୍ଡା କରି ନିସ୍ଠୁର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯୁବକ ଜଣକ ଏକ ଏସ୍‌ୟୁଭିରୁ ମ୍ୟୁଜିକ୍ ସିଷ୍ଟମ୍ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଭିଡିଓରେ ଜଣେ ଲୋକ ତାଙ୍କୁ ଲଣ୍ଡା କରୁଥିବା ବେଳେ ଅନ୍ୟମାନେ ଗୋଇଠା ଓ ମାଡ଼ ମାରୁଥିବା ଦେଖାଯାଉଛି। ଅଭିଯୁକ୍ତଙ୍କ ପରିଚୟ ସମସ୍ତେ ଜାଣିବା ନିମନ୍ତେ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଲାଗି କେତେକ କହୁଥିବା ଶୁଣାଯାଇଛି। କୁଶଲପୁର ଗ୍ରାମରେ ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ପୂର୍ବରୁ ଉକ୍ତ ଯୁବକ ଏକ ଟ୍ରାକ୍ଟରରୁ ବ୍ୟାଟେରି ଚୋରିକରି ଧରାପଡ଼ିଥିଲେ ବୋଲି ବେୱାର ଥାନା ଏସ୍‌ଏଚ୍‌ଓ କହିଛନ୍ତି।

# 'ଇନ୍ଦିରାଙ୍କ ଅବଦାନ ଭୁଲିଯାଇଛି କେନ୍ଦ୍ର'

ନୂଆଦିଲ୍ଲୀ, ୧୬।୧୨

୧୯୭୧ ଯୁଦ୍ଧ ବିଜୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅବଦାନକୁ କେନ୍ଦ୍ରର ଭାଜପା ସରକାର ଭୁଲିଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଯୁଦ୍ଧ ବିଜୟରେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରାଙ୍କ ପ୍ରମୁଖ ଭୂମିକା ଥିଲେ ହେଁ ନାରୀମାନଙ୍କ ପ୍ରତି ବିଦ୍ୱେଷ ମନୋଭାବ ରଖି ଭାଜପା ତାଙ୍କ ଅବଦାନକୁ ସ୍ୱୀକାର କରିବାକୁ ପଛଘୁଞ୍ଚା ଦେଉଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ବାଂଲାଦେଶ ମୁକ୍ତି ଦିବସ ପାଳନ ସମାରୋହରେ କେଉଁଠି ବି ଇନ୍ଦିରାଙ୍କ କଥା ଦର୍ଶାଯାଇନାହିଁ। ଦେଶ ପାଇଁ ସେ ୩୨ ଗୁଳି ଖାଇଥିଲେ। କେନ୍ଦ୍ର ସରକାର ସତକୁ ଭୟ କରୁଥିବାରୁ ତାଙ୍କ ନାଁ ମଧ୍ୟ ନିମନ୍ତ୍ରଣ ପତ୍ରରେ ଉଲ୍ଲେଖକଲେନାହିଁବୋଲି ରାହୁଲ କହିଛନ୍ତି।

# କିଛି ଦିନ ଏକାଠି ରହିବା ଲିଭ୍-ଇନ୍ ରିଲେଶନଶିପ୍ ନୁହେଁ

## ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ

ଚଣ୍ଡିଗଡ଼, ୧୬।୧୨

ଯଦି ଦୁଇ ପ୍ରାପ୍ତବୟସ୍କ ଯୁବତୀ ଯୁବକ କିଛି ଦିନ ପାଇଁ ସହମତିରେ ଏକାଠି ରୁହନ୍ତି ତେବେ ସେମାନେ ବାସ୍ତବରେ ଲିଭ୍-ଇନ୍ ରିଲେଶନଶିପ୍‌ରେ ରହୁଛନ୍ତି ବୋଲି କୁହାଯାଇପାରିବ ନାହିଁ। କେତେ ଦିନ ପର୍ଯ୍ୟନ୍ତ ସେମାନେ ଏକାଠି ରହୁଛନ୍ତି, ଜଣେ ଅନ୍ୟ ଜଣଙ୍କ ପାଇଁ ଥିବା କର୍ତ୍ତବ୍ୟ ପାଳନ କରୁଛନ୍ତି କି ନାହିଁ, ପରସ୍ପରର ଦାୟିତ୍ୱ ନେଉଛନ୍ତି କି ନା ସେସବୁକୁ ଆଧାର କରି କୌଣସି ସମ୍ପର୍କ ବିବାହର ଅନୁରୂପ ହୋଇପାରିବ ବୋଲି କହିଛନ୍ତି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ। ଜଷ୍ଟିସ୍ ମନୋଜ ବଜାଜ ହରିୟାଣା ଯମୁନାନଗର ଜିଲାର ଏକ ଯୋଡ଼ିଙ୍କ ଆବେଦନ ଉପରେ ଶୁଣାଣି କରି ଏହି ରାୟ ଦେଇଛନ୍ତି।

ଘଟଣା ଅନୁଯାୟୀ, ଜଣେ ୧୮ ବର୍ଷୀୟା ଯୁବତୀ ଏବଂ ୨୦ ବର୍ଷୀୟ ଯୁବକ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଉଭୟେ ପରସ୍ପରକୁ ପ୍ରେମ କରୁଥିବା ଏବଂ ବିବାହ ବୟସ ହେବା ପରେ ବାହା ହୋଇଥାନ୍ତେ ବୋଲି ସ୍ଥିର କରିଥିଲେ। କିନ୍ତୁ ଯୁବତୀଙ୍କ ମା'ବାପା ଅନ୍ୟତ୍ର ତାଙ୍କ ବାହାଘର କରିବାକୁ ଯୋଜନା କରିଥିଲେ। ଯୁବତୀ ଜଣଙ୍କ ଘରୁ ପଳାଇଯାଇ ଯୁବକଙ୍କ ସହ ଗତ ନଭେମ୍ବର ୨୪ରୁ କିଛି ଦିନ ଲିଭ୍-ଇନ୍ ରିଲେଶନଶିପ୍‌ରେ ରହିଥିବା ପିଟିଶନରେ ଦର୍ଶାଇଥିଲେ। ଏଥିସହ ଯୁବତୀଙ୍କ ଘରଲୋକେ ସେମାନଙ୍କୁ ଧମକ ଦେଉଥିବାରୁ କୋର୍ଟ ପକ୍ଷରୁ ସୁରକ୍ଷା ମାଗିଥିଲେ। ତେବେ ଧମକ ଅଭିଯୋଗର ସତ୍ୟତା ବିଶ୍ୱାସଯୋଗ୍ୟ ହେଉ ନ ଥିବା କହି ହାଇକୋର୍ଟ ପିଟିଶନରଙ୍କ ଆବେଦନ ଖାରଜ କରିଦେଇଛନ୍ତି। ଏଥିସହ ଆବେଦନକାରୀଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।





**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୨୭,୮୩,୦୫୨ | ୫୩,୪୯,୫୯୮ | ୨୪,୫୦,୯୮,୪୬୨ |
| ଭାରତ | ୩,୪୭,୧୮,୬୬୯ | ୪,୭୬,୪୭୮ | ୩,୪୧,୫୪,୮୭୯ |
| ଓଡ଼ିଶା | ୧୦,୫୨,୩୧୮ | ୮୪୪୦(+୫୩) | ୧୦,୪୨,୦୦୨ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କଳିଙ୍ଗା ଘାଟିରେ ଓଲଟିଲା ଟୁରିଷ୍ଟ ବସ୍

**ଭଞ୍ଜନଗର,୧୬।୧୨(ଡି.ଏନ.ଏ.):** ଗଞ୍ଜାମ-କନ୍ଧମାଳ ଜିଲା ସୀମା କଳିଙ୍ଗା ଘାଟିରେ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ପଶ୍ଚିମବଙ୍ଗର ଏକ ଟୁରିଷ୍ଟ ବସ୍ ଓଲଟି ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ଭଞ୍ଜନଗର ଓ ଜି.ଉଦୟଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଭଞ୍ଜନଗର ଓ ଜି.ଉଦୟଗିରି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ପଶ୍ଚିମବଙ୍ଗର ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ି ବୁଲି ସନ୍ଧ୍ୟାରେ ଗଞ୍ଜାମ ଅଭିମୁଖେ ଆସୁଥିଲେ। କଳିଙ୍ଗା ଘାଟିରେ ଚାଳକ ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ଯାତ୍ରୀମାନେ ଆହତ ହୋଇଥିଲେ। କଳିଙ୍ଗା ଘାଟିରେ ରାତିରେ ବାହାରୁ ଆସୁଥିବା ଗାଡ଼ି ଚାଳକମାନେ ଠିକ୍ ଭାବେ ରାସ୍ତା ନିର୍ଣ୍ଣୟ କରିପାରୁ ନ ଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି।

### ୨ୟ ଡୋଜ୍ ଟିକା ନେବା ପରେ ମହିଳାଙ୍କ ମୃତ୍ୟୁ

**ବାରିପଦା ଅଫିସ,୧୬।୧୨:** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଗାଙ୍ଗରାଜସ୍ଥିତ ଅଙ୍ଗନୱାଡି ଟିକାକରଣ କେନ୍ଦ୍ରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଦ୍ୱିତୀୟ ଡୋଜ୍ କୋଭିସିଲ୍ଡ ଟିକା ନେବାର କିଛି ସମୟ ମଧ୍ୟରେ ଜଣେ ବିଧବାଙ୍କ ମୃତ୍ୟୁ ଘଟିବାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମୃତ ମହିଳା ଜଣକ ହେଲେ ଗାଙ୍ଗରାଜ ଗ୍ରାମର ଶାନ୍ତିଲତା ସିଂ। ଗୁରୁବାର ପୂର୍ବାହ୍ନରେ ଦାଦା ସୁରେନ୍ଦ୍ର ସିଂଙ୍କ ସହ ଶାନ୍ତିଲତା ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ଉକ୍ତ କେନ୍ଦ୍ରରେ ପହଞ୍ଚିଥିଲେ। ଟିକା ନେବା ପରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଶାନ୍ତିଲତାଙ୍କୁ ବିଶ୍ରାମ ନେବା ପାଇଁ କହିଥିଲେ। ତେବେ ୫ମିନିଟ ପରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ କୁଳିଅଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ବରଯାତ୍ରୀ ଗାଡ଼ି ଧକ୍କାରେ ସେନା କର୍ମଚାରୀ ମୃତ

**ଚାନ୍ଦବାଲି,୧୬।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନାଲଗୁଣ୍ଡାଠାରେ ମର୍ନିଂୱାକ୍ ବେଳେ ଗୁରୁବାର ଏକ ବରଯାତ୍ରୀ ଗାଡ଼ି ଧକ୍କାରେ ଜଣେ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭାରତୀୟ ସେନାରେ କାର୍ଯ୍ୟରତ ନାଲଗୁଣ୍ଡା ପଞ୍ଚାୟତ ପଛପଡ଼ା ଗ୍ରାମର ଶିବାଜୀ ବାରିକ(୨୬)। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ବରଯାତ୍ରୀ ଗାଡ଼ି ରାସ୍ତା ତଳକୁ ଖସି ପଡ଼ିଥିଲା। ଏଥିରେ ଦୁଇଜଣ ଆହତ ହୋଇ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶିବାଜୀ ମର୍ନିଂୱାକ୍ ସାରି ଘରକୁ ଫେରୁଥିଲେ। ଏହି ସମୟରେ ବାଲେଶ୍ୱରରୁ ବିବାହ ଉତ୍ସବ ସାରି ପାରାଦୀପ ଅଭିମୁଖେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଘଟଣାସ୍ଥଳରୁ ଲୋକଙ୍କ ବୟାନ ରେକର୍ଡ

## ଚିତ୍ତରଞ୍ଜନ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ

- ପରିବାର ଲୋକଙ୍କୁ ଭେଟିଲା କ୍ରାଇମବ୍ରାଞ୍ଚ ଟିମ୍
- ମହିଳା ଏବଂ ତାଙ୍କ ଝିଅଙ୍କୁ ନେଇ ଚର୍ଚ୍ଚା

**ପୁରୀ ଅଫିସ,୧୬।୧୨**

ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲେଇ ହତ୍ୟା ମାମଲାର ଗୁରୁବାର କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ମୃତଦେହ ଜବତ ହୋଇଥିବା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ବୟାନ ରେକର୍ଡ କରିଛି। ଦୁର୍ଘଟଣା ସ୍ଥାନରୁ ନଦୀର ଦୂରତା ଏବଂ ନଦୀର ଗଭୀରତାକୁ ମାପ କରାଯାଇଛି। ଏଥିସହ ୬ଜଣଙ୍କୁ ଜେରା କରାଯାଇଛି। ଅପରାହ୍ନରେ ମୃତ ଚିତ୍ତରଞ୍ଜନଙ୍କ ପରିବାର ଲୋକଙ୍କୁ ଭେଟି ଘଟଣା ସମ୍ପର୍କରେ ଟିମ୍ ପଚାରି ବୁଝିଛନ୍ତି। ତେବେ ଚକରପଡ଼ାର ଜନୈକା ମହିଳାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରିବା ଘଟଣା ଏବେ ଚର୍ଚ୍ଚା ଜୋର ଧରିଛି।

କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ନିକଟରେ ଜନୈକ ସ୍ଥାନୀୟ ବ୍ୟକ୍ତିଙ୍କ କହିବାନୁସାରେ ଗତ ୧୪ତାରିଖରେ ପୁରୀ ପୋଲିସ ଗବକୁଣ୍ଡ ନିକଟବର୍ତ୍ତୀ ଚକରପଡ଼ା ଗ୍ରାମକୁ ଯାଇ ଜଣେ ମହିଳାଙ୍କୁ ପଚରାଉଚରା କରିଥିବା ଜାଣିଛୁ। ପୂର୍ବରୁ ଉକ୍ତ ମହିଳାଙ୍କ ଘରକୁ ଚିତ୍ତରଞ୍ଜନ ଓ ଜଗନ୍ନାଥ ଷଡ଼ଙ୍ଗୀ ଏକାଧିକବାର ଯାଇଛନ୍ତି। ସେହିଭଳି ଗତ ଶନିବାର ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ୨ଯୁବକ ଗଡ଼ମୃଗଶିରା ବନ୍ଧ ରାସ୍ତାରେ ଯାଉଥିବା ଦେଖିଥିବା ସ୍ଥାନୀୟ ଲୋକେ କ୍ରାଇମବ୍ରାଞ୍ଚ ଟିମ୍‌କୁ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ପରେ କ୍ରାଇମବ୍ରାଞ୍ଚ ଟିମ୍ ସିଧା ବାସେଳୀ ସାହି ଥାନାରେ ପହଞ୍ଚିଥିଲେ। ବାସେଳୀ ସାହି ଥାନାରେ ସମ୍ପୃକ୍ତ ମହିଳା ଓ ତାଙ୍କ ଝିଅଙ୍କୁ ଜେରା କରାଯାଇଥିଲା। ଚିତ୍ତ ଓ ଜଗା ଏହା ପୂର୍ବରୁ ତାଙ୍କ ନିକଟକୁ ଯାଉଥିଲେ କି ? ଯଦି ହଁ ତେବେ କାହିଁକି ଯାଉଥିଲେ ଓ ଘଟଣା ରାତିରେ କ'ଣ ଘଟିଥିଲା ଭଳି ଅନେକ ପ୍ରଶ୍ନ ପଚରାଯାଇଛି। ଏହାବ୍ୟତୀତ ପୋଲିସ ଜେରା କରିଥିବା ସମସ୍ତ ବ୍ୟକ୍ତିଙ୍କୁ ପୁଣି ଥରେ କ୍ରାଇମବ୍ରାଞ୍ଚ ଜେରା କରିଛି। ସେମାନଙ୍କ ମଧ୍ୟରେ ସଞ୍ଜୟଙ୍କ ପିଏସ୍‌ଓ ସର୍ବେଶ୍ୱର ଜେନା, ଚିତ୍ତଙ୍କ ପୁତୁରା ଦିଲୀପ ପଲାଇ, ଉମାକାନ୍ତ ପାଇକରାୟ, ସୂର୍ଯ୍ୟପ୍ରସାଦ ମିଶ୍ର ଓ ଜଗନ୍ନାଥ ଷଡ଼ଙ୍ଗୀ ରହିଛନ୍ତି। ଜେରା କରାଯାଉଥିବା ସମସ୍ୟ ବ୍ୟକ୍ତିଙ୍କ କଲ ରେକର୍ଡ ମଧ୍ୟ ଯାଞ୍ଚ କରାଯାଇଛି। ପୋଲିସ ଘଟଣାସ୍ଥଳରେ ସେହି ସମୟ ସୀମା ମଧ୍ୟରେ ସକ୍ରିୟ ଥିବା ମୋବାଇଲକୁ ମଧ୍ୟ ଖୋଜିବା ଉପରେ ଜୋର ଦେଇଛି। ହତ୍ୟାକାଣ୍ଡରେ ସ୍ଥାନୀୟ ଲୋକଙ୍କ ସଂପୃକ୍ତି ଥାଇପାରେ ବୋଲି ସନ୍ଦେହ ହେଉଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚକୁ ଗୁରୁବାର ଭିସେରା ଓ ବ୍ୟବଚ୍ଛେଦ ରିପୋର୍ଟ ମିଳିବା କଥା, ହେଲେ ଖବର ଲେଖାହେବା ପର୍ଯ୍ୟନ୍ତ ମିଳି ନ ଥିବା ଜଣାପଡ଼ିଛି। ବୟାନ ରେକର୍ଡ ଚାଲିଥିବା ହେତୁ ଏହି ଦୁଇ ରିପୋର୍ଟ ଘଟଣା ଉପରୁ ପରଦା ଉଠାଇବାରେ ବିଶେଷ ଭାବେ ସହାୟକ ହେବ ବୋଲି କୁହାଯାଉଛି। ସେହିଭଳି ଜଗା ଓ ମୃତ ଚିତ୍ତରଞ୍ଜନଙ୍କ ରକ୍ତନମୁନା ମଧ୍ୟ ସଂଗ୍ରହ ହୋଇଛି। ଫରେନ୍ସିକ୍ ଟିମ୍ ଦୁର୍ଘଟଣାସ୍ଥଳରୁ ସଂଗ୍ରହ କରିଥିବା ରକ୍ତ ନମୁନା ସହ ଏବେକାର ରକ୍ତ ନମୁନାକୁ ମେଳ କରାଯିବ। ଫଳରେ ରକ୍ତ କାହାର ତାହା ଜଣାପଡ଼ିପାରିବ। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମଗିରି ସାନବନ୍ଧକେରା ଗ୍ରାମକୁ ଅପରାହ୍ନରେ ଯାଇ ଚିତ୍ତରଞ୍ଜନଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ସେଠାରୁ ଫେରିବା ପରେ ବାସେଳୀ ସାହି ଥାନାରେ ପହଞ୍ଚି ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଶିଶିର କୁମାର ମିଶ୍ର କହିଛନ୍ତି ଯେ, ଚିତ୍ତରଞ୍ଜନଙ୍କ ପରିବାର ଲୋକଙ୍କ ସହ କଥାବାର୍ତ୍ତା ହୋଇଛି। ଗୁରୁବାର ୫ରୁ ୬ ଜଣଙ୍କୁ ଜେରା କରାଯାଇଛି। ସେହିଭଳି ଆଜିର ଜେରା ଶେଷ ହୋଇନାହିଁ ବୋଲି କହିଛନ୍ତି।

# ଭାଜପା ଜିଲା ସଭାପତିଙ୍କ ଆପତ୍ତିଜନକ ଫଟୋ ଭାଇରାଲ

- ବଦନାମ କରିବାକୁ ବିରୋଧୀଙ୍କ ଚକ୍ରାନ୍ତ: ଉମାକାନ୍ତ
- ଥାନାରେ ମାମଲା ରୁଜୁ

**ବାଲେଶ୍ୱର ଅଫିସ, ୧୬।୧୨**

ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସହ ଜଣେ ମହିଳାଙ୍କ ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ମହିଳା ଜଣକ କିଏ, କେଉଁ ଉଦ୍ଦେଶ୍ୟରେ ଏହି ଫଟୋ ପୋଷ୍ଟ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ତାଙ୍କୁ ବଦ୍‌ନାମ କରିବା ପାଇଁ ଏହା ବିରୋଧୀ ଦଳର ଚକ୍ରାନ୍ତ ବୋଲି ଉମାକାନ୍ତ ଗୁରୁବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡାକି ସ୍ପଷ୍ଟୀକରଣ ଦେଇଛନ୍ତି।

ତାଙ୍କ କହିବାନୁସାରେ ସାମାଜିକ ଗଣମାଧ୍ୟମରେ ଶାସକ ଦଳରେ ନାମ ଥିବା କେତେକ ଫେସବୁକ୍ ଗ୍ରୁପ୍‌ରେ ଉକ୍ତ ଫଟୋ ଯୋଡ଼ାଯାଇ ଭାଇରାଲ କରାଯାଇଛି। ତାଙ୍କ ସମ୍ମାନହାନି ଉଦ୍ଦେଶ୍ୟରେ ଏଭଳି ଲେଖାଯାଇଥିବା ସେ କହିଛନ୍ତି। ଏନେଇ ସେ ଜିଲା ଏସ୍‌ପିଙ୍କ ସହ ଆଲୋଚନା କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ଉକ୍ତ ଫଟୋ ଓ ତା' ସହିତ ଯାହା ଲେଖାଯାଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜିଲା ଭାଜପା ପକ୍ଷରୁ କୁହାଯାଇଛି। ଜିଲା ସଭାପତିଙ୍କ ମର୍ଯ୍ୟାଦାହାନି କରିବା ପାଇଁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଏପରି କରାଯାଇଥିବା ଭାଜପା ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଟାଉନ ସଭାପତି ଚିତ୍ତରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।




# ମାଓବାଦୀ ଦୁବାସୀଙ୍କୁ ଏନ୍‌ଆଇଏର ଜେରା

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ଦୁର୍ଦ୍ଧାନ୍ତ ମାଓବାଦୀ ନେତା ଦୁବାସୀ ଶଙ୍କରଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗୁରୁବାର ଝାରପଡ଼ା ଜେଲ୍‌ରେ ଜେରା କରିଛି। ୨୦୧୨ରେ ଫେବୃୟାରୀ ୧୧ରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଦୁବାସୀ ଘଟାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୪ ଯବାନ ଶହୀଦ ହୋଇଥିଲେ। ଏହି ମାମଲାରେ ଏନ୍‌ଆଇଏ ତଦନ୍ତ ଭାର ନେଇଥିଲା। ଦୁବାସୀ ଗିରଫ ହେବା ପରେ ତାଙ୍କୁ ଜେରା ପାଇଁ ଏନ୍‌ଆଇଏ କୋର୍ଟଙ୍କ ଠାରୁ ଅନୁମତି ଆଣିଥିଲା। ଫଳରେ କୋରାପୁଟ ବୈପାରୀଗୁଡ଼ା ଜେଲରେ ଥିବା ଦୁବାସୀଙ୍କୁ ୩ ଦିନ ତଳେ କଡ଼ା ସୁରକ୍ଷା ବଳୟ ଭିତରେ ଝାରପଡ଼ା ଜେଲ୍‌କୁ ଅଣାଯାଇଥିଲା।


ଦୁବାସୀ ଶଙ୍କର

ଗୁରୁବାର ପୂର୍ବାହ୍ନ ୧୧ଟାରୁ ଝାରପଡ଼ା ଜେଲରେ ଦୁବାସୀଙ୍କୁ ଏନ୍‌ଆଇଏର ୨ଜଣିଆ ଟିମ୍ ୬ଘଣ୍ଟା ଧରି ମାରାଥନ ଜେରା କରିଥିଲା। ଜେରା ସମୟରେ ଏନ୍‌ଆଇଏ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ଦୁବାସୀଙ୍କ ସହ କେହି ଆତଙ୍କବାଦୀ ସଂଗଠନ ଲିଙ୍କ୍‌ରେ ଥିଲେ କି ? ୨୦୧୨ରେ ଘଟାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଆଉ କିଏ କିଏ ତାଙ୍କ ସହ ସମ୍ପୃକ୍ତ ଥିଲେ ଏଭଳି ଆଉ କିଛି ଦିଗକୁ ନେଇ ତାଙ୍କଠୁ ତଥ୍ୟ ହାସଲ କରାଯାଇଛି। ତେବେ ଆଉ ୨ ଦିନ ତାଙ୍କୁ ଜେଲରେ ଜେରା କରାଯିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଦୁବାସୀ ୧୯୮୭ରେ ମାଓବାଦୀ ସଂଗଠନରେ ଯୋଗ ଦେଇ କୋରାପୁଟ ଓ ମାଲ୍‌କାନଗିରି ଜିଲା ସମେତ ଆନ୍ଧ୍ରପ୍ରଦେଶରେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ଲିପ୍ତ ରହି ବଡ଼ ବଡ଼ ବିସ୍ଫୋରଣ ଘଟାଇଥିଲେ। ତାଙ୍କ ନାମରେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ୫୦ରୁ ଅଧିକ ମାମଲା ରହିଛି। ଦୁବାସୀଙ୍କୁ ଧରିବାକୁ ଓଡିଶା ସରକାରଙ୍କ ପକ୍ଷରୁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଥିଲା। ଗତ ସେପ୍ଟେମ୍ବର ୧୪ରେ କୋରାପୁଟ ଜିଲା ବୈପାରୀଗୁଡ଼ା ଥାନା କାଠଗଡ଼ା ଗ୍ରାମରେ ତାଙ୍କୁ ଡିଭିଏଫ୍, ଏସ୍‌ଓଜି, ବିଏସ୍‌ଏଫ୍‌ର ମିଳିତ ଟିମ୍ ଚଢ଼ାଉ କରି ଗିରଫ କରିଥିଲା।

# ଇସ୍ପାତ ଓ ଖଣି ବିଭାଗର ୧୫ କରୋନା ଆକ୍ରାନ୍ତ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**



ରାଜ୍ୟରୁ କରୋନା କଟକଣା ଏକ ପ୍ରକାର କୋହଳ ହୋଇସାରିଛି। ହେଲେ କିଛିଦିନ ହେବ ସ୍କୁଲ ଶିକ୍ଷକ ଏବଂ ଚାତ୍ରୀଛାତ୍ରମାନେ କେତେଗୁଡିଏ ସ୍ଥାନରେ କରୋନା ପଜେଟିଭ ହେଉଥିବା ଲକ୍ଷ୍ୟ କରାଯାଇଛି। ସେହିପରି ରାଜ୍ୟ ସରକାର ଷ୍ଟିଲ୍ ଏବଂ ମାଇନ୍ସ ବିଭାଗର ୧୫ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ନେଇ ବୁଧବାର ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୪୮ ଘଣ୍ଟା ପାଇଁ ଷ୍ଟିଲ ଆଣ୍ଡ ମାଇନ୍ସ ବିଭାଗକୁ ବନ୍ଦ କରିଦିଆଯାଇଛି। କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ଯେପରି ଅଧିକ ବୃଦ୍ଧି ନ ପାଇବ ତାହାକୁ ଦୃଷ୍ଟିରେ ରଖି ଏହି ସମୟ ମଧ୍ୟରେ ବିଭାଗର ସବୁ ସ୍ଥାନ ସାନିଟାଇଜେସନ କରାଯାଇଛି। ୧୮ ତାରିଖରେ ବିଭାଗୀୟ କାର୍ଯ୍ୟ ପୂର୍ବଭଳି ଚାଲିବ। ଯେଉଁ କର୍ମଚାରୀମାନେ ଅଫିସ କଯର୍ଯ୍ୟରେ ଯୋଗ ନ ଦେବେ ସେମାନେ ଘରେ ରହି ସରକାରୀ କାମ କରିବେ। ଏଥିଲାଗି ସେମାନେ ନୋଟିସ ଦେଇ ରହିପାରିବେ। ସବୁ ସମୟରେ ଟେଲିଫୋନ ଖୋଲା ରଖି ଯୋଗାଯୋଗରେ ରହିବା ପାଇଁ ପ୍ରସ୍ତୁତ ରହିବେ। ଏହାସହ ରୋଷ୍ଟର ଡ୍ୟୁଟି ପ୍ରସ୍ତୁତ କରିବା ପାଇଁ ମଧ୍ୟ କୁହାଯାଇଛି।

> ୪୮ ଘଣ୍ଟା ଲାଗି ବିଭାଗକୁ ବନ୍ଦ ରଖିଛନ୍ତି ସରକାର




# ଧର୍ମଘଟ ଯୋଗୁ ବ୍ୟାଙ୍କିଙ୍ଗ୍ ସେବା ବାଧାପ୍ରାପ୍ତ

## ଆଉ ୩ ଦିନ ବନ୍ଦ ରହିବ ବ୍ୟାଙ୍କ



ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣକୁ ବିରୋଧ କରି ୟୁଏଫ୍‌ବିୟୁର ଓଡ଼ିଶା ଶାଖା ପକ୍ଷରୁ ସ୍ଥାନୀୟ ଅଶୋକ ନଗରସ୍ଥିତ ୟୁକୋ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିବା ବ୍ୟାଙ୍କ କର୍ମଚାରୀଗଣ।

**ଭୁବନେଶ୍ୱର,୧୬।୧୨**

କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତି ବିରୋଧରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ୨ଦିନିଆ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ଓ ଶୁକ୍ରବାର ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟର ପ୍ରଥମ ଦିନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ସୂଚନା ରହିଛି। ଏହି ଧର୍ମଘଟ ଯୋଗୁ ଗୁରୁବାର ବ୍ୟାଙ୍କ ସେବା ଏକ ପ୍ରକାର ପ୍ରଭାବିତ ହୋଇଛି। ତେବେ ଆସନ୍ତା ଶନିବାର ମାସର ୩ୟ ଶନିବାର ପଡୁଥିବାରୁ ସେ ଦିନ ମଧ୍ୟ ବ୍ୟାଙ୍କଗୁଡ଼ିକ ଖୋଲା ରହି ନ ପାରେ କିନ୍ତୁ କେତେକ ରାଜ୍ୟରେ ସ୍ଥାନୀୟ ଛୁଟି ଯୋଗୁ ବ୍ୟାଙ୍କଗୁଡ଼ିକ ଶନିବାର ବି ବନ୍ଦ ରହିବ। ସେହିଭଳି ରବିବାର ଯୋଗୁ ୪ର୍ଥ ଦିନ ପାଇଁ ବ୍ୟାଙ୍କ ବନ୍ଦ ରହିବ। ଫଳରେ କ୍ରମାଗତ ୪ ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ଜଣାପଡିଛି। ଦେଶର ୯ଟି ଭିନ୍ନ ଭିନ୍ନ ବ୍ୟାଙ୍କ ୟୁନିୟନର ମିଳିତ ମଞ୍ଚ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟ ଯୋଗୁ ବ୍ୟାଙ୍କ କାରବାର ବନ୍ଦ ନେଇ ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ, ଆର୍‌ବିଏଲ୍ ଭଳି ବ୍ୟାଙ୍କ ଷ୍ଟକ୍ ବଜାରକୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଦେଶରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଅଗ୍ରଣୀ ଭୂମିକା ନେଉଥିବାବେଳେ ଘରୋଇକରଣ ହେଲେ ସାଧାରଣ ଲୋକେ ପ୍ରଭାବିତ ହେବେ ବୋଲି ୟୁନିୟନର ଆବାହକ ମତବ୍ୟକ୍ତ କରିଛନ୍ତି। ଚଳିତ ମାସ ୧୬ ଏବଂ ୧୭ ତାରିଖରେ ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶାଖା ବନ୍ଦ ରହିବ। ଏହି ପରିପ୍ରେକ୍ଷୀରେ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ସେବା ଓ ଏଟିଏମ୍ କେନ୍ଦ୍ରଗୁଡିକ ଖୋଲା ରହିବ ବୋଲି ୟୁଏଫ୍‌ବିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୨ଦିନିଆ ଧର୍ମଘଟରେ ଓଡ଼ିଶାରୁ ପ୍ରାୟ ୬୦୦୦ ଶାଖା ଓ ୩୦ହଜାର ସଦସ୍ୟ ସହଯୋଗ ପ୍ରଦାନ କରିଥିବା ୟୁଏଫ୍‌ବିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଧର୍ମଘଟରେ ୟୁଏଫ୍‌ବିୟୁର ସମସ୍ତ ସଦସ୍ୟ ଓ ବିଭିନ୍ନ ଶାଖାର କର୍ମଚାରୀ ଓ ଅଧିକାରୀ ନିଜ ନିଜ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୟୁନିୟନର ଉପଦେଷ୍ଟା ବରିଷ୍ଠ ବ୍ୟାଙ୍କର ଦାମୋଦର ନନ୍ଦ ରାଜ୍ୟର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନୁ
ପରିବାରବର୍ଗ


ମିଷ୍ଟି
ପରିବାରବର୍ଗ


ସୌମ୍ୟ ରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଇସିଜେଏସ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଇବାରେ ଓଡ଼ିଶା ପୋଲିସ ପ୍ରଥମ

**କଟକ ଅଫିସ,୧୬।୧୨:** ଇଣ୍ଟର-ଅପରେବୁଲ କ୍ରିମିନାଲ ଜଷ୍ଟିସ ସିଷ୍ଟମ (ଆଇସିଜେଏସ) ପ୍ରକଳ୍ପ କାର୍ଯ୍ୟକ୍ଷମ କରାଇବାରେ ଓଡ଼ିଶା ପୋଲିସ ପ୍ରଥମ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ସେହିପରି ଛତିଶଗଡ ଓ ଉତ୍ତରପ୍ରଦେଶକୁ ଯୁଗ୍ମଭାବେ ଦ୍ୱିତୀୟ ଓ ମଧ୍ୟପ୍ରଦେଶ ପୋଲିସ ତୃତୀୟ ପୁରସ୍କାର ପାଇବ ବୋଲି ନ୍ୟାଶନାଲ କ୍ରାଇମ୍ ରେକର୍ଡସ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଏହି ସଫଳତା ପାଇଁ ଡିଜିପି ଅଭୟ ଷ୍ଟେଟ୍ କ୍ରାଇମ୍ ରେକର୍ଡସ ବ୍ୟୁରୋ(ଏସ୍‌ସିଆରବି) ଓ ରାଜ୍ୟ ଫରେନ୍‌ସିକ ସାଇନ୍ସ ଲାବରେଟୋରିକୁ ଶୁଭେଚ୍ଛା ଜଣାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମିତ୍ର ଦୋଷ କଲେ**
**ନ କରିବଟି ଆଦର**
**ବାଳକ ଦୋଷ କଲେ**
**ବୋଧିବ କରି ଗେଲ।**

ବନ୍ଧୁ ଯଦି ଦୋଷ କରେ, ଅକ୍ଷମଣୀୟ ଭୁଲ କରି ବସେ, ତେବେ ସେ ବନ୍ଧୁଦ୍ରୋହୀ ହୋଇଯାଏ। ସେପରି ବ୍ୟକ୍ତି ଆଉ ବନ୍ଧୁ ପଦବାଚ୍ୟ ହୋଇନଥାଏ। ପରନ୍ତୁ ଛୋଟ କଅଁଳା ପିଲା ଯେବେ କିଛି ଭୁଲ କରିଦିଏ ତାହାର ସ୍ୱଳ୍ପ ବୟସର ଧୃଷ୍ଟତା ଦୃଷ୍ଟିରୁ ତାକୁ କ୍ଷମା କରିଦେବା ଉଚିତ ହୋଇଥାଏ। ବୟସ ଅନୁସାରେ ଦଣ୍ଡ ଓ କ୍ଷମା ର ଚିତ୍ର ଏଠାରେ ବର୍ଣ୍ଣନା କରାଯାଇଛି।

**ମେଣ୍ଢା ବାଳ ଜଡ଼ା ତେଲ**
**ଭାଙ୍ଗି ଗଲେ ସମତୁଲ।**

ମେଣ୍ଢା ବାଳ ଛୋଟ ଓ ଫୁରଫୁରିଆ, ଜଡ଼ା ତେଲ ଭାରି ଅଠାଳିଆ। ମେଣ୍ଢା ବାଳରେ ଜଡ଼ା ତେଲ ଲାଗିଲେ ଅଠା ଧରି ବସିଯାଏ, ମୋଟେ ଛାଡେ ନାହିଁ। ଅଭେଦ ପ୍ରୀତି ବା ଘନିଷ୍ଠ ବନ୍ଧୁତା। ପରନ୍ତୁ ଏହି ବନ୍ଧୁତାରେ ଥରେ ଯଦି କେବେ ଘୁଣ ଲାଗିଯାଏ ବା ଭାଙ୍ଗିଯାଏ ତାହେଲେ ଆଉ କେବେ ଯୋଡି ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# 'ରାଜ୍ୟରେ ହ୍ରାସପାଇଛି ମାଓବାଦୀ କାର୍ଯ୍ୟକଳାପ'

## ୬୩ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ ଉଦ୍‌ଘାଟିତ



ସମ୍ମିଳନୀରେ ଡିଜିପି ଅଭୟ ଉଦ୍‌ବୋଧନ ଦେଉଛନ୍ତି।

**କଟକ ଅଫିସ,୧୬।୧୨**

କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ୬୩ତମ ବରିଷ୍ଠ ପୋଲିସ ଅଧିକାରୀଙ୍କ ବାର୍ଷିକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ହେବାକୁ ଏହି ସମ୍ମିଳନୀକୁ ମୁଖ୍ୟଅତିଥି ଡିଜିପି ଅଭୟ ଉଦ୍‌ଘାଟନ କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ୍ ମାଧ୍ୟମରେ ଉପସ୍ଥିତ ରହି ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ମନୋନୀତ ହୋଇଥିବା ଡିଜିପି ସୁନୀଲ କୁମାର ବଂଶଲ ମଧ୍ୟ ଭର୍ଚୁଆଲ୍‌ରେ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

ଏହି ଅବସରରେ ଡିଜିପି ଅଭୟ କହିଥିଲେ, ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇଛି। ଉକ୍ତ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ବହୁ ଉନ୍ନତି ହୋଇଛି। ନାର୍କୋଟିକ୍ସ କାରବାର ଓ ସଙ୍ଗଠିତ ଅପରାଧ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନିଶା ବେପାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି, ରାଜ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ଆଇନଶୃଙ୍ଖଳା ବଜାୟ ରଖିବା, ୨୦୨୧ରେ ବହୁ ସଂଖ୍ୟକ ପୋଲିସ କର୍ମଚାରୀଙ୍କ ଠିକ୍ ସମୟରେ ପଦୋନ୍ନତି, ପାସ୍‌ପୋର୍ଟ ଯାଞ୍ଚ ସମୟ ସୀମା ହ୍ରାସ, ଇଆର୍‌ଏସ୍‌ଏସ୍‌ର ଶୁଭାରମ୍ଭ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ଟିମ୍‌ର ଭଲ କାମ, ନିଖୋଜ ପିଲାମାନଙ୍କ ସନ୍ଧାନ, ସିସିଟିଏନ୍‌ଏସ୍‌କୁ ଅପ୍‌ଗ୍ରେଡ୍ କରି ମନିଟରିଂ ଭଳି ଉଲ୍ଲେଖନୀୟ ସଫଳତା ସଂକ୍ରାନ୍ତରେ ଡିଜିପି ମତବ୍ୟକ୍ତ କରିଥିଲେ। ରାଜ୍ୟରେ ୧୧ଟି ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପ୍ରତିଷ୍ଠା, କମିଶନରେଟ୍ ପୋଲିସ ଅଞ୍ଚଳରେ ୩ ନୂତନ ଥାନା ପ୍ରତିଷ୍ଠା, କଟକ-ଭୁବନେଶ୍ୱର ଡିସିପିଙ୍କ ଅଧୀନରେ ସ୍ୱତନ୍ତ୍ର କ୍ରାଇମ୍ ୟୁନିଟ୍, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଦମନ ନିମନ୍ତେ ସ୍ୱତନ୍ତ୍ର ୱିଙ୍ଗ୍, ଏସ୍‌ଟିଏଫ୍ ଅଧୀନରେ ଏସ୍‌ପି ନାର୍କୋଟିକ୍ସ ଓ ଅନ୍ୟ କର୍ମଚାରୀଙ୍କ ନୂତନ ପୋଷ୍ଟ, ଲାନ୍ସ ନାଏକ ପଦବୀ ରଦ୍ଦ, ହାବିଲଦାର ପଦବୀ ସୃଷ୍ଟି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଯୋଗୁ ଅଭୟ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିସହ ସେ ୨୦୨୨ ମସିହା ନିମନ୍ତେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଯୋଜନା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ମାଓବାଦୀ କାର୍ଯ୍ୟକଳାପର ମୂଳୋତ୍ପାଟନ, ବୈଜ୍ଞାନିକ ପ୍ରମାଣ ବ୍ୟବହାର ବୃଦ୍ଧି, ପ୍ରତି ଜିଲାରେ ଡିଏଫ୍‌ଏସ୍‌ଏଲ୍‌ର ଅପରେଶନ ସମ୍ପର୍କରେ ଡିଜିପି ବିସ୍ତୃତଭାବେ ଆଲୋଚନାକରିଥିଲେ।

ଏହି ସମ୍ମିଳନୀରେ ଅତିରିକ୍ତ ଡିଜିପି(ରେଳବାଇ) ଡ. ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଡିଜିପି(କ୍ରାଇମ୍‌ବ୍ରାଞ୍ଚ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜିପି (ଆଇନଶୃଙ୍ଖଳା) ଆର୍.କେ. ଶର୍ମା, ଆଇଜି(ଅପରେଶନ) ଅମିତାଭ ଠାକୁର, ଆଇଜି(ପର୍ସୋନେଲ), ଏସ୍. ପ୍ରବୀଣ କୁମାର, ଆଇଜି(କେନ୍ଦ୍ରାଞ୍ଚଳ) ନରସିଂହ ଭୋଳଙ୍କ ସମେତ ବିଭିନ୍ନ ଜିଲାର ଏସ୍‌ପି ସାମିଲ ହୋଇଥିଲେ।

### ଭର୍ଚୁଆଲ୍‌ରେ ଯୋଗଦେଲେ ନୂଆ ଡିଜିପି

# ୩ଦଫା ଦାବି ନେଇ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶିକ୍ଷା, ତାଲିମ ଓ ଥଇଥାନ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀମାନେ ଦୀର୍ଘ ୩୫ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଚାକିରିର ମୌଳିକ ସୁବିଧା ସେମାନଙ୍କୁ ଆଜିଯାଏ ମିଳି ପାରିନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଦୃଷ୍ଟିହୀନ ବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ୩ଦଫା ଦାବି ନେଇ ୧୦୪ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀମାନେ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ନିୟମିତ ଅବସରକାଳୀନ ଭତ୍ତା ସହିତ ସେବା ସର୍ତ୍ତାବଳୀ, ଛୁଟି, କ୍ୟାଡର ରୁଲ୍ ନିୟମ ପ୍ରଚଳନ, ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ମଞ୍ଜୁର ହୋଇଥିବା ଓ ଅର୍ଥ ବିଭାଗ ଦ୍ୱାରା ଅନୁମୋଦନ ଲାଭ କରିଥିବା ଏମ୍‌ଏସିପି ବେନିଫିଟ ତୁରନ୍ତ ଲାଗୁ ଆଦି ଦାବି ରହିଛି। ୪ଦିନ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାର ସେମାନଙ୍କ କଥା ଶୁଣି ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ଗୁରୁବାର ମଧ୍ୟ ସେମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ଶୋଭାଯାତ୍ରା କରି ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

# ତାଳଚେର ଟ୍ରକ୍ ମାଲିକ ସଂଘ ସଭାପତି ଗିରଫ

**ତାଳଚେର,୧୬।୧୨(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ଟ୍ରକ୍ ମାଲିକ ସଂଘ ସଭାପତି ଦିଲୀପ କୁମାର ପାଣିଙ୍କୁ ଏକ ପୁରୁଣା ମାମଲାରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗୁରୁବାର ଗିରଫ କରିଛି। ସୂଚନା ଅନୁଯାୟୀ, ବ୍ୟାପକ କୋଇଲା ଚୋରି ଅଭିଯୋଗରେ ଏସ୍‌ଟିଏଫ୍ ପକ୍ଷରୁ ୨୦୧୯ ଅକ୍ଟୋବରରେ ତାଳଚେର ଅଞ୍ଚଳରେ ଘନ ଘନ ଚଢ଼ାଉ କରାଯାଇଥିଲା। ସେହି ସମୟରେ ବହୁ ସଂଖ୍ୟକ ଟ୍ରକ୍ ଜବତ ହୋଇଥିଲା। ସେହିବର୍ଷ ଅକ୍ଟୋବର ୩ରେ ଖୋର୍ଦ୍ଧା ଏସ୍‌ଟିଏଫ୍ ଥାନାରେ ଦିଲୀପଙ୍କ ସମେତ ୧୩ ଜଣଙ୍କ ନାମରେ ନମ୍ବର ୧୫/୧୯ରେ ମାମଲା ରୁଜୁ ହୋଇଥିଲା। ତେବେ ବୁଧବାର ରାତିରେ ଅଚାନକ ଏସ୍‌ଟିଏଫ୍ ଡିଏସ୍‌ପି ପ୍ରବୀଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଳଚେର ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରୁ ସଭାପତି ଦିଲୀପଙ୍କୁ ଉଠାଇ ନେଇଥିଲା। ତାଳଚେର ଥାନାରେ ତାଙ୍କୁ ପଚରାଉଚରା ପରେ ଗିରଫ କରାଯାଇ ଗୁରୁବାର ସନ୍ଧ୍ୟାରେ ତାଳଚେର ସବ୍‌ଜେଲ୍‌କୁ ପଠାଇ ଦିଆଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠୀ ପ୍ରକାଶ କରିଛନ୍ତି। ୨୦୧୯ର ଏକ ମାମଲାରେ ଦିଲୀପଙ୍କୁ ଗିରଫ କରାଯାଇଥିବା ଏସ୍‌ଟିଏଫ୍ ଏସ୍‌ପି ତେଜରାଜ ପଟେଲ ସୂଚନା ଦେଇଛନ୍ତି।

# ଦୁଇଦିନ ଆଂଶିକ ବାତିଲ ରହିବ ଦୁଇଯୋଡ଼ା ଟ୍ରେନ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ଟିଟିଲାଗଡ ଓ ଥେରୁବାଲୀ ରେଳ ସେକ୍ସନରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ (ଏଲ୍‌ଏଚ୍‌ଏସ୍) ଓ ରେଳ ପୋଲ ମରାମତି ସହିତ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଆସନ୍ତା ୨୨ ଓ ୨୯ ତାରିଖରେ ଦୁଇ ଯୋଡା ଟ୍ରେନକୁ ଆଂଶିକ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସମ୍ବଲପୁରଠାରୁ ଆସନ୍ତା ୨୨ ଓ ୨୯ ତାରିଖରେ ଛାଡ଼ିବାକୁଥିବା ସମ୍ବଲପୁର-ରାୟଗଡା ଏକ୍ସପ୍ରେସ (୧୮୩୦୧) ଟିଟିଲାଗଡ ପର୍ଯ୍ୟନ୍ତ ଯାତ୍ରା କରିବ। ଅନୁରୂପ ଭାବେ ଉକ୍ତ ଦିନ ରାୟଗଡା-ସମ୍ବଲପୁର ଏକ୍ସପ୍ରେସ (୧୮୩୦୨) ରାୟଗଡା ପରିବର୍ତ୍ତେ ଟିଟିଲାଗଡରୁ ଯାତ୍ରା ଆରମ୍ଭ କରିବ। ସେହିପରି ରାୟପୁରରୁ ଛାଡ଼ିବାକୁଥିବା ରାୟପୁର-ବିଶାଖାପାଟନମ୍-ରାୟପୁର ଟ୍ରେନ (୦୮୫୨୭) ଟିଟିଲାଗଡ ପର୍ଯ୍ୟନ୍ତ ଯାତ୍ରା କରିବ ଏବଂ ଫେରିବା ମାର୍ଗରେ ଏହା ଟିଟିଲାଗଡରୁ ବିଶାଖାପାଟନମ୍-ରାୟପୁର ଟ୍ରେନ(୦୮୫୨୮) ଭାବେ ରାୟପୁର ଫେରିବ। ଉଭୟ ପାର୍ଶ୍ୱରୁ ଟିଟିଲାଗଡ଼ ଓ ରାୟଗଡା ମଧ୍ୟରେ ଏହି ଦୁଇ ଯୋଡା ଟ୍ରେନ ବାତିଲ ରହିବ।

# ପେନ୍‌ସନ ନ ପାଇ ହୋଟେଲରେ ବାସନ ମାଜୁଛନ୍ତି ପୂର୍ବତନ ଓପିଟିସିଏଲ୍ କର୍ମଚାରୀ

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)**

ଓପିଟିସିଏଲ୍ ଥେରୁବାଲି ଡିଭିଜନରେ ହେଲ୍‌ପର ଭାବେ କାର୍ଯ୍ୟକରି ୧୦ବର୍ଷ ତଳେ ଅବସର ନେଇଥିବା ଏ.କେ. ନାୟାର ପେନ୍‌ସନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ପରିବାର ପୋଷିବା ପାଇଁ ତାଙ୍କୁ ହୋଟେଲରେ ଅଇଁଠା ବାସନ ମାଜିବାକୁ ପଡୁଛି। ପେନ୍‌ସନ ପାଇଁ ଥେରୁବାଲି ଡିଭିଜନର ଜୈନେକ କିରାଣୀ ତାଙ୍କୁ ୩ହଜାର ଟଙ୍କା ମାଗିଥିଲେ। ମାତ୍ର ନାୟାର ଏହା ଦେଇ ନ ଥିବାରୁ ଏଯାଏ ତାଙ୍କୁ ପେନ୍‌ସନ୍ ମିଳିପାରି ନାହିଁ। ଓପିଟିସିଏଲ୍ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ହୋଟେଲରୁ ଉଦ୍ଧାର କରି ତାଙ୍କର ପ୍ରାପ୍ୟ ପ୍ରଦାନ ନ କଲେ ସେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୁତି ଦେବେ ବୋଲି ସୂଚନା ଦେଇଛନ୍ତି। କର୍ତ୍ତୃପକ୍ଷ ତୁରନ୍ତ ଘଟଣା ଉପରେ ଦୃଷ୍ଟି ଦେଇ ନାୟାରଙ୍କୁ ପେନ୍‌ସନ୍ ପ୍ରଦାନ କରିବାକୁ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଓପିଟିସିଏଲ୍‌କୁ ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗିପାରନ୍ତି। ମାତ୍ର ନିର୍ମାଣାଧୀନ କାର୍ଯ୍ୟ କେତେକ ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିପାରେ। ନିକଟ ସମ୍ପର୍କୀୟମାନଙ୍କ ଉପରେ ଭରସା କରି କୌଣସି କାମ କରିପାରିବେ ନାହିଁ।

**ବୃଷ**
ଯାହାକୁ ସାହାଯ୍ୟ କରିଥିଲେ ସେହି ବ୍ୟକ୍ତି ହିଁ ଶତ୍ରୁତା କରିବ। ଅପରିଚିତ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବା କାରଣରୁ ଘରର ସଦସ୍ୟମାନେ ବିରକ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ପଡ଼ୋଶୀମାନେ ସହାୟତା ଆଶା କରିପାରନ୍ତି।

**ମିଥୁନ**
ସହକର୍ମୀମାନେ ବହୁବିଧ ସମସ୍ୟା ସୃଷ୍ଟି କରିବା ସକାଶେ ଚେଷ୍ଟା କଲେ ସେମାନେ ହିଁ ଅପଦସ୍ଥ ହେବେ। ସମ୍ପର୍କୀୟଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି କଳହ ଘଟିପାରେ। ବିନା କାରଣରେ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପରିବାର ଭିତରେ ପୁରୁଣା କଥାର ଆଲୋଚନା ହିଁ କଳହର କାରଣ ହୋଇପାରେ।

**କର୍କଟ**
ଅଯଥା ଗୁଡ଼ାଏ କଥା ମନକୁ ଆଣି ବିବ୍ରତ ହେବା ଦ୍ୱାରା ନିଜେ ହିଁ କଷ୍ଟ ପାଇବେ। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଭିମାନ ଭରା କଥା କହି ବନ୍ଧୁଙ୍କୁ ସାହାଯ୍ୟ କରି ନ ଥିବାରୁ ଦୁଃଖ କରିପାରନ୍ତି।

**ସିଂହ**
ଦିନଟିରେ ପାରିବାରିକ ସମସ୍ୟା ବଢ଼ିଯିବା କାରଣରୁ ମାନସିକ ଅସ୍ଥିରତା ଅବଶ୍ୟ ଦେଖାଦେବ। ମଧ୍ୟାହ୍ନରେ ପ୍ରିୟ ବନ୍ଧୁଙ୍କ ସାକ୍ଷାତରୁ କିଛି ପରିମାଣରେ ଉପକୃତ ହୋଇପାରନ୍ତି। ଆଜି ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତିସୂଚକ କଥା ଶୁଣି ମନ ହାଲୁକା ହୋଇଯିବ।

**କନ୍ୟା**
କାମଗୁଡ଼ିକ ଆଜି ବହୁତ ବିଳମ୍ବରେ ସମ୍ପନ୍ନ ହେବା କାରଣରୁ ନିଜକୁ ହିଁ ଦୋଷୀ ମନେ କରିବେ। କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରି ଶେଷ ସମୟରେ ନିରାଶ ହେବାକୁ ପଡ଼ିପାରେ। ଅନ୍ୟ କଥାରେ ପ୍ରଭାବିତ ହୋଇ ବିବାଦୀୟ ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ବ୍ୟବସାୟ, ପରିବହନ, ମକଦ୍ଦମାରେ ଉନ୍ନତି କରିବେ।

**ତୁଳା**
ଯେତେ ସହଜ ଓ ସରଳରେ କାମଟି ହାସଲ ସକାଶେ ଭାବୁଛନ୍ତି, ବାସ୍ତବରେ ତାହା ସହଜସାଧ୍ୟ ହୋଇ ନ ପାରେ। ସ୍ୱାତୀର କେତେକ ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ। ଯେତେ ଭଲ କାମ କଲେ ସୁଦ୍ଧା ସେମାନେ ଅନ୍ୟର କାନକୁହା କଥା ଶୁଣି ଭୁଲ୍ ବୁଝି ଭଲପାଇବେ ନାହିଁ।

**ବିଛା**
ଆପଣ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ନିର୍ମାଣ କ୍ଷେତ୍ରରେ ଅଟକି ରହିଥିବା କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ନଚେତ୍ ପରେ ଚିନ୍ତା କରିବାକୁ ପଡ଼ିବ।

**ଧନୁ**
କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ ଏବଂ ଆବଶ୍ୟକ କାମ କରିବେ। ବକେୟା ଆଦାୟରେ ସକ୍ଷମ ହେବେ, କିନ୍ତୁ ବହୁତ ଯୁକ୍ତିତର୍କ ପରେ। କ୍ରନିକ୍ ରୋଗ ସକାଶେ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଆଗାମୀ ମାଙ୍ଗଳିକ କାମର ପ୍ରସ୍ତୁତି କରି ବିଚଳିତବୋଧ କରିପାରନ୍ତି।

**ମକର**
ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ଆଗକୁ ବଢ଼ାଇ ନେବାରେ ସମର୍ଥ ହେବେ। ସଭାସମିତି, କଳା, କ୍ରୀଡ଼ା, ସଙ୍ଗୀତ ଚର୍ଚ୍ଚା, ସାହିତ୍ୟ, ସାମ୍ବାଦିକତା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ମାନସିକ ଶାନ୍ତି ମିଳିବ। ଭୁଲ୍ ବୁଝାମଣା ଯୋଗୁ ପରିବାର ଭିତରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ, ଯାହାକି ଅଶାନ୍ତିର କାରଣ ହୋଇପାରେ। ଅବଶ୍ୟ ପାରିବାରିକ ଶୃଙ୍ଖଳା ରକ୍ଷା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ**
ପାରିବାରିକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହୋଇପାରନ୍ତି। ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିବା ଦ୍ୱାରା ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ପ୍ରଯତ୍ନ କରିବା ଭଲ ହେବ। ପ୍ରତ୍ୟୁଷ ଯାତ୍ରା ଓ ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁ ସମ୍ପର୍କରେ ଆଶାଜନକ ଫଳ ପାଇପାରନ୍ତି।


## classifieds Everyday
0674-2580101, 2549302




**SALE**

Plot sale near Infocity-2 and AIIMS Hospital, Bhubaneswar. 9439206202, 9777433701. D-71753

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

Direct cash 35,00,000/- ready to move house Hanspal-Atala- 8093465134, 9668194157. D-70985

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

Full furnished 3/2BHK flat available prime location near Ravi Talkies Square. 9861037729 / 9040337729. D-71450

**ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542.** D-71742

Bhubaneswar CRP ଛକରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1500/-, 950/-, 400/-, 650/- କିଣି ଘର କରନ୍ତୁ। Pinky. 6370476317. D-71751

ଭୁବନେଶ୍ୱରର ସୁନ୍ଦରପଦା OEC ନିକଟରେ 10000 ବର୍ଗଫୁଟ ପ୍ଲଟ୍ 40,00,000/- ରେ ବିକ୍ରି ହେବ । 9439493164. D-71752




4000sft for warehouse, Lewis Road, Bhubaneswar. Contact: 7606895169. D-70984

250sqft. Room Ground Floor at Anima Complex, Pipili, Opp. Police Station (Preferred Clinic & Medical Hall). Contact: 9777662603. D-71610

1BHK at Palasuni, Bhubaneswar. Only for Family Holder. Contact: 9437106812 / 7978747230. D-22570




Newly open spa New Year Dhamaka @699/-, Smart therapist. 7846814019. D-71456

Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open Spa offer price @599/-, positively health benefits - 8455987557. D-71455

**Astrology**

୨ ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ଗୁରୁ ରହେମତ ଅଲ୍ଲି ବଶୀକରଣ ସ୍ପେଶାଲିଷ୍ଟ ବେପାରବୃଦ୍ଧି, ଗୃହ ସମସ୍ୟା, ପ୍ରେମ ବିବାହ, ସଉତୁଣୀ, ଶତ୍ରୁଦମନ। 8114984446. D-71452

**LOST**

ମୁଁ ଶଶିରାଜ ସନ୍ତୋଷରାୟ, ପି- ଶରତ ଚନ୍ଦ୍ର ସନ୍ତୋଷରାୟ, ନିବାସ- ଗୌତମନଗର ୪ର୍ଥ ଲେନ୍, କୋରାପୁଟ ଲେଖିବାର ଦରଖାସ୍ତ ଏହିକି ଯେ ଗତ ୨୦୨୧ ଅକ୍ଟୋବର ୫ ତାରିଖରେ T.P.S.O.D.L. ରସିଦ ବହି କେଉଁଠି ହଜିଯାଇଛି। ଉକ୍ତ ବିଷୟ ନେଇ ନନ୍ଦପୁର ଥାନାରେ ରିପୋର୍ଟ କରିଅଛି। କେସ୍ ନଂ.- ୫/୨୦୨୧ ଅଟେ। ଯଦି କୌଣସି ବ୍ୟକ୍ତି book No.- 0147, 01472, 05392 ଏବଂ 05393ର ରସିଦ ବ୍ୟବହାର କରନ୍ତି ତେବେ ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଣୁ ମୋର ଅନୁରୋଧ ଉକ୍ତ ରସିଦ ବହି T.P.S.O.D.L. ନିର୍ବାହୀଯନ୍ତ୍ରୀ କୋରାପୁଟଙ୍କୁ ଫେରସ୍ତ କରନ୍ତୁ ନଚେତ୍ ଫୋନ୍ ମାଧ୍ୟମରେ ଯୋଗାଯୋଗ କରନ୍ତୁ। ଯଦି ଏହା ପରେ ଉକ୍ତ ରସିଦ ବହିକୁ ଦୁର୍ବ୍ୟବହାର କରନ୍ତି ତେବେ ମୁଁ କିମ୍ବା ନିର୍ବାହୀଯନ୍ତ୍ରୀ କୋରାପୁଟ ତାଙ୍କ ବିରୋଧରେ ସରକାରଙ୍କ ନିୟମ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ। ମୋବାଇଲ ନଂ.- 9437320917. D-22567

**AFFIDAVIT**

By virtue of an affidavit in the Court of Executive Magistrate, Khaira. I Sushree Sangita Das, W/o- Ranjan Kumar Sial of Krushnadaspur Tudigadia, declare that my son's name in his Birth Certificate is Shivansh Kumar Sial. But in LIC Bond vide Policy No.- 599987078 his name is wrongly mentioned as Sai Srinibash Sial. Both Shivansh Kumar Sial & Srinibash Sial is one and same person. D- 22573

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

### ଦାରିଙ୍ଗବାଡ଼ି ୭...

ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୯, କେନ୍ଦୁଝର ୧୦.୪, ଝାରସୁଗୁଡ଼ା ୧୦.୬, କୋରାପୁଟ ୧୦.୬, ଟିଟିଲାଗଡ଼ ୧୦.୮, ଭବାନୀପାଟଣା ୧୧, ତାଳଚେର ୧୨, ଅନୁଗୋଳ ୧୨.୬, ବାରିପଦା ୧୩, ସମ୍ବଲପୁର ୧୩.୫, ହୀରାକୁଦ ୧୨.୮, ସୋନପୁର ୧୨.୮, ବାଲେଶ୍ୱର ୧୩.୯, ଚାନ୍ଦବାଲି ୧୪, ଭୁବନେଶ୍ୱର ୧୪.୪, ବଲାଙ୍ଗୀର ୧୨.୮, ମାଲକାନଗିରି ୧୪, ନୟାଗଡ଼ ୧୪, ବୌଦ୍ଧରେ ୧୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୧୯ ତାରିଖରୁ ରାଜ୍ୟରେ ଥଣ୍ଡାର ପ୍ରକୋପ ଆହୁରି ବଢ଼ିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୧୭ ତାରିଖରେ ଦକ୍ଷିଣ ପୂର୍ବ ଆଣ୍ଡାମାନ ନିକଟରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିଯୋଗୁ ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ବାୟୁ ପ୍ରବାହ ହେବ। ଫଳରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀକୁ ଖସିବ। ବଣପାହାଡ଼ ଘେରା ଜିଲାଗୁଡ଼ିକରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଯିବ। ଡିସେମ୍ବର ଶେଷ ଯାଏ ଶୀତର ପ୍ରକୋପ ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ଚିଫ୍ ଅଫ୍ ଷ୍ଟାଫ୍...

ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି (ସିଓଏସ୍‌ସି) ଅଧ୍ୟକ୍ଷ କରାଯାଉଥିଲା। ଗତ ମଙ୍ଗଳବାର ଉକ୍ତ କମିଟି ବୈଠକ ବସି ଜେନେରାଲ ରାୱତ୍, ତାଙ୍କ ସ୍ତ୍ରୀ ମଧୁଲିକା ଓ ଅନ୍ୟ ୧୧ ସଶସ୍ତ୍ର ବାହିନୀ ଯବାନଙ୍କ ଅକାଳ ମୃତ୍ୟୁରେ ଶୋକବ୍ୟକ୍ତ କରାଯାଇଥିଲା।

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ। –ଶ୍ରୀମା



# ବିତର୍କ ଲୋଡ଼ା



ବେଲାବେସ ବେଙ୍କେଡା

ଡିସେମ୍ବର ୨୪ରେ ଲିବ୍ୟାରେ ପ୍ରଥମ ପର୍ଯ୍ୟାୟ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ବହୁ ଶତାବ୍ଦୀର ଏକଚ୍ଛତ୍ରବାଦ ଶାସନ, ଗୃହଯୁଦ୍ଧ ଏବଂ ଖୁବ୍ ନିକଟରେ ଏକ ଅନିଶ୍ଚିତ ସମୟକୁ ସାମ୍ନା କରିବା ପରେ ଲିବ୍ୟାର ଲୋକେ ଭୋଟ ଦେବାକୁ ଯାଉଛନ୍ତି। ତେବେ ଏହି ନିର୍ବାଚନର ପରିଣାମ ଅଧିକ ଗ୍ରହଣୀୟ ହେବା ପାଇଁ ଭୋଟରମାନେ ପ୍ରାପ୍ତ ତଥ୍ୟ ଓ ସୂଚନାକୁ ଆଧାରକରି ସେମାନଙ୍କ ନିଷ୍ପତ୍ତି ବାଲଟ ବକ୍ସରେ ଦେବା ଦରକାର। କିନ୍ତୁ ତାହା ହେବ ନାହିଁ। ମାତ୍ର ଦୁଇଟି ପର୍ଯ୍ୟାୟରେ ୧ ମାସ ବ୍ୟବଧାନରେ କରାଯାଉଥିବା ଏହି ନିର୍ବାଚନରେ ୭୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ରହିଛନ୍ତି। ଏଣୁ କମ୍ ସମୟ ମଧ୍ୟରେ ସବୁ ପ୍ରାର୍ଥୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ଲାଗି ଲୋକଙ୍କ ପାଖରେ କମ୍ ସୁଯୋଗ ରହିଛି। ଲିବ୍ୟାରେ ବିଦେଶୀ ସୁରକ୍ଷା ବଳର ଉପସ୍ଥିତି ଓ ପୁଣି ସଂଘର୍ଷ ଘଟିବାର ଭୟ ଯୋଗୁ ନିର୍ବାଚନ ପ୍ରଚାର ସମୟ କମ୍ କରାଯାଇ ଦୁଇ ସପ୍ତାହ ରଖାଯାଇଛି। ଦେଶରେ ବିଭାଜିତ ଗଣମାଧ୍ୟମଗୁଡ଼ିକ ପ୍ରାର୍ଥୀମାନଙ୍କ ସମ୍ପର୍କରେ ଲୋକଙ୍କୁ ଠିକ୍ ତଥ୍ୟ ଦେଇପାରୁ ନାହାନ୍ତି। ବ୍ୟାପକ ପବ୍ଲିକ୍ ଡିବେଟ ବା ବିତର୍କ କରାଯାଉ ନ ଥିବାରୁ ଏହି ନିର୍ବାଚନର ଫଳାଫଳ ଲିବ୍ୟାର ବିଭାଜିତ ସ୍ଥିତିକୁ ଆହୁରି ଖରାପ କରିବ। ଅଧିକାଂଶ ଲିବ୍ୟାବାସୀ ସ୍ୱଷ୍ଟତଃ ଶାନ୍ତି ଓ ସ୍ଥିରତା ଚାହୁଁଥିବା ସତ୍ତ୍ୱେ ଏହି ନିର୍ବାଚନ ଅଧିକ ହିଂସା ସୃଷ୍ଟି କରିବାର ମଧ୍ୟ ସମ୍ଭାବନା ରହିଛି।

ଅକ୍ଟୋବର ୨୦୨୦ରେ ଲିବ୍ୟାର ଦ୍ୱିତୀୟ ଗୃହଯୁଦ୍ଧ ଶେଷ ହେବା ପରେ ଜାତିସଂଘ ଦ୍ୱାରା ଶାନ୍ତି ପ୍ରକ୍ରିୟା ଆରମ୍ଭ କରାଯାଇ ଦେଶର ମଧ୍ୟବର୍ତ୍ତିକାଳୀନ ସରକାର ଗଠନ କରାଗଲା। ୨୦୧୧ରେ ମୁଆମାର ଅଲ୍ ଗଦାଫିଙ୍କ ପତନ ପରେ ଏହା ଥିଲା ଦେଶର ଅଷ୍ଟମ ମଧ୍ୟବର୍ତ୍ତିକାଳୀନ ସରକାର। ଲିବ୍ୟାର ସର୍ବ ପ୍ରଥମ ତଥା ଚର୍ଚ୍ଚିତ ରାଷ୍ଟ୍ରପତି ନିର୍ବାଚନକୁ ଠିକ୍ ଭାବେ ସଞ୍ଚାଳନ କରିବା ଏହି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହୋଇଛି। ଏହି ନିର୍ବାଚନ ପ୍ରକ୍ରିୟାକୁ ସହଯୋଗ କରିବା ସହ ଡିବେଟ୍‌ଗୁଡ଼ିକ ପାଇଁ ଯୋଜନା କରିବାରେ ଗତବର୍ଷ ମୁଁ ଓ ମୋର ସାଥୀମାନେ ଅଧିକ ସମୟ ଦେଇଛୁ। ଭୋଟରମାନେ ଯଦି ପ୍ରାର୍ଥୀମାନଙ୍କୁ ଏବଂ ସେମାନଙ୍କ ଦୃଷ୍ଟିକୋଣକୁ ତୁଳନା କରିପାରିବେ ତେବେ ଏହି ନିର୍ବାଚନ ସଫଳ ହେବ ବୋଲି ମାସ ମାସ ଧରି ଆମେ ବିଶ୍ୱର ବହୁ ନେତାଙ୍କୁ ଅବଗତ କରିବାରେ ବିତାଇଛୁ। ବିଶ୍ୱ ସମୁଦାୟ ମଧ୍ୟ ଲିବ୍ୟାକୁ ଏକ ସ୍ଥାୟୀ ଗଣତାନ୍ତ୍ରିକ ଦେଶରେ ପରିବର୍ତ୍ତନ କରିବା ପାଇଁ ବହୁ ବର୍ଷ ଧରି ଅନେକ ମିଲିୟନ ଡଲାର ଖର୍ଚ୍ଚ କରି ବିଫଳ ହୋଇଛନ୍ତି। ତେବେ ଲିବ୍ୟାରେ ଏକ ଦୀର୍ଘକାଳୀନ ଗଣତନ୍ତ୍ର ପାଇଁ ପରିବେଶ ସୃଷ୍ଟି କରିବା ଲାଗି ଏହି ନିର୍ବାଚନରେ ବିତର୍କଗୁଡ଼ିକୁ ସମର୍ଥନ କରିବା ଅନ୍ତର୍ଜାତୀୟ ସମୁଦାୟ ପାଇଁ ପ୍ରଥମ ପଦକ୍ଷେପ ହେବା ଆବଶ୍ୟକ।

କୌଣସି ଅଲୌକିକ ଢଙ୍ଗରେ ନିର୍ବାଚନ ଗଣତନ୍ତ୍ର ଆଣେ ନାହିଁ। ଏଥିପାଇଁ ଏକ ବୃହତ୍ ପଦକ୍ଷେପ ଆବଶ୍ୟକ। ଲିବ୍ୟାରେ ହ୍ରାସ ପାଉଥିବା ଗଣମାଧ୍ୟମ ସ୍ୱାଧୀନତାକୁ ସମର୍ଥନ, ପ୍ରସାରଣ କ୍ଷେତ୍ରରେ ନିନ୍ଦାସୂଚକ ମନ୍ତବ୍ୟର ନିୟନ୍ତ୍ରଣ ଏବଂ ଅତ୍ୟାବଶ୍ୟକ ଗଠନମୂଳକ ଆଲୋଚନା ଆୟୋଜନ କରିବାରେ ଦେଶର ସିଭିଲ୍ ସୋସାଇଟିକୁ ସଶକ୍ତ କରିବାକୁ ବ୍ୟାପକ ପ୍ରୟାସ ଦରକାର। କିନ୍ତୁ ଆମ ପ୍ରୟାସ ଆଖିଦୃଶିଆ ହୋଇପାରିନାହିଁ। ଏଥିରେ ପରିବର୍ତ୍ତନ ହେବା ଉଚିତ୍। ରାଜନୀତିରେ ଅତ୍ୟଧିକ ଦୁର୍ନୀତି ଯୋଗୁ ଲିବ୍ୟାବାସୀଙ୍କର ଏଥିପ୍ରତି ଅତ୍ୟଧିକ ନୈରାଶ୍ୟ ପ୍ରକାଶ ପାଇଛି। ରାଜନୈତିକ ବିପର୍ଯ୍ୟୟ ଓ ବିଳମ୍ବିତ ନିର୍ବାଚନର ଅନେକ ଦଶନ୍ଧି ପରେ ଆଗାମୀ ନିର୍ବାଚନ ସବୁକିଛି ପରିବର୍ତ୍ତନ କରିଦେବ ବୋଲି ଯାହା ଚିନ୍ତା କରାଯାଉଛି ତାହା ସନ୍ଦେହରେ ରହିଛି। ୨୦୧୪ରେ ଲିବ୍ୟାର ସଂସଦୀୟ ନିର୍ବାଚନରେ ଯୋଗ୍ୟ ଭୋଟର୍‌ଙ୍କ ଏକ ପଞ୍ଚମାଂଶରୁ କମ୍ ଭାଗ ନେଇଥିଲେ ଏବଂ ଠିକ୍ ତା'ପରେ ଦେଶରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ରାଷ୍ଟ୍ରପତି ନିର୍ବାଚନରୁ ସେଭଳି ସ୍ଥିତି ଉପୁଜିବ ବୋଲି ଅନେକେ ଆଶଙ୍କା କରୁଛନ୍ତି। କାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ଦଳ ବା ବ୍ୟକ୍ତିମାନଙ୍କ ମଧ୍ୟରେ ବିତର୍କ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇନାହିଁ। ଏଭଳି ସ୍ଥିତିରେ ଯେଉଁମାନେ ରାଷ୍ଟ୍ରପତି ଦୌଡ଼ରେ ରହୁଛନ୍ତି ସେମାନଙ୍କ ଉପରେ କମ୍ ସମୀକ୍ଷା କରାଯାଇଛି। ଫଳରେ ଲୋକମାନଙ୍କୁ ସେମାନଙ୍କ ସମ୍ପର୍କରେ ତଥ୍ୟ ପାଇବା କଷ୍ଟକର ହୋଇପଡ଼ିଛି। ଅନ୍ୟପଟେ ଦେଶର ଗଣମାଧ୍ୟମ ଭୁଲ୍ ତଥା ବିଭ୍ରାନ୍ତିକର ପ୍ରଚାରରେ ବ୍ୟସ୍ତ। ଅନେକ ଟିଭି ଚ୍ୟାନେଲକୁ ଆଞ୍ଚଳିକ କ୍ଷମତାରେ ଥିବା ଦଳ ବା ବ୍ୟକ୍ତି ପାଣ୍ଠି ଯୋଗାଉଛନ୍ତି। ଏଗୁଡ଼ିକର ରିପୋର୍ଟ ଅଧିକାଂଶ ମୌଳିକ ବିଷୟରେ ସମ୍ପୂର୍ଣ୍ଣ ଭିନ୍ନ ମତ ପୋଷଣ କରୁଛି। ପ୍ରାର୍ଥୀମାନେ ସେମାନଙ୍କ ପ୍ରିୟ ଏବଂ ସପକ୍ଷବାଦୀ ଚ୍ୟାନେଲଗୁଡ଼ିକରେ ସାହାରା ନେଉଛନ୍ତି। ଏହାଦ୍ୱାରା ଦେଶର ଭବିଷ୍ୟତ ଏବଂ ସରକାର ଚଳାଇବାରେ ସେମାନଙ୍କ ଦୃଷ୍ଟିକୋଣ ଉପରେ କୌଣସି ପ୍ରଶ୍ନ କେବେ ବି ପ୍ରାର୍ଥୀମାନଙ୍କୁ ସାମ୍ନା କରିବାକୁ ପଡୁନାହିଁ। କିନ୍ତୁ ସ୍ଥାନୀୟ ପରିଷଦ ନିର୍ବାଚନରେ ଏଭଳି ହୁଏନାହିଁ। ଲିବ୍ୟାରେ ସ୍ଥାନୀୟ ରାଜନୀତିର ଏକ ସଫଳ କାହାଣୀ ରହିଛି, ଯାହା ଜାତୀୟ ରାଜନୀତିରେ ହେବାର ସମ୍ଭାବନା ନାହିଁ। ୨୦୧୧ ଠାରୁ ସବୁ ଅଞ୍ଚଳରେ ଡିବେଟ୍ କ୍ଲବ୍‌ଗୁଡ଼ିକ ସଂଖ୍ୟା ଦ୍ରୁତ ଗତିରେ ବଢିଯାଇଛି ଏବଂ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବିତର୍କର ଆୟୋଜନ କରାଯାଇଛି। ଗତ ଦଶନ୍ଧିରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟୁନିସିପାଲ କାଉନ୍‌ସିଲରେ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ସ୍ତରରେ ସନ୍ତ୍ରାସବାଦୀ ଗୋଷ୍ଠୀର ପ୍ରଭାବ ଜାତୀୟ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିଦେଇଥିବାବେଳେ ଯୁବ ସଂଗଠନଗୁଡ଼ିକ ଏବଂ କମ୍ୟୁନିଟିରେ ପ୍ରମୁଖ ଭୂମିକା ନେଉଥିବା ସମ୍ମାନାସ୍ପଦ ବୟସ୍କମାନେ ବିତର୍କ ପାଇଁ କ୍ଷେତ୍ର ସୃଷ୍ଟି କରିବାକୁ ସକ୍ଷମ ହୋଇପାରିଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଆମର ପ୍ରସ୍ତାବିତ ବିତର୍କ ଏହି ଧାରାରେ ପ୍ରସ୍ତୁତ ହୋଇଛି। ଡିବେଟ ଆୟୋଜନର ଯୋଜନା କରିବାରେ ମୋ ବନ୍ଧୁମାନେ ଏବଂ ମୁଁ ବହୁତ କିଛି କରିଛୁ। ଭୋଟରମାନଙ୍କ ପାଇଁ ଡିବେଟକୁ ତଥ୍ୟର ଏକ ଉପାଦେୟ ଉତ୍ସ କରିବା ସକାଶେ ଅତ୍ୟଧିକ ପ୍ରୟାସ କରିଛୁ। ଲିବ୍ୟା ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ଲାଗି ଆମକୁ ବିଶ୍ୱ ସ୍ତରରେ ବେଲାରୁଷଠାରୁ ଆରମ୍ଭ କରି କଲମ୍ବିଆ ଯାଏ ସମାନ ପ୍ରକାର ଡିବେଟଗୁଡ଼ିକର ସମୀକ୍ଷା କରିବାକୁ ପଡ଼ିଛି। ସପକ୍ଷବାଦର ଅଭିଯୋଗକୁ ଦୂର କରିବା ଲାଗି ଆମେ ଡିବେଟଗୁଡ଼ିକୁ ଅନ୍ୟ ଉପାୟରେ ଅର୍ଥାତ୍ ସିଧାସଳଖ ବ୍ୟକ୍ତିଙ୍କ ସହ ସାକ୍ଷାତ କରିବା ଲାଗି ଏକ ସ୍ଥାନ ନିରୂପଣ କରିବାକୁ କରିବାକୁ ନିଷ୍ପତ୍ତି ନେଇଥିଲୁ। ସଂଘର୍ଷରେ ଲିପ୍ତ ସଶସ୍ତ୍ର ଗୋଷ୍ଠୀ ଓ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କ୍ଷମତାଶାଳୀ ରାଜନୈତିକ ବ୍ୟକ୍ତିଙ୍କୁ ଶକ୍ତିହୀନ କରିବାକୁ ପ୍ରାର୍ଥୀମାନଙ୍କ ମଧ୍ୟରେ ଏକ ମୁକ୍ତ, ବିଶ୍ୱାସଯୋଗ୍ୟ ରାଜନୈତିକ ଡିବେଟ୍ କରାଇବା ବାସ୍ତବାର ଏକ ଜଟିଳ ପଦକ୍ଷେପ। ଯେଉଁ ଗୋଷ୍ଠୀ କ୍ଷମତାରେ ରୁହନ୍ତୁ ନା କାହିଁକି ଯେ ପର୍ଯ୍ୟନ୍ତ ରାଜନୈତିକ ପ୍ରକ୍ରିୟା ନାଗରିକମାନଙ୍କ ବିଶ୍ୱାସ ଓ ସମର୍ଥନ ନ ପାଇଛି ଏବଂ ରାଜନେତାମାନେ ନିର୍ବାଚନ ଫଳାଫଳକୁ ସମ୍ମାନ ନ ଦେଇଛନ୍ତି, ସେତେବେଳ ଯାଏ ସଂଘର୍ଷ ନିଶ୍ଚିତ ଭାବେ ଲାଗି ରହିବ।

ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ନେଇ ଡିବେଟ ବା ବିତର୍କ ଆୟୋଜନ କରାଗଲେ ଲୋକମାନଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରାର୍ଥୀମାନଙ୍କୁ ତାହା ଏକ ସୁଯୋଗ ଦେବ। କିନ୍ତୁ ଗୁପ୍ତରେ, ଭୁଲ୍ ବାଟରେ ଓ ଟଙ୍କା ଦେଇ ଡିବେଟ କରାଇବା ଲିବ୍ୟା ରାଜନୀତିର ଏକ ପ୍ରମୁଖ ଚରିତ୍ର ପାଲଟିଯାଇଛି। ଏଥିରୁ ଶୀଘ୍ର ଦୂରେଇ ଯାଇ ଠିକ୍ ବାଟରେ ଡିବେଟକୁ ସ୍ୱୀକାର କରିବା ଦରକାର। ନିର୍ବାଚନ ପରେ ବୈଧାନିକ ପ୍ରଭେଦଜନିତ ବିପଦ ଦୂର କରିବାରେ ଏହି ଡିବେଟଗୁଡ଼ିକ ମଧ୍ୟ ସୁଯୋଗ ଆଣିବ ଓ ନିର୍ବାଚନ ପରିଣାମକୁ ପ୍ରାର୍ଥୀମାନେ ଗ୍ରହଣ କରିବେ କି ନାହିଁ ସେ ସମ୍ପର୍କରେ ସେମାନଙ୍କୁ ଆମେ ପ୍ରଶ୍ନ କରିପାରିବା। ଏହି ରାଷ୍ଟ୍ରପତି ନିର୍ବାଚନ ୧୦ ବର୍ଷ କାଳ ରାଜନୈତିକ ବିଭାଜନ ଏବଂ ଗୃହଯୁଦ୍ଧର ଶିକୁଳିରୁ ମୁକ୍ତ ହେବା ଲାଗି ଏଯାଏ ସଂଗ୍ରାମ କରୁଥିବା ଏକ ଦେଶର ସଫଳତାର ପ୍ରତୀକ ଭାବେ ଉଭା ହୋଇଛି। କିନ୍ତୁ ନିର୍ବାଚନ ଏଥିପାଇଁ ଯଥେଷ୍ଟ ନୁହେଁ। ଏଯାଏ ଲିବ୍ୟାରେ ଯେତେ ନିର୍ବାଚନ ହୋଇଛି ସବୁଥିରେ ଲୋକେ କମ୍ ଭୋଟ ଦେଇଛନ୍ତି। ପରିଣାମ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି ଓ ହିଂସା ଦେଖାଦେଇଛି। ଏକ ବାସ୍ତବ ଓ ସକ୍ରିୟ ଗଣତନ୍ତ୍ର ପାଇଁ ଆବଶ୍ୟକ ଏକ ଦୃଢ, ମୁକ୍ତ ଓ ଅଣପ୍ରୟୋଜିତ ବିତର୍କ। କହିବା ଓ ଶୁଣିବାର ସମାନ ସୁଯୋଗ ଏବଂ ସର୍ବୋପରି ନାଗରିକ ଓ ସେମାନଙ୍କ ପାଇଁ ପ୍ରତିନିଧିତ୍ୱ କରୁଥିବା ରାଜନେତାଙ୍କ ମଧ୍ୟରେ ଏକ ବିଶ୍ୱାସର ସଂସ୍କୃତି ଲୋଡା। ଏଣୁ ଲିବ୍ୟାରେ ଏହି ସବୁ ପରିବେଶ ବା ସ୍ଥିତି ସୃଷ୍ଟି କରିବା ଲାଗି ରାଷ୍ଟ୍ରପତି ନିର୍ବାଚନ ବିତର୍କ ହିଁ ପ୍ରଥମ ପଦକ୍ଷେପ। ସେମାନେ ଏଥିପାଇଁ ପୂର୍ଣ୍ଣ ଅନ୍ତର୍ଜାତୀୟ ସମର୍ଥନ ବ୍ୟତୀତ ଆଉ କିଛି ଆଶା କରିବା ଉଚିତ ନୁହେଁ।

**ଫାଉଣ୍ଡର, ଦି ମୁନାଥାରା ଇନିସିଏଟିଭ**
**ଗ୍ରୁବର ଫେଲୋ ଇନ୍ ଗ୍ଲୋବାଲ୍ ଜଷ୍ଟିସ୍, ୟେଲେ ଲ ସ୍କୁଲ**

## ଏଇ ଭାରତରେ

ଗୋଟିଏ ଲାଇବ୍ରେରିର ଉନ୍ନତି ପାଇଁ ଜଣେ ଲାଇବ୍ରେରିଆନ୍‌ଙ୍କ ନିଷ୍ଠାପର ପ୍ରୟାସ ସଭିଙ୍କ ପାଇଁ ପ୍ରେରଣା ପାଲଟିଛି। କେରଳର ଆଲ୍‌ପୁଝା ଜିଲା କାରୁଭଚ୍ଚା ନିବାସୀ ଲାଇବ୍ରେରିଆନ୍ ପି. ସୁକୁମାରନ୍ ପ୍ରତିଦିନ ୧୨ କି.ମି. ଚାଲିଚାଲି ଯାଇ ଲୋକମାନଙ୍କୁ ବହି ଦେଉଛନ୍ତି। ଅତି କମ୍‌ରେ ୩୫ଟି ଘରେ ସେ ପିଲା ଓ ମହିଳାମାନଙ୍କୁ ବହି ଦେଉଛନ୍ତି ଓ ଠିକ୍ ସମୟରେ ଆଣୁଛନ୍ତି। ଲାଇବ୍ରେରିରୁ ବାହାରିବା ସମୟରେ ସେ ଦୁଇଟି ବ୍ୟାଗରେ ୬୦–୭୦ ଖଣ୍ଡ ବହି ନିଅନ୍ତି। ଏଗୁଡ଼ିକୁ କାରୁଭଚ୍ଚା ଓ କୁମାରପୁରମ୍ ପଞ୍ଚାୟତର ଲୋକଙ୍କ ପାଖରେ ପହଞ୍ଚାଇବା ପରେ ଅପରାହ୍ନ ୪ଟାରେ ଫେରନ୍ତି। ଏଭଳି କାର୍ଯ୍ୟ ସେ ୪୧ ବର୍ଷ ଧରି କରିଆସୁଛନ୍ତି। ୧୯୫୦ରେ ପ୍ରତିଷ୍ଠିତ କୁମାରପୁରମ୍ ପବ୍ଲିକ୍ ଲାଇବ୍ରେରିରେ ସେ ୧୯୭୯ରୁ ଚାକିରି କରୁଛନ୍ତି। ସେତେବେଳେ ଏହି ଲାଇବ୍ରେରିକୁ ପାଠିକାପାଠକ ଆସିବା କମି ଯିବା ଦେଖି ସୁକୁମାରନ୍ ଏଭଳି ଅଭିଯାନ ଆରମ୍ଭ କରିଥିଲେ। ତାଙ୍କର ଏଭଳି ନିଷ୍ଠାପର ଉଦ୍ୟମ ଯୋଗୁ ଲୋକେ ତାଙ୍କୁ 'ୱାକିଂ ଲାଇବ୍ରେରିଆନ' ବୋଲି ସମ୍ବୋଧନ କରନ୍ତି। ଲୋକ ଓ ପିଲାମାନେ ବହି ପଢ଼ିବା ଦ୍ୱାରା ସେମାନଙ୍କର ଲାଭ ହେବା ସହ ଲାଇବ୍ରେରି ମଧ୍ୟ ବଞ୍ଚି ରହିବ ଓ ଏହି ସଂସ୍କୃତିର ବିକାଶ ହୋଇପାରିବ ବୋଲି କହନ୍ତି ୬୧ ବର୍ଷୀୟ ସୁକୁମାରନ୍। ଏହି ଲାଇବ୍ରେରିରେ ପାଖାପାଖି ୨୦,୦୦୦ ବହି ଅଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଡିସେମ୍ବର ୧୯୯୬**

- ବେନଜୀର ଭୁଟ୍ଟୋଙ୍କ ଭାଇ ମୁର୍ତ୍ତାଜା ଭୁଟ୍ଟୋଙ୍କ ହତ୍ୟା ଘଟଣାରେ ଦୁଇ ଜଣ ବରିଷ୍ଠ ପୋଲିସ ଅଫିସର ଗିରଫ।
- ଅଯୋଧ୍ୟା ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ଅତିରିକ୍ତ ଦୌରାଜଜ୍ ରାଜମାତା ସିନ୍ଧିଆଙ୍କ ସମେତ ୨୦ ଜଣଙ୍କ ବିରୁଦ୍ଧରେ ଗିରଫ ପରୱାନା ପ୍ରତ୍ୟାହାରା କରିନେଇଛନ୍ତି।
- ଯାଜପୁର ଜିଲାର ପୂର୍ବତନ ଜିଲାପାଳ ଜି. ଶ୍ରୀନିବାସନଙ୍କ ଉପରୁ ସରକାର ବାଧ୍ୟହୋଇ ତାଙ୍କର ସସ୍‌ପେଣ୍ଡ୍ ଆଦେଶ ଓ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 9 | | 3 |
| 5 | | | 1 | | | | | |
| | | 9 | | | | | 2 | |
| | | | 9 | 8 | | | | |
| | | 3 | | | 5 | | 4 | 1 |
| | | | | | 2 | | | 5 |
| | 8 | | | 7 | 1 | | 5 | |
| 7 | | | | 4 | | | | |
| | | 4 | 8 | 9 | | | | 2 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 9 | 8 | 1 | 5 | 4 | 3 | 7 |
| 3 | 1 | 7 | 6 | 4 | 2 | 9 | 8 | 5 |
| 5 | 4 | 8 | 9 | 3 | 7 | 1 | 2 | 6 |
| 4 | 9 | 5 | 7 | 8 | 6 | 2 | 1 | 3 |
| 1 | 8 | 3 | 2 | 5 | 4 | 6 | 7 | 9 |
| 6 | 7 | 2 | 1 | 9 | 3 | 5 | 4 | 8 |
| 7 | 5 | 4 | 3 | 6 | 1 | 8 | 9 | 2 |
| 9 | 3 | 6 | 4 | 2 | 8 | 7 | 5 | 1 |
| 8 | 2 | 1 | 5 | 7 | 9 | 3 | 6 | 4 |

ଗତକାଲିର ଉତ୍ତର

# ଅଣ୍ଡା ଦେଖିଲେ ଡର ମାଡୁଛି



ଲଳିତେନ୍ଦୁ ପଲାଉରୀ

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାରଙ୍କୁ ସମାଲୋଚନା ହେଉ କି ନେତା, ମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କିମ୍ବା ଟମାଟୋ, ଆଉ ଅଣ୍ଡାମାଡ଼ ଘଟଣା କିଛି ନୂଆ କଥା ନୁହେଁ। ଗଣତନ୍ତ୍ର ପାଇଁ ଗଠନମୂଳକ ବିରୋଧ ଶୁଭଙ୍କର ହୋଇଥାଏ। ତେଣୁ ଗଣତନ୍ତ୍ରରେ 'ପ୍ରତିବାଦ' ଉଭୟ ଶାସକ ଓ ଶାସକ ଦଳକୁ ସେମାନଙ୍କର ଦାୟିତ୍ୱବୋଧ କ'ଣ ହେବା ଉଚିତ ତାହା ସଚେତନ କରିବା ସହ ସତର୍କ କରିଥାଏ। ତେଣୁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଆମେ ସେତେବେଳେ ସଫଳ ବୋଲି କହିପାରିବା ଯେତେବେଳେ ବିରୋଧୀଙ୍କ ଆହ୍ୱାନ ହେଉ କି ସମାଲୋଚନାକୁ ଶାସକ ଦଳ ସକାରାତ୍ମକ ଢଙ୍ଗରେ ଗ୍ରହଣ କରି ଲୋକଙ୍କ ପାଇଁ କାମ କରିବାକୁ ଆଗଭର ହୁଏ। ତେଣୁ ବିରୋଧୀ ମଧ୍ୟ ଯୁକ୍ତିଯୁକ୍ତ ଓ ଉପାଦେୟ ତଥ୍ୟକୁ ନେଇ ବିରୋଧ କଲେ ସରକାରଙ୍କ ଉତ୍ତରଦାୟିତ୍ୱ ବଢ଼ିବା ସହ ଗଣତନ୍ତ୍ର ଅଧିକ ସୁଦୃଢ଼ ଓ ପରିପୁଷ୍ଟ ହେବ। ତେବେ ପ୍ରଶ୍ନ ଉଠୁଛି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଲୋକଙ୍କ ଅଧିକାର ଓ ଜନ କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଥିବା ବେଳେ ଶାସକ ହୁଅନ୍ତୁ ବା ଲୋକ ପ୍ରତିନିଧି ଅନେକ ସମୟରେ ସ୍ୱେଚ୍ଛାଚାରୀ ହୋଇଯାଉଛନ୍ତି କାହିଁକି ? ନିର୍ବାଚନ ପୂର୍ବରୁ ଲୋକଙ୍କ ଆଗରେ ପ୍ରତିଶ୍ରୁତିର ପାହାଡ ଛିଡ଼ା କରାଉଥିବା ରାଜନେତା ନିର୍ବାଚିତ ହେବା ପରେ ପ୍ରତିଶ୍ରୁତି ପାଳନ ବଦଳରେ ଏକଚ୍ଛତ୍ରବାଦୀଙ୍କ ଭଳି ବ୍ୟବହାର କରୁଛନ୍ତି କାହିଁକି ? ଏଭଳି ଅନେକ କାରଣ ରହିଛି; ଯାହାଦ୍ୱାରା ଲୋକ ପ୍ରତିନିଧିମାନେ ସାଧାରଣ ଜନତାଙ୍କର ବିଶ୍ୱାସ ବଦଳରେ ତିରସ୍କାର, ବିରୋଧ ଓ ଅଣ୍ଡାମାଡ଼ ଭଳି ପ୍ରତିବାଦର ସମ୍ମୁଖୀନ ହେଉଛନ୍ତି।

ଦେଶର କେଉଁଠି ନା କେଉଁଠି ପ୍ରତିଦିନ ଘଟି ଚାଲିଛି ଏଭଳି ଘଟଣା। ତେଣୁ ଜନଙ୍କ ପାଇଁ କାମ କରୁ ନ ଥିବାରୁ ଜନପ୍ରତିନିଧିମାନଙ୍କୁ ଜନତା ଅଣ୍ଡାମାଡ଼, ଟମାଟୋ ମାଡ଼, ଯୋତା ମାଡ଼, ଚାପୁଡ଼ା ଆଉ କାଳି ବୋଲି ସେମାନଙ୍କୁ ପ୍ରତିବାଦ ଜଣାଉଛନ୍ତି। ତେଣୁ ଗଣତନ୍ତ୍ରରେ ଗଣ ହିଁ ଶ୍ରେଷ୍ଠ ବିବେଚନା କରାଯାଉଥିବାରୁ ଏଭଳି ପ୍ରତିବାଦ କେବଳ ବର୍ତ୍ତମାନ ସମୟରେ ନୁହେଁ, ଅନେକ ବର୍ଷରୁ ଇତିହାସରେ ଲିପିବଦ୍ଧ ହୋଇ ରହିଛି। କେବଳ ଆମ ଦେଶ ଭାରତ ବା ଆମ ରାଜ୍ୟ ଓଡ଼ିଶା ନୁହେଁ, ଏଭଳି ଅଣ୍ଡାମାଡ଼ ପ୍ରତିବାଦ ଘଟଣା ଏକମାତ୍ର ପ୍ରସଙ୍ଗ ନୁହେଁ, ବିଶ୍ୱର କୋଣ ଅନୁକୋଣ, ବିକାଶଶୀଳ ଓ ବିକଶିତ ଦେଶରେ ମଧ୍ୟ ଘଟୁଛି। ଗତ ସେପ୍ଟେମ୍ବର ୨୭ରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଫ୍ରାନ୍ସର ଲେୟନ ସହରରେ ଏକ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ବେଳେ ତାଙ୍କୁ ବିରୋଧୀଙ୍କ ଅଣ୍ଡାମାଡ଼ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହିଭଳି ୨୦୧୯ ମେ ୭ରେ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ନିର୍ବାଚନ ପ୍ରଚାର କରୁଥିବା ବେଳେ କିଛି ମହିଳା ତାଙ୍କ ଉପରକୁ ଅଣ୍ଡାମାଡ଼ କରିଥିଲେ। ଏପରି କି ପ୍ରଥମ ବିଶ୍ୱଯୁଦ୍ଧ ପରେ ମଧ୍ୟ ଏହି ଅଣ୍ଡାମାଡ଼ ପ୍ରତିବାଦ ଦେଖିବାକୁ ମିଳିଥିଲା। ୧୯୧୭ ନଭେମ୍ବର ୨୯ରେ କ୍ୱିନ୍ସଲାଣ୍ଡରେ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ବିଲ୍ ହ୍ୟୁଗେସଙ୍କୁ ୱାରୱିକ ରେଳ ଷ୍ଟେସନରେ ଅଣ୍ଡାମାଡ଼ କରାଯାଇଥିଲା। ସେହିଭଳି ୧୯୭୦ରେ ବ୍ରିଟେନ ପ୍ରଧାନମନ୍ତ୍ରୀ ହାରଲ୍ଡ ୱିଲସନଙ୍କୁ ନିର୍ବାଚନ ପ୍ରଚାର ବେଳେ କନ୍‌ଜରଭେଟିଭ ପାର୍ଟିର ଯୁବ ନେତାମାନେ ଅଣ୍ଡାମାଡ଼ କରିଥିଲ। ୨୦୦୧ ମେ ମାସରେ ଇଂଲଣ୍ଡର ଉପ-ପ୍ରଧାନମନ୍ତ୍ରୀ ଜନ ପ୍ରିସ୍କଟଙ୍କୁ ମଧ୍ୟ ଅଣ୍ଡାମାଡ଼ ହୋଇଥିବାର ପ୍ରମାଣ ରହିଛି। ତେବେ କେବଳ ଅଷ୍ଟ୍ରେଲିଆ, ଇଂଲଣ୍ଡ ନୁହେଁ ହଂକଂ, ଫ୍ରାନ୍ସ, ଗ୍ରୀସ୍, ଇଟାଲି ଭଳି ଦେଶରେ ଜନ ପ୍ରତିନିଧିଙ୍କୁ ଅଣ୍ଡାମାଡ଼ କରି ବିରୋଧ ପ୍ରଦର୍ଶନ ଘଟଣା ଅନେକ ସମୟରେ ଘଟି ଚାଲିଛି। ୨୦୦୪ରେ ବ୍ରିଟେନର ହାଉସ ଅଫ କମନରେ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଉଦ୍‌ବୋଧନ ଦେଉଥିବା ବେଳେ ତାଙ୍କ ଉପରକୁ ପର୍ପଲ କଲର ପାଉଡର ଫିଙ୍ଗି ପ୍ରତିବାଦ କରିଥିଲେ ବିରୋଧୀ। ୧୯୬୦ରେ ଆମେରିକାର ଉପରାଷ୍ଟ୍ରପତି ରିଚାର୍ଡ ନିକ୍ସନ ସାଉଥ ଆମେରିକୀୟ ଦେଶରେ ଏକ ସଦ୍‌ଭାବନା ଯାତ୍ରାରେ ଯୋଗଦେବାକୁ ଯାଉଥିବା ବେଳେ ତାଙ୍କ ଉପରେ ମଧ୍ୟ ଅଣ୍ଡାମାଡ଼ ହୋଇଥିବାର ପ୍ରମାଣ ରହିଛି। ୨୦୦୩ରେ ଆମେରିକା କାଲିଫର୍ନିଆ ଗଭର୍ନର ଆର୍ନଲ୍ଡ ସ୍ୱଜେନଜର ନିର୍ବାଚନୀ ପ୍ରଚାର କରୁଥିବା ବେଳେ ତାଙ୍କ ଉପରକୁ ମଧ୍ୟ ଅଣ୍ଡାମାଡ଼ କରିଥିଲେ ବିରୋଧୀ। ୨୦୧୫ରେ ଭେନିଜୁଏଲାର ରାଷ୍ଟ୍ରପତି ନିକୋଲାସ ମଦୁରୋ ଆଞ୍ଚଳିକ ଗସ୍ତ ବେଳେ ତାଙ୍କ ଉପରକୁ ବିଦ୍ରୋହୀମାନେ ଆମ୍ବ ଫୋପାଡ଼ି ପ୍ରତିବାଦ କରିଥିଲେ। ଇଂଲଣ୍ଡ ଭଳି ବିକଶିତ ଦେଶରେ ନାଗରିକମାନେ ଅଣ୍ଡାମାଡ଼ କରି ପ୍ରତିବାଦ କରିବା ଏକ ପ୍ରମୁଖ ଘଟଣା ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଡେଭିଡ୍‌କ୍ୟାମରୁନଙ୍କଠାରୁ ଜନ୍ ପ୍ରିସକଟଙ୍କ ପର୍ଯ୍ୟନ୍ତ ବ୍ରିଟେନର ବହୁ ପ୍ରଭାବଶାଳୀ ନେତା ମଧ୍ୟ ବିଭିନ୍ନ ସମୟରେ ଅଣ୍ଡାମାଡ଼ର ଶିକାର ହୋଇଛନ୍ତି।

୨୦୧୦ରେ ଆମେରିକାର ଲୋକପ୍ରିୟ ରାଷ୍ଟ୍ରପତି ବାରାକ ଓବାମାଙ୍କୁ ମଧ୍ୟ ବିରୋଧ ପ୍ରଦର୍ଶନ ସଦୃଶ ତାଙ୍କ ଉପରକୁ ପେପର ବ୍ୟାକ ବୁକ ଫୋପାଡ଼ି ଜଣେ ଆମେରିକୀୟ ନାଗରିକ ପ୍ରତିବାଦ ଜଣାଇଥିଲେ। ଆମ ଦେଶରେ ମଧ୍ୟ ବହୁ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ପର୍ଯ୍ୟନ୍ତ ସେମାନଙ୍କ ଉପରକୁ ଚପଲ ଫୋପାଡ଼ିବାଠାରୁ ଆରମ୍ଭ କରି ଅଣ୍ଡାମାଡ଼, କାଳିମାଡ଼ ଭଳି ପ୍ରତିବାଦ ବିଭିନ୍ନ ସମୟରେ ଦେଖିବାକୁ ମିଳିଛି। ଏପରି କି ବ୍ରିଟିଶ ଶାସନରୁ ପରାଧୀନ ଭାରତକୁ ମୁକ୍ତି କରିବାକୁ ସେ ସମୟରେ ମଧ୍ୟ ବହୁ ରାଷ୍ଟ୍ର ନେତା ବିଭିନ୍ନ ଉପାୟରେ ଇଂରେଜ ସରକାର ବିରୋଧରେ ପ୍ରତିବାଦ କରିଥିବାର ପ୍ରମାଣ ରହିଛି; ଯେମିତି କି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ 'କୁଟି ଖାଅ କାଟି ପିନ୍ଧ' ନାରା ହେଉ ବା ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ, ଆଉ ଶେଷରେ ଭାରତଛାଡ଼ ଆନ୍ଦୋଳନ ଗୋଟିଏ ଗୋଟିଏ ପ୍ରତିବାଦର ଉଦାହରଣ ମଧ୍ୟ। ତେଣୁ ବର୍ତ୍ତମାନ ଭାରତ ବର୍ଷର ଯୁବ ପ୍ରାଧାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ଦୁର୍ନୀତି ମୁକ୍ତ ଭାରତ ଗଠନ ପାଇଁ ରାଜନେତାମାନଙ୍କୁ ଅଣ୍ଡାମାଡ଼ ଓ ବିଚ ରାସ୍ତାରେ କାଳି ବୋଳିବା ଭଳି ପ୍ରତିବାଦ କରାଯାଉଛି। କିନ୍ତୁ ଉଭୟ ଶାସକ ଓ ବିରୋଧୀ ଦଳର ନେତା ବର୍ତ୍ତମାନ ସମୟର ଅଣ୍ଡାମାଡ଼ ପ୍ରତିବାଦକୁ ଏକ ଆକ୍ରୋଶମୂଳକ ରାଜନୀତିର ଆଖ୍ୟା ଦେଇଛନ୍ତି। ଜନ ପ୍ରତିନିଧିଙ୍କୁ ଅଣ୍ଡାମାଡ଼ ଗଣତନ୍ତ୍ରରେ ଏକ ସୁସ୍ଥ ପରମ୍ପରା ନୁହେଁ ବୋଲି ଅନେକେ ମତ ରଖିଛନ୍ତି। ଏପରି କି କିଛି ବରିଷ୍ଠ ରାଜନେତା ମଧ୍ୟ ଏହି ଅଣ୍ଡାମାଡ଼ ପ୍ରତିବାଦକୁ ସମର୍ଥନ ଜଣାଇଛନ୍ତି। ତେଣୁ ବିରୋଧ କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିଥିବା ଅଣ୍ଡାମାଡ଼ ପ୍ରତିବାଦ ଦୁର୍ନୀତିଖୋର, ବ୍ୟଭିଚାରୀ ନେତା ଓ ମନ୍ତ୍ରୀଙ୍କୁ ଭାରି ବାଧିଲା ଭଳି ମନେହେଉଛି। ଅଣ୍ଡା ରାଜନୀତିକୁ ବିଭିନ୍ନ ଦଳ ନିନ୍ଦା କରୁଛନ୍ତି ସତ, କିନ୍ତୁ ମୌକା ଦେଖି ନିଜ ଦଳୀୟକର୍ମୀଙ୍କୁ ସେମାନେ ବିରୋଧୀଙ୍କୁ ଅଣ୍ଡାମାଡ଼ କରିବାକୁ ଉସୁକାଇ ଦେଉଛନ୍ତି। ବର୍ତ୍ତମାନ ରାଜ୍ୟ ରାଜନୀତିରେ ଅଣ୍ଡାମାଡ଼ ଫଣ୍ଡାକୁ ନେଇ ରାଜନୀତି ଚାଲିଛି। ତେବେ ପର୍ଯ୍ୟାୟ ପର୍ଯ୍ୟାୟରେ ଚାଲିଥିବା ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ ପ୍ରତିବାଦ ଦେଖିଲେ ଏହା ହିଁ ଲାଗୁଛି ଯେ ଗଣତନ୍ତ୍ରରେ ଜନତାଙ୍କୁ ନିଃସ୍ୱାର୍ଥପର ସେବା ଦେବାକୁ କହି ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଜନ ପ୍ରତିନିଧିମାନେ ଦୁର୍ନୀତିଗ୍ରସ୍ତ, ଅପାରଗ ଆଉ ଏତେ ମାତ୍ରାରେ ସ୍ୱାର୍ଥପର ହୋଇ ଯାଇଛନ୍ତି ଯେ ସେମାନଙ୍କ ଥୋବରା ମୁହଁରୁ ଲାଜ ସରମ ଉଭାନ ହୋଇଯାଇଛି। ତେବେ ସେମାନଙ୍କ ଶାର୍ଟରେ ଜନତାଙ୍କ ପ୍ରତିବାଦର କାଳିଛିଟା ପଡୁ ବା ଜନତାଙ୍କ ପ୍ରତିବାଦର ବ୍ରହ୍ମଚାପୁଡ଼ା ଏସବୁକୁ ଜନତାଙ୍କ ଆଶୀର୍ବାଦ ଭଳି ମନେକରୁଥିବା ବେଳେ କିନ୍ତୁ ଅଣ୍ଡା ଦେଖିଲେ ସେମାନଙ୍କୁ ଡର ମାଡୁଛି।

**ବାଲିପଡ଼ାଳ, ନଗର, ଅସ୍ତରଙ୍ଗ, ପୁରୀ**
**ମୋ–୯୭୭୮୬୯୭୦୩୬**

# ଶୂନ୍ୟପୁରୁଷ ଶିଶୁଅନନ୍ତ



ଡ. ଭବାନୀ ଶଙ୍କର ଦାଶ

ସଂସ୍କୃତ ସାହିତ୍ୟ ପ୍ରତି ନୀରବ ପ୍ରତିବାଦରେ ସେଦିନ ସାରଳା ଦାସଙ୍କ ସାହିତ୍ୟ ସୃଷ୍ଟି ଥିଲା ଏକ ବୈପ୍ଳବିକ ପଦକ୍ଷେପ। ସାରଳାଙ୍କ ପରେ ଓଡ଼ିଶାର ସାହିତ୍ୟ, ସମାଜ, ସଂସ୍କୃତି ଓ ଧର୍ମ କ୍ଷେତ୍ରରେ ମଧ୍ୟ ଏକ ଯୁଗାନ୍ତକାରୀ ବିପ୍ଳବ ଆରମ୍ଭ ହୋଇଥିଲା। ଏହି ବିପ୍ଳବର କର୍ଣ୍ଣଧାର ସାଜିଥିଲେ ଓଡ଼ିଶାର ବୈଷ୍ଣବ ମହାପୁରୁଷ। ସେମାନେ ହେଲେ ବଳରାମ ଦାସ, ଯଶୋବନ୍ତ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ ଓ ଅନନ୍ତ ଦାସ। ଓଡ଼ିଆ ସାହିତ୍ୟ ଇତିହାସରେ ଏମାନେ ପଞ୍ଚସଖା ନାମରେ ନାମିତ। କେହି କେହି ପଣ୍ଡିତ ଏମାନଙ୍କୁ ପଞ୍ଚଶାଖା ବି କହିଥା'ନ୍ତି।

ପଞ୍ଚସଖା ଯୁଗର ବରେଣ୍ୟ ସାଧକମାନଙ୍କ ମଧ୍ୟରେ ଶିଶୁଅନନ୍ତ ଓଡ଼ିଆବାଣୀ ଭଣ୍ଡାର ଓ ଭକ୍ତି ପରମ୍ପରାରେ ଏକ ଅଦ୍ଭୁତ ରହସ୍ୟ ଘନ ଉଚ୍ଚାରଣ। ତାଙ୍କ ଜନ୍ମ ସମୟ, ଜନ୍ମସ୍ଥାନ, ରଚନାବଳୀ ଓ ଅଲୌକିକତା ସମ୍ପର୍କରେ ଠିକ୍ ପ୍ରମାଣଭିତ୍ତିକ ବିବରଣୀ ଏଯାଏ ମିଳିବା ସମ୍ଭବ ହୋଇନାହିଁ। ତଥାପି ଓଡ଼ିଶାରେ ପଞ୍ଚସଖା ବିଶ୍ଳେଷଣ ପାଇଁ ଯୋଜନାବଦ୍ଧ ଉଦ୍ୟମ ଆରମ୍ଭ ହିଁ ହୋଇନାହିଁ। ଯେତିକି ସେମାନଙ୍କ ସମ୍ପର୍କରେ ଗବେଷଣା କରାଯାଇଛି, ତାହାସବୁ ଆଦୌ ଯଥେଷ୍ଟ ନୁହେଁ କି ଯଥାଯଥ ବି ନୁହେଁ। ଓଡ଼ିଶାର ଲୋକକଥାରେ ଏବେ ବି କୁହାଯାଏ– ଅଚ୍ୟୁତ ଠାର, ଅନନ୍ତ ଗାର। ସେହି ପଞ୍ଚସାଧକ ଅନେକ ମାଳିକା, ପଟଳ, ଚଉତିଶା, ବାଖର ଇତ୍ୟାଦି ରଚନା କରିଥିଲେ ହେଁ ଅଧିକାଂଶ ରଚନାରେ ଠାରର ବ୍ୟବହାର ରହିଛି। ବିଶେଷତଃ ଅଚ୍ୟୁତାନନ୍ଦ ଠାର ବଚନ ଲେଖିବାରେ ସିଦ୍ଧହସ୍ତ ଥିଲେ। ଏମାନେ ଥିଲେ ଦୂରଦ୍ରଷ୍ଟା ଲୋକଶିକ୍ଷକ। ଆଗାମୀ କାଳିର ସୂଚନା ଦେଲାବେଳେ ଲୋକମାନେ ଆତଙ୍କିତ ନ ହେବା ପାଇଁ ଠାରର ଉପଯୋଗ କରିଥିଲେ। ମାତ୍ର ଏମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶକ୍ତିର ଅଧିକାରୀ ଥିଲେ ମହାତ୍ମା ଶିଶୁଅନନ୍ତ। ତାଙ୍କ 'ଗାର' କ'ଣ ତାହା ଏଯାଏ ଓଡ଼ିଶାର ବୌଦ୍ଧିକ ସ୍ତରକୁ ଆନ୍ଦୋଳିତ କରିନାହିଁ। ଅଥଚ 'ଗାରକଟା ଯନ୍ତ୍ର' ଉଦ୍ଭାବକ ଭାବେ ପଞ୍ଚସଖା ମଧ୍ୟରେ ତାଙ୍କର ବିଶେଷ ଖ୍ୟାତିଥିଲା। 'ଗାରକଟା ଯନ୍ତ୍ର' କ'ଣ ତାହା ସ୍ୱଷ୍ଟ ହୋଇପାରିଲା ନାହିଁ ଏଯାଏ। ତାଙ୍କ ସମ୍ପର୍କରେ ସ୍ୱଷ୍ଟ ପ୍ରାମାଣିକ ତଥ୍ୟ ମଧ୍ୟ ମିଳିପାରିନାହିଁ।

ଶିଶୁଅନନ୍ତଙ୍କ ଜନ୍ମ ବାଲିପାଟଣାରେ। ଏହାର ଅନେକ ପ୍ରମାଣ ରହିଛି। ବଂଶାନୁକ୍ରମିକ ଭାବେ ସିଏ ଥିଲେ ବାଲିପାଟଣାର ଅଧିବାସୀ। ତାଙ୍କ ପିତାଙ୍କ ନାମ କପିଳ ମହାନ୍ତି ଓ ମାତା ଗୌରୀ ଦେବୀ। ଶିଶୁଅନନ୍ତଙ୍କ ପୁତ୍ରର ନାମ ଅକ୍ରୂର। ଏକଦା ଯଶୋବନ୍ତ ଦାସ ନିଜ ଶିଷ୍ୟମାନଙ୍କ ସହିତ ବାଲିପାଟଣାରେ କିଛିଦିନ ଅବସ୍ଥାନ କରିଥିବା କଥା ସୁଦର୍ଶନ ଦାସଙ୍କ 'ଚୌରାଅଶୀ ଆଜ୍ଞା'ରୁ ଜାଣିବାକୁ ମିଳେ। କେବଳ ସୁଦର୍ଶନ ଦାସଙ୍କ 'ଚୌରାଅଶୀ ଆଜ୍ଞା' ନୁହେଁ, ଜଗନ୍ନାଥ ଦ୍ୱିଜଙ୍କ ରଚିତ 'ଭକ୍ତି ଚନ୍ଦ୍ରିକା'ରେ ଅନନ୍ତଙ୍କ ଜନ୍ମ ବାଲିପଡ଼ା ବୋଲି ଉଲ୍ଲେଖ ଅଛି। ଅପଭ୍ରଂଶର ଗଡ୍ଡାଳିକାରେ ବାଲିପଡ଼ା ପରବର୍ତ୍ତୀ ସମୟରେ ବାଲିପାଟଣା ହୋଇଥିବା ଖୁବ୍ ସମ୍ଭବ। ପଞ୍ଚସଖା ଥିଲେ ଅତି ଅଲୌକିକ ଶକ୍ତିର ଅଧିକାରୀ ସିଦ୍ଧ ସାଧକ। ସେମାନଙ୍କ ଅଲୌକିକ କ୍ରିୟାକଳାପ ଆଶ୍ଚର୍ଯ୍ୟ ଚକିତ କରୁଥିଲା। ଶିଶୁଅନନ୍ତଙ୍କଠାରେ ଏ ଅଲୌକିକତା ଅତିମାତ୍ରାରେ ଦେଖିବାକୁ ମିଳୁଥିଲା। ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ' ଅନୁସାରେ ପଞ୍ଚସଖାଙ୍କ ଆବିର୍ଭାବ ପ୍ରତ୍ୟେକ ଯୁଗରେ ରହିଥାଏ। ଯିଏ ଅନନ୍ତ ଯୁଗରେ ଗାର୍ଗବ ଭାବେ ଜନ୍ମ ହୋଇଥିଲେ, ସିଏ ସତ୍ୟଯୁଗରେ ହେଲେ ଯଜୁର୍ବେଦ, ତ୍ରେତାରେ ଜାମ୍ବବ, ଦ୍ୱାପରରେ ସୁବାହୁ ଓ କଳିଯୁଗରେ ଶିଶୁଅନନ୍ତ ହୋଇ ଜନ୍ମ ନେଇଥିଲେ।

ବାଲିପାଟଣାର ଫିରିଙ୍ଗପାଟଣା ଗ୍ରାମ ମଧ୍ୟ ତାଙ୍କ ଅଲୌକିକ କାର୍ଯ୍ୟ ଲାଗି ପ୍ରସିଦ୍ଧ ହୋଇଛି। ଏକଦା କୌଣସି ଏକ ବେହେରାର ଗୋରୁ ପିର୍ ଖାଁ ନାମକ ବିତ୍ତଶାଳୀ ବ୍ୟକ୍ତିର ଆଖୁକିଆରିରେ ପଶି ଗଛ ସବୁ ଖାଇଦେଲା। ପିର୍ ଖାଁ ତତ୍କାଳୀନ ରାଜଦରବାରରେ ଅଭିଯୋଗ କଲେ। ବେହେରାଟି ବିଚରା କାନ୍ଦିକାନ୍ଦି ରାଜଦରବାରକୁ ଯିବା ବାଟରେ ଅନନ୍ତ ଗୋସେଇଁ ଭେଟ ହେଲେ। ପ୍ରବୋଧନା ଦେଇ ଭୟାତୁର ବେହେରାକୁ ବିଦାକରି ଅନନ୍ତ ଦାସ ଖଣ୍ଡିଆ କାନ୍ଥରେ ବସି ରାଜଦ୍ୱାରରେ ପହଞ୍ଚି ଅଭିଯୁକ୍ତକୁ ମୁକ୍ତ କରିଥିଲେ। ସେହି ସ୍ମୃତିକୁ ଧରି ରଖି ଆଜି ମଧ୍ୟ ପିର୍ ଖାଁ ପାଟଣା ଫିରିକାପାଟଣା ନାମ ଧରି ସଦର୍ପେ ଦଣ୍ଡାୟମାନ ରହିଛି। ଅନ୍ୟ ସଖାଙ୍କ ଭଳି ଅନନ୍ତ ଦାସଙ୍କ ମାଳିକାଦିର ପ୍ରଚାର ପ୍ରସାର ତଥାପି ହୋଇପାରିନାହିଁ। ତାଙ୍କ ମନ୍ତ୍ର ଯାନ ଯେ ସାମ୍ପ୍ରତିକ ଯନ୍ତ୍ରଯାନଠାରୁ ଥିଲା ଉନ୍ନତତର ଯାହା ଗବେଷଣା ସାପେକ୍ଷ। ଏଥିପାଇଁ ଶିଶୁମଠଠାରେ ଅନନ୍ତ ଗବେଷଣାଗାରଟିଏ ପ୍ରତିଷ୍ଠା କରାଯାଇ ପଞ୍ଚସଖାଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଗବେଷଣାର ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଆଗାମୀ କାଳିର ବିଶ୍ୱ ଏକ ଗରିମାମୟ ତେଜସ୍ୱୀ ଓଡ଼ିଶାକୁ ଦେଖିପାରନ୍ତା।

**ପ୍ରାକ୍ତନ ପ୍ରାଧ୍ୟାପକ, ଶିଶୁ ଅନନ୍ତ ମହାବିଦ୍ୟାଳୟ, ବାଲିପାଟଣା, ଖୋର୍ଦ୍ଧା**
**ମୋ: ୮୯୧୭୬୨୪୩୮୬**

## ପାଠକ ଶ୍ରେଷ୍ଠ ବିଚାରକ

### ନକଲି ଦ୍ରବ୍ୟ ପ୍ରତି ସାବଧାନ

ମହାଶୟ,

ବାଣିଜ୍ୟ ବସତିଃ ଲକ୍ଷ୍ମୀ। ଏହି ମର୍ମରେ କେତେକ ଲୋକ ବେପାର ବଣିଜ କରି ପ୍ରତିପୋଷଣ ହୋଇଥାନ୍ତି। ମାତ୍ର କେତେକ ଅଲକ୍ଷ୍ମା ବ୍ୟବସାୟୀ ହଠାତ୍ ବଡ଼ଲୋକ ହେବା ନିଶାରେ ଅନୀତି କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ବିଶେଷ କରି ଏମାନେ ଲୋକ ମାନଙ୍କର ଆବଶ୍ୟକୀୟ ଖାଦ୍ୟ ଦ୍ରବ୍ୟକୁ ଅପମିଶ୍ରଣ କରି ବ୍ୟବସାୟ କରୁଛନ୍ତି। ଅର୍ଥାତ ନକଲି ଦ୍ରବ୍ୟମାନ ପ୍ରସ୍ତୁତ କରି ବଜାରରେ ବିକ୍ରୟ କରୁଛନ୍ତି। ବିଚରା ଖାଉଟି ନକଲି ଦ୍ରବ୍ୟକୁ ଅସଲି ଦ୍ରବ୍ୟର ଚିହ୍ନ ଦେଖି କ୍ରୟ କରି ଠକାମିର ଶିକାର ହେଉଛନ୍ତି। ତାହାଛଡ଼ା ଉକ୍ତ ନକଲି ଦ୍ରବ୍ୟକୁ ବ୍ୟବହାର ପୂର୍ବକ ନାନାଦି ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ପରବର୍ତ୍ତୀ ସମୟରେ ଜୀବନ ମଧ୍ୟ ହରାଉଛନ୍ତି। ମାତ୍ର ଚାଲାକ ବ୍ୟବସାୟୀମାନେ ନିଜ ପରିବାର ଲୋକଙ୍କ ପାଇଁ ବଜାରରୁ ବାଛି ବାଛି ଅସଲି ଦ୍ରବ୍ୟ କ୍ରୟ କରୁଛନ୍ତି। ଏମାନେ ଆଦୌ ନକଲି ଦ୍ରବ୍ୟକୁ ଘରକୁ ଆଣି ନ ଥାନ୍ତି। ଏହା ଏକ ଗର୍ହିତ କାର୍ଯ୍ୟରୂପେ ଅଭିହିତ ହୁଏ। ଏହି ନକଲି ଦ୍ରବ୍ୟ ବ୍ୟବସାୟୀମାନେ ନର ହତ୍ୟାକାରୀଙ୍କ ସହ ସମାନ। ସେମାନଙ୍କୁ ଗିରଫ ପୂର୍ବକ କଠୋର ଦଣ୍ଡରେ ଦଣ୍ଡିତ କରିବା ଆବଶ୍ୟକ। ନଚେତ୍ ନିରୀହ ଖାଉଟିମାନେ ହନ୍ତସନ୍ତ ହେବା ସାର ହେବ।

**– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାକଲା ଧାନ ସୁଗନ୍ଧେ ଆଜି
ପୂରିଛି ବ୍ୟୋମ ପୂରିଛି ଧରା
ମୂକ ଧିଆନେ ତବଧ ସବୁ
ଭୁବନ ଆଜି ନିଜ ପାସୋରା।
–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମନୋରଞ୍ଜନଙ୍କୁ ନୂଆ ଦାୟିତ୍ୱ



ଭୁବନେଶ୍ୱର,୧୬।୧୨: ଓଡ଼ିଶାର ବରିଷ୍ଠ ଆଇଆର୍ଏସ୍ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ତ୍ତମାନ ସେ ମୁମ୍ବାଇରେ ମୁଖ୍ୟ ଆୟକର କମିଶନର ଭାବେ ନିଯୁକ୍ତି ହୋଇଛନ୍ତି। ଏହା ପୂର୍ବରୁ ପାଣିଗ୍ରାହୀ ଓଡ଼ିଶା (କଟକ)ର ପ୍ରଧାନ ଆୟକର କମିଶନର ଭାବେ କାର୍ଯ୍ୟ କରୁଥିଲେ। ବରିଷ୍ଠତା ଅନୁସାରେ ତାଙ୍କର ପଦୋନ୍ନତି ସହ ମୁମ୍ବାଇ ବଦଳି କରାଯାଇଛି। ମନୋରଞ୍ଜନ ନିକଟରେ ମୁମ୍ବାଇର ଚର୍ଚ୍ଚଗେଟ୍‌ସ୍ଥିତ ଆୟକର କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇଛନ୍ତି। ପୂର୍ବରୁ ପାଣିଗ୍ରାହୀ ୫ ବର୍ଷ କାଳ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଭାବେ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ସେହିଭଳି ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଚିବ ଭାବେ ମଧ ସେ ଦାୟିତ୍ୱ ତୁଲାଇଥିଲେ। ପାଣିଗ୍ରାହୀ ଜଣେ ସୁସାହିତ୍ୟକ, ବକ୍ତା ଓ ସଂସ୍କୃତିପ୍ରେମୀ ଭାବେ ସାରା ଓଡ଼ିଶାରେ ପରିଚିତ।

### ଭୁବନେଶ୍ୱରରେ ଆଇଡିପି ଏଜୁକେଶନ ଶାଖା

ଭୁବନେଶ୍ୱର,୧୬।୧୨: ଅନ୍ତର୍ଜାତୀୟ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ 'ଆଇଡିପି ଏଜୁକେଶନ' ର ୪ଟି ସହରରେ ତା'ର ନୂଆ ଶାଖା ଆରମ୍ଭ କରିଛି। ଡେରାଡୁନ, ଭୁବନେଶ୍ୱର, ଭୋପାଳ ଓ ରାଜକୋଟରେ ଏହାର ସ୍ଥାୟୀ କେନ୍ଦ୍ର ଶୁଭାରମ୍ଭ ହୋଇଛି। ବିଦେଶରେ ପଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ଏହା ସହାୟତା କରୁଛି। ଏବେ ସୁଦ୍ଧା ମୋଟ ୪୪ଟି ସହରରେ ଆଇଡିପିର ଶାଖା ଖୋଲିସାରିଲାଣି। ଟାୟାର-୨ ଓ ଟାୟାର-୩ ସହରରେ ରହୁଥିବା ଅନେକ ଛାତ୍ରୀଛାତ୍ରଙ୍କର ବିଦେଶରେ ପଢ଼ିବାର ସ୍ୱପ୍ନ ଥାଏ। ଆଇଡିପି ତା'ର ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କର ଏହି ଅଭିଳାଷ ପୂରଣ କରୁଛି।

# ୧୦୦୦ କୋଟି ନିବେଶ କରିବ ଇଭି ଇଣ୍ଡିଆ

ନୂଆଦିଲ୍ଲୀ,୧୬।୧୨



ଭାରତରେ ବର୍ତ୍ତମାନ ଇ ସ୍କୁଟର (ଇଭି) ଯାନ ପ୍ରଚଳନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ସହ ସହଯୋଗ ଏବଂ ସହାୟତା ଯୋଗାଇ ଦେଉଛନ୍ତି। ଏହାକୁ ଦେଶବାସୀ ଗ୍ରହଣ କରିବା ସହ ସମାଜକୁ ଏକ ସୁସ୍ଥ ପରିବେଶ ପ୍ରଦାନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ରହିଛି। ଏଭଳି ସ୍ଥିତିରେ ଇଭି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି ଯେ ଦେଶର ବିକାଶ ସହ କମ୍ପାନୀର ଅଭିବୃଦ୍ଧି ପାଇଁ ଇଭି ଆସନ୍ତା ୨ ବର୍ଷ ମଧ୍ୟରେ ୧୦୦ କୋଟି ଟଙ୍କା ଇଭି ଯାନ ନିର୍ମାଣ କ୍ଷେତ୍ରରେ ନିବେଶ କରିବାକୁ ଯାଉଛି। ଇଭି ଚାହିଦା ବୃଦ୍ଧି ସାଙ୍ଗକୁ ୨୦୨୫ ବେଳକୁ ଏହାର ହାରାହାରି ଆବଶ୍ୟକତା ୪.୫ରୁ ୫ ମିଲିୟନ ହେବ ବୋଲି କମ୍ପାନୀ ଆକଳନ କରିଛି। ଏହି ପରିପ୍ରେକ୍ଷୀରେ ଭବିଷ୍ୟତର ଚାହିଦାକୁ ନଜରରେ ରଖି କରି ଇଭି ଇଣ୍ଡିଆ ପକ୍ଷରୁ ନୂଆ ଇଲେକ୍ଟ୍ରିକ ସ୍କୁଟର 'ସୋଲ'ର ଉନ୍ମୋଚନ କରାଯାଇଛି। ନିକଟରେ ଦିଲ୍ଲୀର ଏକ ହୋଟେଲ ପରିସରରେ ଏହାର ବଜାର ପ୍ରବେଶ କରାଯାଇଥିଲା। ଏହାକୁ ଥରେ ଚାର୍ଜ କଲେ ଏହା ୧୨୦ କି.ମି. ଯାତ୍ରା କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୟୁରୋପୀୟ ଦେଶଗୁଡ଼ିକ ଭଳି ଦେଶରେ ପ୍ରଥମ ଥର ଲାଗି ଏଭଳି ଉଚ୍ଚମାନର ୨-ଯାନ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଇଭି ଇଣ୍ଡିଆର ନିର୍ଦ୍ଦେଶକ ତଥା ସହ ପ୍ରତିଷ୍ଠାତା ହର୍ଷବର୍ଦ୍ଧନ ଡିଡୱାନିଆ କହିଛନ୍ତି, ନୂତନ ଭାବେ ଲୋକାର୍ପଣ ହୋଇଥିବା ସୋଲ୍ ସ୍କୁଟର ନିଶ୍ଚିତ ଭାବେ ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ। ଏହି ସ୍କୁଟରଟିକୁ ତିଆରି କରିବା ବେଳେ ପରିବେଶ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରଙ୍କ ପ୍ରତିକୂଳ ପରିବେଶ ସମ୍ପର୍କିତ ସମସ୍ତ ଜ୍ଞାନକୌଶଳରେ ଏହାର ନିର୍ମାଣ କରାଯାଇଛି। ଏହା ଦ୍ୱାରା ପ୍ରଦୂଷଣ ହ୍ରାସ ପାଇବ। ଇଭି ଯାନରେ ଯାତ୍ରା କରିବା ଫଳରେ ଉଭୟ ନିରାପଦ ଓ ପରିବେଶ ସ୍ପର୍ଶ ଅନୁଭବ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଦେଶ ମଧ୍ୟରେ ନୂଆ ମଡେଲର ଇ-ସ୍କୁଟର ପ୍ରସ୍ତୁତ କରିବା ଲାଗି ଇଭି ଇଣ୍ଡିଆ ଗବେଷଣା, ଡିଜାଇନ ଓ ଏହାର ବିକାଶ ଆଦିରେ ଅଧିକରୁ ଅଧିକ ଅର୍ଥ ନିବେଶ କରିଛି। ଏହି ସ୍କୁଟରରେ ଜିପିଏସ୍ ସିଷ୍ଟମ, ଜିଓ ଟ୍ୟାଗିଙ୍ଗ୍ ଓ ଚୋରିକୁ ରୋକିବା ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ସେହିଭଳି ଗ୍ରାହକ ୩ ବର୍ଷ ପାଇଁ ଆପେଣ୍ଡି ଲାଭ କରିପାରିବେ ବୋଲି ହର୍ଷବର୍ଦ୍ଧନ ସୂଚନା ଦେଇଛନ୍ତି। ଏହି ସ୍କୁଟର ୩ରୁ ୪ ଘଣ୍ଟାରେ ୦-୧୦୦ ଚାର୍ଜ ହୋଇପାରିବ।

## ରକ୍ତସଞ୍ଚାଳନ ଠିକ୍ କରାଇବ ଡାଇବେଟିକ ଜୋତା




ଭୁବନେଶ୍ୱର, ୧୬।୧୨

ଅନିୟମିତ ଜୀବନଶୈଳୀ ଯୋଗୁ ବିଶ୍ୱରେ ମଧୁମେହ ବା ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି, ଯାହାକି ଚିନ୍ତାର କାରଣ ପାଲଟିଛି। ଆମେରିକାରେ ଏବେ ୧୬ନିୟୁତ ଲୋକ ଏହି ରୋଗର ଶିକାର ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨୫% ପ୍ରତିଶତଙ୍କ ଠାରେ ପାଦ ଜନିତ ବିଭିନ୍ନ ସମସ୍ୟା ଦେଖା ଦେଉଛି। ଡାଇବେଟିସ୍ ଯୋଗୁ ଶରୀରରେ ସ୍ନାୟୁ ଦୁର୍ବଳ ହୋଇଯାଏ। ଫଳରେ ଶରୀରରେ ବ୍ୟଥା ସୃଷ୍ଟି କରିଥାଏ। ବିଶେଷକରି ପାଦରେ ଶରୀରର ପ୍ରମୁଖ ଅଂଶ ଲିଭର, କିଡ୍‌ନୀ ଓ ପାନ୍‌କ୍ରିୟାସ୍ ସହ ଜଡ଼ିତ ସ୍ନାୟୁ ଏକତ୍ରିତ ହୋଇଥାଏ। ମଧୁମେହ ଯୋଗୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେଉ ନ ଥିବାରୁ ଏହା ପାଦକୁ ଦୁର୍ବଳ କରି ପକାଏ। ଏପରି କି ପାଦରେ ସ୍ପର୍ଶ ବାରିବାରେ ମଧ ସମସ୍ୟା ସୃଷ୍ଟି ହୁଏ। ଅନେକ କ୍ଷେତ୍ରରେ ପାଦରେ ଖଣ୍ଡିଆ କିମ୍ବା ଘା' ହେଲେ ତାହା ପ୍ରଥମେ ଜଣାପଡ଼େ ନାହିଁ ଏବଂ ସଂକ୍ରମଣର ଅଧିକ ସମ୍ଭାବନା ରହିଥାଏ। ତେଣୁ ପାଦର ଯତ୍ନ ନେବା ଆବଶ୍ୟକ ହୋଇପଡ଼ିଛି। ଏଥିପାଇଁ ଜର୍ମାନୀର ଭନ୍ ୱେଲକ୍ସ କମ୍ପାନୀ ଡାଇବେଟିକ ଫୁଟ୍‌ଓ୍ୟାର ବା ଜୋତା ପ୍ରସ୍ତୁତ କରିଛି, ଯାହାକି ପାଦକୁ ସୁରକ୍ଷା ଦେବା ସହ ଶରୀରରେ ରକ୍ତ ସଞ୍ଚାଳନକୁ ଠିକ୍ ରଖିବ।।

# ତନିସ୍କର 'ଦ ରିଭା ବ୍ରାଇଡ୍ସ ଅଫ୍ ଓଡ଼ିଶା'

ଭୁବନେଶ୍ୱର,୧୬।୧୨



ଦେଶର ଭରସାଯୋଗ୍ୟ ଗହଣା ବ୍ରାଣ୍ଡ 'ତନିସ୍କ' ପକ୍ଷରୁ ଗୁରୁବାର ସ୍ଥାନୀୟ ପାତ୍ରପଡ଼ା ନିକଟସ୍ଥ ଏକ ହୋଟେଲରେ 'ଦ ବ୍ରାଇଡ୍ସ ଅଫ୍ ଓଡ଼ିଶା'ର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ସ୍ୱତନ୍ତ୍ର ଗ୍ରାହକ ସମ୍ପର୍କ ଅଭିଯାନ ବୋଲି ତନିସ୍କ ପକ୍ଷରୁ କୁହାଯାଇଛି। ଏହି ଅବସରରେ ତନିସ୍କ (ପୂର୍ବ) ର ଆଞ୍ଚଳିକ ବ୍ୟବସାୟିକ ପ୍ରବନ୍ଧକ, ଆଲୋକ ରଞ୍ଜନ କହିଛନ୍ତି, ତନିସ୍କରେ ଆମେ କେବଳ ଗହଣା ବିକ୍ରି କରୁନାହୁଁ, ଗ୍ରାହକଙ୍କ ସହ ସମ୍ପର୍କକୁ ହୃଦୟରେ ରଖିଥାଉ। ରିଭା ବ୍ରାଇଡ୍ସ ଓଡ଼ିଶା ଉକ୍ତ ଦିଗରେ ଅନ୍ୟତମ ସ୍ୱତନ୍ତ୍ର ଅଭିଯାନ। ଗ୍ରାହକଙ୍କ ସହ ଯାତ୍ରା ଜାରି ରଖିବା ଆମର ପ୍ରାଥମିକତା। ସେମାନଙ୍କୁ ସର୍ବୋତ୍ତମ ସେବା ପ୍ରଦାନ କରିବା ହେଉଛି ଆମର ମୁଖ୍ୟ ଉଦ୍ଦେଶ୍ୟ। ଆମର ବଧୂମାନଙ୍କ ପାଇଁ ଏକ ଉଲ୍ଲସିତ ବିବାହ ସ୍ମୃତି ପ୍ରଦାନ ପାଇଁ ତନିସ୍କର ଏହା ଏକ ଛୋଟ ଉଦ୍ୟମ। ଆମର ପ୍ରିୟ ଗ୍ରାହକ ଆମର ବାସ୍ତବ ବ୍ରାଣ୍ଡ ଆମ୍ବାସାଡର। ଓଡ଼ିଶାରେ ବାସ୍ତବ ରିଭା ବଧୂମାନଙ୍କୁ ଆଗାମୀ ଦିନରେ ଫେସ୍ ଅଫ୍ ତନିସ୍କ ଭାବେ ପାଇବା ଆମ ପାଇଁ ଖୁସିର ବିଷୟ ବୋଲି ରଞ୍ଜନ ମତବ୍ୟକ୍ତ କରିଛନ୍ତି। ତନିସ୍କର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଦ ରିଭା ବ୍ରାଇଡ୍ସ ଅଫ୍ ଓଡ଼ିଶା' ନିକଟରେ ଘୋଷଣା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୦୦ ଜଣ ଫାଇନାଲିଷ୍ଟଙ୍କ ମଧ୍ୟରୁ ଶ୍ରେଷ୍ଠ ୧୦ଜଣଙ୍କୁ 'ଦ ରିଭା ବ୍ରାଇଡ୍ସ ଅଫ୍ ଓଡ଼ିଶା'ର ବିଜେତା ଭାବେ ଘୋଷଣା କରାଯାଇଥିଲା। ରିଭା ଗହଣାରେ ସୁସଜ୍ଜିତ ହୋଇ ର୍ୟାମ୍ପ ୱାକ୍ ଏବଂ ପ୍ରଶ୍ନୋତ୍ତର ପର୍ଯ୍ୟାୟ ପରେ ଜୁରିମାନଙ୍କ ଦ୍ୱାରା ବିଜେତାମାନଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀରେ ଦୀପ୍ତି ମହାନ୍ତି, ରାମକୃଷ୍ଣ ପଟ୍ଟନାୟକ, ଡ.ଶ୍ରୁତି ଦେବ ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ର ପ୍ରମୁଖ ଥିଲେ। ୧୦ ଜଣ ଯାକ ବିଜେତା ଓଡ଼ିଶାରେ 'ଫେସ୍ ଅଫ୍ ତନିସ୍କ' ରହିବେ ଏବଂ ସେମାନଙ୍କ ଫଟୋ ତନିସ୍କର ସୋସିଆଲ ମିଡ଼ିଆ, ଆଉଟ୍‌ଡୋର୍ ଏବଂ ବ୍ୟାନରରେ ବର୍ଷକ ପାଇଁ ବ୍ୟବହାର ହେବ। ବିଶେଷକରି ପାରମ୍ପରିକ ପଟିହାର, ସୀତାହାର, ଚାନ୍ଦବାଲି, ଝୁମ୍‌କା, ରାଣୀ ହାର, ବାଲା, ଚୁଡ଼ି, ଚୁଡ୍, ମନ୍ତସା, ଖଡୁ, ଶଙ୍ଖା ପିନ୍ଧି ମହିଳାମାନେ 'ରିଭା ବ୍ରାଇଡ୍'ର ଅନୁଭବ ନେଇଥିଲେ। ଓଡ଼ିଶାର ବଧୂମାନଙ୍କ ଦ୍ୱାରା ଓଡ଼ିଶା ବ୍ରାଇଡାଲ ଗହଣା ପରିଧାନକୁ ପାଳନ କରିବା ପାଇଁ 'ଦ ରିଭା ବ୍ରାଇଡ୍ସ ଅଫ୍ ଓଡ଼ିଶା' ଅଭିଯାନକୁ ପ୍ରସ୍ତୁତ କରାଯାଇଛି।

## କମଭିଭାର ସିଓଇ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୧୨

ମୋବିଲିଟି ସମାଧାନର ବିଶ୍ୱସ୍ତରୀୟ ଅଗ୍ରଣୀ କମ୍ପାନୀ କମ୍‌ଭିଭା ପକ୍ଷରୁ ଭୁବନେଶ୍ୱରରେ ଏହାର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଭୁବନେଶ୍ୱର କେନ୍ଦ୍ରରେ ୨ଟି ଫୋକସଡ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ସଂଲଗ୍ନ କରାଯାଇଛି। ଏହା ସହିତ କମ୍ପାନୀ ୨୦୨୩ ସୁଦ୍ଧା ୨୦୦ରୁ ଉର୍ଦ୍ଧ୍ୱ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ବେସ୍ ସ୍ଥାପନା କରିବାର ଯୋଜନା କରିଛି। ଏହା ଗ୍ରୋଥ ମାର୍କେଟିଂ ଏବଂ ଡିଜିଟାଲ ଫାଇନାନ୍ସିଆଲ ସମାଧାନ ଉପଲବ୍ଧ କରାଇବାକୁ ସକ୍ଷମ। ଏହି ଅବସରରେ କମ୍‌ଭିଭାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ମହାପାତ୍ର କହିଲେ, ବିଶ୍ୱସ୍ତରରେ ମୋବାଇଲ ଆପ୍ଲିକେଶନ ଇକୋନୋମିକ୍ ଗ୍ରୋଥ୍‌ର ପ୍ରାଇମେରି ଇଞ୍ଜିନ ସାବ୍ୟସ୍ତ ହୋଇଛି। ଏହା ଆର୍ ଆଣ୍ଡ ଡି ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଥାଏ। ଏହା ୫-ଜି ଡିଜିଟାଲ ଟ୍ରାନ୍ସଫରମେଶନ ସହିତ ଜଡ଼ିତ ହୋଇ କାର୍ଯ୍ୟ ଜାରି ରଖିଛି।

# ହୋଣ୍ଡା ୨ ହ୍ୱିଲର୍ସ ଇଣ୍ଡିଆର ୨ୟ କୌଶଳ ବିକାଶ କେନ୍ଦ୍ର

ଭୁବନେଶ୍ୱର,୧୬।୧୨

ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନ ପ୍ରତି ପ୍ରତିବଦ୍ଧ ଥିବା ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍ଏମ୍ଏସ୍ଆଇ) ପକ୍ଷରୁ ବାଲେଶ୍ୱରର ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ସହଯୋଗିତାରେ ହୋଣ୍ଡାର ୨ୟ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। ଏହି ନୂତନ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିବାରୁ ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି ଭିତ୍ତିକ ବୈଷୟିକ କୌଶଳ ହାସଲ ସହ ସଶକ୍ତ କରାଇପାରିବ। ଇ ଆଣ୍ଡ ଟି ଇଞ୍ଜିନିୟରିଂ, ଜିପି ବାଲେଶ୍ୱରର ପ୍ରାଧ୍ୟାପିକା ମିସ୍ ୱାଇ. ଯୋଗମାୟା, ଏଚ୍ଏମ୍ଏସ୍ଆଇର ଆଞ୍ଚଳିକ କାର୍ଯ୍ୟାଳୟ- ପୂର୍ବ ଗ୍ରାହକ ସେବାର ସହକାରୀ ପ୍ରବନ୍ଧକ ପଙ୍କଜ କୁମାର ଅଗ୍ରୱାଲ୍, ବରିଷ୍ଠ ପ୍ରବନ୍ଧକ କୌଶଳ ଉନ୍ନତୀକରଣ, ଗ୍ରାହକ ସେବା ପ୍ରଯୁକ୍ତି ଓ ଗ୍ରାହକ ସମ୍ପର୍କ ରାହୁଲ ସରନଙ୍କ ସମେତ ଏଚ୍ଏମ୍ଏସ୍ଆଇର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅବସରରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବରିଷ୍ଠ ଉପସଭାପତି (ଗ୍ରାହକ ସେବା), ପ୍ରଦୀପ ପାଣ୍ଡେ କହିଛନ୍ତି, ସ୍ଥାନୀୟ ଯୁବକଙ୍କ କୌଶଳକୁ ବଢ଼ାଇବା ଓ ସେମାନଙ୍କ ନିଯୁକ୍ତି ହାସଲ କ୍ଷମତାରେ ଉନ୍ନତି ଆଣିବା ଲାଗି ରହିଥିବା ପ୍ରତିବଦ୍ଧତାକୁ ପୂରଣ କରି ଆମେ ଭାରତୀୟ ଯୁବବର୍ଗଙ୍କୁ ସଶକ୍ତ କରିବା ଲାଗି ପ୍ରତ୍ୟକ୍ଷ ଭାବେ ସ୍କିଲ୍ ଇଣ୍ଡିଆ ମିଶନ ପ୍ରତି ସମର୍ଥନ ଜଣାଉଛୁ। ସେହିଭଳି ବିଏସ୍-୬ ନିର୍ଗମନ ନିୟମ ଲାଗୁ ହେବା ପରେ ଅଟୋମୋବାଇଲ ଶିଳ୍ପରେ କୁଶଳୀ ବୈଷୟିକ ଶ୍ରମ ଶକ୍ତିର ଚାହିଦା ବୃଦ୍ଧି ପାଇଛି। କୋଭିଡ୍-୧୯ କଟକଣା ଯୋଗୁ ଛାତ୍ରୀଛାତ୍ରମାନେ ପ୍ରତ୍ୟକ୍ଷ ତାଲିମ ହାସଲ କରିପାରିନାହାନ୍ତି।

## ଫୁର୍‌ସତ୍



### ବର୍ଲିନରେ ହେବ 'ଗଙ୍ଗୁବାଇ କାଠିଆୱାଡ଼ି'ର ପ୍ରିମିୟର

ନୂଆଦିଲ୍ଲୀ,୧୬।୧୨: ଆସନ୍ତା ବର୍ଷ ଫେବୃୟାରୀରେ ହେବାକୁ ଥିବା ୭୨ତମ ବର୍ଲିନ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ସଞ୍ଜୟ ଲୀଲା ଭଂସାଲିଙ୍କ 'ଗଙ୍ଗୁବାଇ କାଠିଆୱାଡ଼ି'ର ପ୍ରିମିୟର ହେବ। ଏହି ଅନ୍ତର୍ଜାତୀୟ ଫିଲ୍ମ ଉତ୍ସବରେ ଏକମାତ୍ର ଭାରତୀୟ ଫିଲ୍ମ ଭାବେ 'ଗଙ୍ଗୁବାଇ କାଠିଆୱାଡ଼ି' ପ୍ରଦର୍ଶିତ ହେବ। ଏ ନେଇ ଫିଲ୍ମ ମହୋତ୍ସବ ଆୟୋଜନକାରୀ ବୁଧବାର ଘୋଷଣା କରିଛନ୍ତି। ଏହା ଉପରେ ପତିକ୍ରିୟା ରଖି ଖୁସି ପ୍ରକାଶ କରିଛନ୍ତି ଫିଲ୍ମର ମୁଖ୍ୟ ଭୂମିକାରେ ଥିବା ଆଲିଆ ଭଟ୍ଟ। ତେବେ ଆଲିଆଙ୍କ ପାଇଁ ଏହା ନୂଆ ନୁହେଁ। ପୂର୍ବରୁ ତାଙ୍କ ଅଭିନୀତ ଫିଲ୍ମ 'ଗଲି ବୟ'ର ପ୍ରିମିୟର ବର୍ଲିନ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ହୋଇଥିଲା।

### ହରନାଜଙ୍କୁ ଭବ୍ୟ ସ୍ୱାଗତ



**ମୁମ୍ବାଇ:** ଚଳିତ ବର୍ଷର ମିସ୍ ୟୁନିଭର୍ସ ମୁକୁଟ ବିଜୟିନୀ ହରନାଜ ସାନ୍ଧୁ ବୁଧବାର ବିଳମ୍ବିତ ରାତିରେ ସ୍ୱଦେଶ ଫେରିଛନ୍ତି। ମୁମ୍ବାଇ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଗ୍ରାଣ୍ଡ ୱେଲକମ୍ କରାଯାଇଛି। ଏହି ସମୟରେ ହରନାଜଙ୍କ ପ୍ରଶଂସକ ଓ ମୁମ୍ବାଇ ପୋଲିସ ଅଧିକାରୀ ମଧ ହରନାଜଙ୍କ ଫଟୋ ଉଠାଉଥିବା ଦେଖାଯାଇଥିଲା। ହାତରେ ଜାତୀୟ ପତାକା ଧରି ସମସ୍ତ ସ୍ୱାଗତକାରୀଙ୍କୁ ଧନ୍ୟବାଦ ଦେଇଥିଲେ ହରନାଜ। ସୂଚନାଯୋଗ୍ୟ, ଦୀର୍ଘ ୨୧ ବର୍ଷର ଅପେକ୍ଷା ପରେ ହରନାଜ ମିସ୍ ୟୁନିଭର୍ସ ବ୍ୟୁଟି ପ୍ରତିଯୋଗିତାରେ ହରନାଜ୍ ଟାଇଟଲ ଜିତିଛନ୍ତି। ପୂର୍ବରୁ ସେ ମିସ୍ ଚଣ୍ଡିଗଡ଼ ୨୦୧୭ର ବିଜୟିନୀ ହୋଇ ସାରିଛନ୍ତି। ୨୦୧୮ରେ ତାଙ୍କୁ ମିସ୍ ମ୍ୟାକ୍ସ ଏମର୍ଜିଙ୍ଗ ଷ୍ଟାର ଇଣ୍ଡିଆ ଟାଇଟଲ ମିଳି ସାରିଛି। ପ୍ରଥମେ ୧୯୯୪ରେ ସୁସ୍ମିତା ସେନ୍ ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ପିନ୍ଧିଥିବା ବେଳେ ୨୦୦୦ରେ ଲାରା ଦତ୍ତା ଭାରତ ପାଇଁ ଟାଇଟଲ ଜିତିଥିଲେ।

### ଗାଈ ପେଟରୁ ବାହାରିଲା ସୁନା ଚେନ୍

**ବେଙ୍ଗାଲୁରୁ:** ଗାଈ ପେଟରୁ ବାହାରିଲା ୨୦ ଗ୍ରାମର ସୁନା ଚେନ। କର୍ନାଟକର ସିରସିରେ ଏଭି ଘଟଣା ସାମ୍‌ନାକୁ ଆସିଛି। ଦୀପାବଳିରେ ଗାଈକୁ ପୂଜା କରିବା ସମୟରେ ଏହାର ମାଲିକ ଭୁଲରେ ଖାଦ୍ୟ ସହ ସୁନା ଚେନ ଖୁଆଇଦେଇଥିଲେ। କିପରି ଗାଈ ପେଟରୁ ଚେନ ବାହାରିବ ସେ ନେଇ ମାଲିକ ଚିନ୍ତାରେ ପଡ଼ିଥିଲେ। ପ୍ରାୟ ୩୫ ଦିନ ପର୍ଯ୍ୟନ୍ତ ସେ ଗାଈର ଗୋବରକୁ ଯାଞ୍ଚ କରିଥିଲେ। କିନ୍ତୁ ଚେନ୍ ମିଳି ନ ଥିଲା। ଶେଷରେ ମାଲିକ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଗାଈର ପରୀକ୍ଷା ନିରୀକ୍ଷା କରାଗଲା। ସୁନାଚେନ ଗାଈ ପେଟରେ ହିଁ ରହିଥିବା ଜଣାପଡ଼ିଥିଲା। ଚେନ୍ ନ ବାହାରିଲେ ଗାଈର ଜୀବନ ପ୍ରତି ବିପଦ ରହିଥିବା ଡାକ୍ତର କହିଥିଲେ। ତେଣୁ ତୁରନ୍ତ ଅପରେଶନ୍ କରି ଚେନ୍ ବାହାର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଅସ୍ତ୍ରୋପଚାର ପରେ ଗାଈ ପେଟରୁ ସୁନାଚେନ ବାହାର କରାଯାଇଥିଲା। ତେବେ ସୁନାଚେନର ଓଜନ ୨୦ ଗ୍ରାମ ପରିବର୍ତ୍ତେ ୧୮ ଗ୍ରାମ ହୋଇଯାଇଥିବା ଜଣାପଡ଼ିଛି।



## ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



୰ ଅନୁପମା ସାହୁ
ସ୍ୱାମୀ - ୰ ମଦନମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୧୭.୧୨.୨୦୧୩
ମାଆ,
ଜୀବନର ଋଣ ଶୁଝି ଆରପାରିକୁ ଚାଲିଗଲ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମର ପାଥେୟ ହେଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ପରିଜନ
ଧ-୨୨୫୬୯

**୨୧ତମ ଶ୍ରାଦ୍ଧବାର୍ଷିକୀ**
ଓଁ ସାଇରାମ୍



୰ ହୃଦାନନ୍ଦ ମହାପାତ୍ର
ଠିକଣା: ୧୭, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୧୨।୧୯୨୭
ତିରୋଧାନ: ୧୦।୧୨।୨୦୦୦ (ଚତୁର୍ଦ୍ଦଶୀ)
ସାଇରାମ୍‌ଙ୍କ ପାଦପଦ୍ମରେ ରହି ଆମ୍ଭମାନଙ୍କୁ ସଦା ଆଶୀର୍ବାଦ କରୁଥାଅ।
-:ଶୋକସନ୍ତପ୍ତ:-
ବୁଲୀ, କିଶୋର, ପୁଷ୍ପ, ରୀନା, ସରୋଜ, ବାପୁ, ଲୀଟୁ, ବିବେକ, ବାବାଲୀ ଓ ରୁଶାଲୀ।
ଧ-୬୧୯୩୫

**ପ୍ରଥମ ଶ୍ରାଦ୍ଧ ବାର୍ଷୀକ**
ମାର୍ଗଶୀର ଶୁକ୍ଳ ଚତୁର୍ଦ୍ଦଶୀ (୧୨.୧୨.୨୦୨୧)



୰ ଗନ୍ଧର୍ବ ସାହୁ
ପହିଲାବର, ଆଠଗଡ, କଟକ
ଆବିର୍ଭାବ: ୦୧.୦୩.୧୯୪୭
ତିରୋଧାନ: ୨୮.୧୨.୨୦୨୦
ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା, ଏବେ ବି ବିଶ୍ୱାସ ହେଉନାହିଁ କି, ତୁମେ ଆମମାନଙ୍କ ପାଖରେ ନାହଁ ବୋଲି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ :
ସ୍ତ୍ରୀ: ବାସନ୍ତୀ, ପୁତ୍ର: ରୋହିତ, ପୁତ୍ରବଧୂ : ସବିତା, ସାନଭାଇ: ଭାଗୀ, ଭାଇବୋହୂ: ମିନା, ପୁତୁରା: ଗଣେଷ, ପୁତୁରା ବୋହୂ: ଲିଲି, ନାତି: ଜ୍ଞାନ(ଓମ୍), ନାତୁଣୀ: ସାଇ, ପୂଜା, ଝିଅ: ରେବତୀ, ଦେବକୀ, ଚବି, କବିତା, ଜ୍ୱାଇଁ: ଜଗନ୍ନାଥ, ଗଙ୍ଗାଧର, ଶଙ୍କର ଓ ଶିବ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୨୨୫୭୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତା - ୧୭.୧୨.୨୦୨୧



ସ୍ୱର୍ଗତା ସରଳା ମିଶ୍ର
ଦେଉଳସାହି, ଢେଙ୍କାନାଳ
ଆବିର୍ଭାବ-୧୯.୦୯.୧୯୫୮
ତିରୋଧାନ-୨୮.୧୨.୨୦୨୦
ତମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକ ସନ୍ତପ୍ତ-କଳ୍ପନା କୁମାର ମିଶ୍ର ପରିବାର, ବନ୍ଧୁ ଓ ପରିଜନ
ଧ-୭୦୩୭୨

**ଜନ୍ମଦିନର ଶୁଭେଚ୍ଛା**



ଆମ ଅଲିଅଳି ରତ୍ନମାଳିନୀ ବୈଷ୍ଣବୀ (ମିଷ୍ଟି) ପାଞ୍ଚ ବର୍ଷରେ ପାଦ ଥାପିଲେ। କରୁଣାମୟ ଶ୍ରୀସାଇରାମ ମିଷ୍ଟିର ଚଲାପଥକୁ କୁସୁମିତ କରି ଶୁଭ ଆଶୀର୍ବାଦ ଅର୍ପଣ କରନ୍ତୁ ଏତିକି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ଠାକୁରଜେଜେ, ଠାକୁର ମା', ବାପା, ବୋଉ, ଠାକୁର ଆଇମା', ମାମୁ, ମାଇଁ।
ଧ-୨୨୫୬୮

**ଦଶମ ଜନ୍ମଦିନ ଶୁଭେଚ୍ଛା**



ଅନୁଷ୍କା ପ୍ରିୟଦର୍ଶିନୀ (ଗୁନୁ)
କୋରଙ୍ଗା, ତରବୋଇ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଦଶମ ଜନ୍ମବାର୍ଷିକ ଅବସରରେ ବାବା ସାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଓ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। **ଶୁଭେଚ୍ଛା ସହ:** ବାପା: ସୁକାନ୍ତ, ମାମା: ରାଜଶ୍ରୀ, ମିମି, ବା, ମାମୁ, ମାଇଁ, ଜେଜେ, ବୋଉ, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଭାଇ, ଭଉଣୀ, ଲିଙ୍କି, ଗେଲି, ଆଦି, ଭାଇ ଅର୍ଣ୍ଣବ ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୨୨୫୫୯

**CLASSIFIED DISPLAY**
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**FINANCE**
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି। ଘରେ ବସି ONLINE ମାଧ୍ୟମରେ, ସୁଧ ୨%।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

**କେମିତି ମଦ ଛାଡ଼ିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟ୍ରୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI





ଗୁରୁବାର ଦକ୍ଷିଣ ଆଫ୍ରିକାରେ ପହଞ୍ଚିବା ପରେ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଅଧିନାୟକ ବିରାଟ କୋହଲି ଓ ଅନ୍ୟମାନେ।

# ଦକ୍ଷିଣ ଆଫ୍ରିକାରେ ପହଞ୍ଚିଲା ଭାରତୀୟ ଦଳ

**ଜୋହାନ୍ସବର୍ଗ, ୧୬ା୧୨ (ପି.ଟି.)**

ଅଧିନାୟକ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଗୁରୁବାର ମୁମ୍ବାଇରୁ ଦକ୍ଷିଣ ଆଫ୍ରିକାରେ ପହଞ୍ଚିଛି। ଦଳ ପ୍ରଥମେ ସେଞ୍ଚୁରିଅନରେ ଡିସେମ୍ବର ୨୬ରୁ ୩ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ଟୁଇଟର ହ୍ୟାଣ୍ଡେଲରେ ଦଳର ସଦସ୍ୟମାନଙ୍କୁ ଫଟୋ ଛାଡ଼ିଛି। ସେମାନଙ୍କ ମଧ୍ୟରେ ଚେତେଶ୍ୱର ପୂଜାରା, ଶାର୍ଦ୍ଦୁଳ ଠାକୁର ଓ ଶ୍ରେୟାସ ଆୟାର ରହିଛନ୍ତି। ଟେଷ୍ଟ ସିରିଜ ପରେ ଜାନୁୟାରୀରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଖେଳାଯିବ। କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନର ବିପଦ ରହିଥିବାରୁ ଟୁର୍‌ରେ ଖେଳାଯିବାକୁ ଥିବା ଟି୨୦ ମ୍ୟାଚଗୁଡ଼ିକ ସ୍ଥଗିତ ରଖାଯାଇଛି। ସିରିଜ ସମୟରେ ଉଭୟ ଦଳ ବାୟୋ-ବବଲରେ ରହିବେ। ମୁମ୍ବାଇରେ ଏକ ଟ୍ରେନିଂ ସେସନ ବେଳେ ଷ୍ଟାର ଓପନର ତଥା ନବନିଯୁକ୍ତ ସୀମିତ ଓଭର ଅଧିନାୟକ ରୋହିତ ଶର୍ମାଙ୍କ ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ଟେଷ୍ଟ ସିରିଜରେ ସେ ଅଂଶଗ୍ରହଣ କରିବେ ନାହିଁ। ତାଙ୍କ ସ୍ଥାନରେ ପ୍ରତିଭା ସମ୍ପନ୍ନ ଗୁଜରାଟ ଓପନର ପ୍ରୟଙ୍କ ପଞ୍ଚାଲଙ୍କୁ ଦଳରେ ସାମିଲ କରାଯାଇଛି। ସେଞ୍ଚୁରିଅନ୍‌ରେ ପ୍ରଥମ ଟେଷ୍ଟ ପରେ ଅନ୍ୟ ଦୁଇଟି ଟେଷ୍ଟ ଯଥାକ୍ରମେ ଜୋହାନ୍ସବର୍ଗ ଓ କେପ୍ ଟାଉନ୍‌ରେ ଖେଳାଯିବ। ରୋହିତଙ୍କ ଇଞ୍ଜୁରୀ ପରେ ତାଙ୍କ ସ୍ଥାନରେ ଉପ ଅଧିନାୟକଙ୍କ ନାମ ଘୋଷଣା କରାଯାଇ ନାହିଁ।

# 'କୋହଲିଙ୍କ ବକ୍ତବ୍ୟକୁ ଗାଙ୍ଗୁଲି ସ୍ପଷ୍ଟ କରିପାରିବେ'

**ନୂଆଦିଲ୍ଲୀ, ୧୬ା୧୨ (ପି.ଟି.)**

ଅଧିନାୟକତ୍ୱ ପ୍ରସଙ୍ଗରେ ବିରାଟ କୋହଲି କାହିଁକି ବିରୋଧାତ୍ମକ ବକ୍ତବ୍ୟ ଦେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି କେବଳ ତାହା ସ୍ପଷ୍ଟ କରିପାରିବେ ବୋଲି କିମ୍ବଦନ୍ତୀ ସୁନୀଲ ଗାଭାସ୍କର ମନେକରନ୍ତି। କୋହଲି ଅନ୍ତର୍ଜାତୀୟ ଟି୨୦ ଅଧିନାୟକ ପଦବୀ ଛାଡ଼ିବାର କିଛିଦିନ ପରେ ଗାଙ୍ଗୁଲି କହିଥିଲେ, ସୁପରଷ୍ଟାର ବ୍ୟାଟରଙ୍କୁ ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିବା ଲାଗି ବିସିସିଆଇ କହିଥିଲା। ହେଲେ ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ ପାଇଁ ପ୍ରସ୍ଥାନ ପୂର୍ବରୁ ବୁଧବାର କୋହଲି ଏକ ଖବରଦାତା ସମ୍ମିଳନୀରେ ଯାହା କହିଲେ ତାହା ଗାଙ୍ଗୁଲିଙ୍କ ବିବୃତି ସହ ମେଳ ଖାଉନାହିଁ। ଏକ ସାକ୍ଷାତକାରରେ ଗାଭାସ୍କର କହିଛନ୍ତି, କୋହଲିଙ୍କ କଥାରେ ବିସିସିଆଇ ଦୃଶ୍ୟପଟକୁ ଆସୁନାହିଁ। ସମ୍ଭବତଃ ଘଟଣା ପଛରେ କେହି ଜଣେ ପ୍ରଭାବଶାଳୀ ବ୍ୟକ୍ତି ରହିଛନ୍ତି, ଯିଏ କି କୋହଲିଙ୍କୁ ଅଧିନାୟକ ପଦବୀରୁ ଓହରିଯିବା ଲାଗି ଚାପ ପକାଇଛନ୍ତି। ବିସିସିଆଇ ଓ ତାଙ୍କ ମଧ୍ୟରେ ବିବାଦ ରହିଥିବା ଚଳିତ ମାସ ପ୍ରାରମ୍ଭରେ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ପଦବୀରୁ ବହିଷ୍କାର ହେବା ପରେ କୋହଲିଙ୍କ ବକ୍ତବ୍ୟରୁ ସ୍ପଷ୍ଟ ବାରି ହେଉଛି। କୋହଲି କହିଛନ୍ତି ଯେ, ଦକ୍ଷିଣ ଆଫ୍ରିକା ଟୁର୍ ପାଇଁ ଖେଳାଳି ମନୋନୟନର ୯୦ ମିନିଟ୍ ପୂର୍ବରୁ ସେ ଦିନିକିଆ ଅଧିନାୟକ ପଦବୀରୁ ବହିଷ୍କୃତ ହୋଇଥିବା ବିଷୟ ଜଣାଇ ଦିଆଯାଇଥିଲା। ଗାଭାସ୍କରଙ୍କ ଦୃଷ୍ଟିରେ ଏହି ପ୍ରସଙ୍ଗରେ ସିଲେକ୍ସନ କମିଟି ମୁଖ୍ୟ ଚେତନ ଶର୍ମାଙ୍କର କୌଣସି ଭୁଲ୍ ନାହିଁ। ଭାରତର ଅନ୍ତର୍ଜାତୀୟ ଦିନିକିଆ ଦଳର ଅଧିନାୟକ ପଦବୀ ପାଇଁ ତାଙ୍କ ନାମ ବିଚାରକୁ ନିଆଯାଉ ନ ଥିବା ବିଷୟ ସିଲେକ୍ସନ କମିଟି ଚେୟାରମ୍ୟାନ କୋହଲିଙ୍କୁ ଆଗୁଆ ଜଣାଇ ଦିଆଯାଇଥିଲା। ଏହା ଠିକ୍ ଥିଲା। ହେଲେ ତାଙ୍କୁ କେଉଁ କାରଣରୁ ଅଧିନାୟକ ପଦବୀରୁ ହଟାଗଲା ତାହା ସାଧାରଣରେ ସ୍ପଷ୍ଟ କରାଯିବାର ଥିଲା। ଏହା ହୋଇଥିଲେ ବୋଧହୁଏ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା। ଭବିଷ୍ୟତରେ ଏଭଳି ଅପ୍ରୀତିକର ପରିସ୍ଥିତି ଯେପରି ନ ଉପୁଜେ ସେ ଦିଗରେ ବିସିସିଆଇ କାର୍ଯ୍ୟକରିବା ଉଚିତ। ବେଳେ ବେଳେ ଏ ପ୍ରସଙ୍ଗରେ ଏକ ପ୍ରେସ୍ ରିଲିଜ ଯଥେଷ୍ଟ ହୋଇଥାଏ ବୋଲି ପୂର୍ବତନ ଅଧିନାୟକ କହିଛନ୍ତି।



ସୁନୀଲ ଗାଭାସ୍କର

## କପିଳ ଦେଲେ ସଂଯମତା ପରାମର୍ଶ

**ନୂଆଦିଲ୍ଲୀ, ୧୬ା୧୨ (ପି.ଟି.):** ଦକ୍ଷିଣ ଆଫ୍ରିକା ଟୁର୍ ପୂର୍ବରୁ ବିରାଟ କୋହଲିଙ୍କ ବିବୃତି ସୀମିତ ଓଭର ଅଧିନାୟକ ପଦବୀ ପାଇଁ ବିସିସିଆଇ (ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ) ସହ ତାଙ୍କର ମତଭେଦ ପଦାରେ ପଡ଼ିଛି। ବିଶ୍ୱକପ୍ ବିଜୟୀ ପୂର୍ବତନ ଭାରତ ଅଧିନାୟକ କପିଳ ଦେବ ଏହାକୁ ନାପସନ୍ଦ କରିଛନ୍ତି। ବିଶେଷ କରି ଦକ୍ଷିଣ ଆଫ୍ରିକା ଭଳି ଦେଶକୁ ଟୁର୍‌କୁ ଯିବା ପୂର୍ବରୁ କାହାପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କହିବା ଆଦୌ ସ୍ପୃହଣୀୟ ନୁହେଁ ବୋଲି ସେ କହିଛନ୍ତି। ବୁଧବାର ଦକ୍ଷିଣ ଆଫ୍ରିକା ଉଦ୍ଦେଶ୍ୟରେ ପ୍ରସ୍ଥାନ ପୂର୍ବରୁ ମୁମ୍ବାଇଠାରେ ଏକ ଖବରଦାତା ସମ୍ମିଳନୀରେ କୋହଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ବକ୍ତବ୍ୟକୁ ଖଣ୍ଡନ କରିଛନ୍ତି। କୋହଲିଙ୍କ ଟିପ୍ପଣୀ ଦ୍ୱାରା କୋହଲି ଓ ପ୍ରଶାସକଙ୍କ ମଧ୍ୟରେ ରହିଥିବା ବିବାଦ ପଦାରେ ପଡ଼ିଛି। କୋହଲିଙ୍କୁ ଏହି ଚଳିତ ମାସ ପ୍ରଥମ ଭାଗରେ ଦିନିକିଆ ଅଧିନାୟକ ପଦବୀରୁ ବାଦ୍ ଦିଆଯାଇଛି। ବୋର୍ଡ ସଭାପତି ହେଉ ଅବା ଅଧିନାୟକ ଏସବୁ ଗୁରୁତ୍ୱପୂର୍ଣ୍ଣ ପଦବୀ। କିନ୍ତୁ ସୌରଭ ହୁଅନ୍ତୁ ଅବା କୋହଲି ସାଧାରଣରେ ପରସ୍ପର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ବା ଟିପ୍ପଣୀ ଦେବା ଭଲ କଥା ନୁହେଁ। ୬୨ବର୍ଷୀୟ କପିଳ ଦେବଙ୍କ ନେତୃତ୍ୱରେ ଭାରତ ୧୯୮୩ରେ ଭାରତ ବିଶ୍ୱକପ୍ ଟାଇଟଲ ଜିତିଥିଲା। ବର୍ତ୍ତମାନ ପରିସ୍ଥିତିରେ କୋହଲି ସଂଯମତା ଅବଲମ୍ବନ କରି ଦେଶ ପାଇଁ ଚିନ୍ତା କରିବା ଉଚିତ।



## ବୋର୍ଡ ନିଷ୍ପତ୍ତି ନେବ: ଗାଙ୍ଗୁଲି

**କୋଲକାତା, ୧୬ା୧୨ (ପି.ଟି.):** ଭାରତର ଟେଷ୍ଟ ଅଧିନାୟକ ବିରାଟ କୋହଲିଙ୍କ ବିସ୍ଫୋରକ ବୟାନ ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି। ଏହି ବ୍ୟାପାର ବୋର୍ଡ ବୁଝିବ ବୋଲି ସେ କହିଛନ୍ତି। ଦକ୍ଷିଣ ଆଫ୍ରିକା ଟୁର୍‌ରେ ଭାରତୀୟ କ୍ରିକେଟ ଦଳର ପ୍ରସ୍ଥାନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ କୋହଲି କହିଥିଲେ ସେ ଯେତେବେଳେ ଟି୨୦ ଅଧିନାୟକ ପଦବୀ ଛାଡ଼ିଲେ ତାଙ୍କୁ ଏଥିରେ ରହିବା ଲାଗି ବିସିସିଆଇ ପକ୍ଷରୁ କୌଣସି ଅନୁରୋଧ କରାଯାଇ ନ ଥିଲା। ମାତ୍ର କିଛି ଦିନ ତଳେ କୋହଲିଙ୍କୁ ପଦବୀ ନ ଛାଡ଼ିବା ଲାଗି ଅନୁରୋଧ କରାଯାଇଥିଲା ବୋଲି ଗାଙ୍ଗୁଲି କହିଥିଲେ। ଦୁଇଜଣଙ୍କ କଥା ମେଳ ରହୁ ନ ଥିବାରୁ କ୍ରିକେଟ ମହଲରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ଶୁଣିବାକୁ ମିଳୁଛି ଯେ, କୋହଲିଙ୍କ ବିସ୍ଫୋରକ ଖବରଦାତା ସମ୍ମିଳନୀ ପରେ ମୁଖ୍ୟ ଚୟନକର୍ତ୍ତା ଚେତନ ଶର୍ମାଙ୍କୁ ଏକ ଖବରଦାତା ସମ୍ମିଳନୀରେ ଜବାବ ରଖିବା ଲାଗି ବୋର୍ଡ କହିଥିଲା। ହେଲେ ପରବର୍ତ୍ତୀ ସମୟରେ ବୋର୍ଡ ଏଥିରୁ ନିବୃତ୍ତ ରହିଥିଲା। କୋହଲି ଖବରଦାତା ସମ୍ମିଳନୀରେ କହିଥିଲେ, ଟି୨୦ ଅଧିନାୟକତ୍ୱ ଛାଡ଼ିବା ପୂର୍ବରୁ ସେ ପ୍ରଥମେ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ବିସିସିଆଇକୁ ଅବଗତ କରାଇଥିଲେ। ନିଷ୍ପତ୍ତିର କାରଣ ମଧ୍ୟ ଦର୍ଶାଇଥିଲେ।



## ଅଷ୍ଟ୍ରେଲିଆନ ଓପନ୍‌ରୁ ଓହରିଲେ ପ୍ଲିସ୍କୋଭା

**ମେଲବୋର୍ନ,୧୬ା୧୨:** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରୁ ଚେକ୍ ଗଣରାଜ୍ୟର ମହିଳା ତାରକା କରୋଲିନା ପ୍ଲିସ୍କୋଭା ଓହରିଯାଇଛନ୍ତି। ଆସନ୍ତା ମାସରେ ଖେଳାଯିବାକୁ ଥିବା ଏହି ମେଜର ଟୁର୍ନାମେଣ୍ଟ ସହିତ ଦୁଇଟି ୱାର୍ମଅପ୍ ଟୁର୍ନାମେଣ୍ଟରୁ ମଧ୍ୟ ସେ ଓହରିଯାଇଛନ୍ତି। ଟ୍ରେନିଂ କରିବା ଅବସରରେ ସେ ହାତରେ ଆଘାତ ପାଇଥିବାରୁ ଏପରି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଅଷ୍ଟ୍ରେଲିଆନ ଓପନର ଜଣେ ଅଧିକାରୀ ଟୁଇଟ କରି ସୂଚନା ଦେଇଛନ୍ତି।

**ଚତୁର୍ଥ ବାବା ମୁକ୍ତେଶ୍ୱର କ୍ରିକେଟ୍**

## ସ୍କାନ୍ ସ୍ପୋର୍ଟିଂ ଚାମ୍ପିୟନ

**ସୋର, ୧୭ା୧୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ଗୋଠଣା ପଡ଼ିଆରେ ବାବା ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରର ପାରାମାଉଣ୍ଟ କ୍ଲବକୁ ହରାଇ ସ୍କାନ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରଥିବା ସ୍କାନ ୨୫ ଓଭରରେ ୯ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଜବାବରେ ପାରାମାଉଣ୍ଟ ୨୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ସ୍କାନସ୍ପୋର୍ଟିଂର ନୀଳକଣ୍ଠ ମହାପାତ୍ର ୫ଓଭର ବୋଲିଂ କରି ୧୯ରନ୍ ଦେଇ ୪ଉଇକେଟ ଅକ୍ତିଆର କରିଥିବାରୁ ତାଙ୍କୁ ଫାଇନାଲରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ୧୩୩ ରନ ସହ ୪ଟି ଉଇକେଟ ନେଇଥିବାରୁ ପାରାମାଉଣ୍ଟ ଅଧିନାୟକ ରୋହିତ ସାଗରଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ସ୍ୱରୂପ ଯୋଶେଫ୍ ଏବଂ ସୁଜିତ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ଗୋପୀନାଥ ପ୍ରଧାନ, ଗୌରାଙ୍ଗ ବେହେରା, ଦିବ୍ୟଜ୍ୟୋତି ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ କୈଳାସ ପ୍ରଧାନ, ବିଜୟ ଜେନା ଭାଷ୍ୟକାର ଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଗଜେନ୍ଦ୍ର ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ଗଦାଧର ମହାପାତ୍ର, ସଂଗ୍ରାମ ପଟ୍ଟନାୟକ, ଗଜେନ୍ଦ୍ର ପ୍ରଧାନ, ଲମ୍ବୋଦର ନାୟକ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ।

# କ୍ୱାର୍ଟର ଫାଇନାଲରେ ସିନ୍ଧୁ

**ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍**

**ହୁଏଲଭା,୧୬ା୧୨**

ସ୍ପେନ୍‌ର ହୁଏଲଭାଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଗତଥରର ଚାମ୍ପିୟନ ଭାରତୀୟ ମହିଳା ତାରକା ପି.ଭି. ସିନ୍ଧୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୭ ନମ୍ବର ଖେଳାଳି ସିନ୍ଧୁ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଥାଇଲାଣ୍ଡର ପର୍ନପାୱି ଚୋଚୁୱଙ୍ଗଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ର୍‍ୟାଙ୍କିଙ୍ଗରେ ନିଜଠାରୁ ୩ଟି ସ୍ଥାନ ଉପରେ ଥିବା ପର୍ନପାୱିଙ୍କୁ ସିନ୍ଧୁ ମାତ୍ର ୪୮ ମିନିଟ୍ ମଧ୍ୟରେ ୨୧-୧୪, ୨୧-୧୮ରେ ସିଧାସଳଖ ଗେମ୍‌ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଦୁଇଥର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ଏହି ଟୁର୍ନାମେଣ୍ଟରେ ଷଷ୍ଠ ସିଡ୍ ମାନ୍ୟତା ପାଇଛନ୍ତି। ଏଥିସହ ସିନ୍ଧୁ ପର୍ନପାୱିଙ୍କୁ ୫ ଥର ପରାସ୍ତ କରିଥିବାବେଳେ ତାଙ୍କଠାରୁ ୩ଥର ବିଭିନ୍ନ ଟୁର୍ନାମେଣ୍ଟରେ ହାରିଛନ୍ତି। ଏହାପୂର୍ବରୁ ସିନ୍ଧୁ ପର୍ନପାୱିଙ୍କଠାରୁ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଓ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ପରାସ୍ତ ହୋଇଥିଲେ। ବିଜୟ ସହ ସିନ୍ଧୁ ଏହି ଦୁଇଟି ସଦ୍ୟତମ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ପ୍ରଥମ ଗେମ୍ ଅପେକ୍ଷା ସିନ୍ଧୁ ଦ୍ୱିତୀୟ ଗେମ୍‌ରେ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛନ୍ତି।

ଏବେ ସିନ୍ଧୁ କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ତଥା ବିଶ୍ୱର ୧ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ ୟିଙ୍ଗ୍‌ଙ୍କୁ ଭେଟିବେ। ତାଇ ଅନ୍ୟ ଏକ ପ୍ରି- କ୍ୱାର୍ଟର ଫାଇନାଲରେ ସ୍କଟଲାଣ୍ଡର କିର୍ଷ୍ଟି ଗିଲମୋରଙ୍କୁ ୨୧-୧୦, ୧୯-୨୧, ୨୧-୧୧ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ସିନ୍ଧୁ ପ୍ରଥମ ରାଉଣ୍ଡରେ ବାଇ ପାଇଥିଲେ। ସେ ଦ୍ୱିତୀୟ ରାଉଣ୍ଡରେ ସ୍ଲୋଭାକିଆର ମାର୍ଟିନା ରେପିସ୍କାଙ୍କୁ ୨୧-୭, ୨୧-୯ରେ ଦ୍ୱିତୀୟ ରାଉଣ୍ଡରେ ହରାଇ ପ୍ରି-କ୍ୱାର୍ଟରକୁ ଉନ୍ନୀତ ହୋଇଥିଲେ।



ପି.ଭି. ସିନ୍ଧୁ

## ଲକ୍ଷ୍ନୌ ଫ୍ରାଞ୍ଚାଇଜ୍ କୋଚ୍ ଦୌଡ଼ରେ ଆଣ୍ଡି ଫ୍ଲାୱାର

**କୋଲକାତା, ୧୬ା୧୨ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୨ରେ ନୂତନ ଭାବେ ସାମିଲ କରାଯାଇଥିବା ଲକ୍ଷ୍ନୌ ଫ୍ରାଞ୍ଚାଇଜ୍‌ର ମୁଖ୍ୟ କୋଚ୍ ପଦବୀ ପାଇଁ ଦୌଡ଼ରେ ଜିମ୍ବାୱେର ପୂର୍ବତନ ଅଧିନାୟକ ଆଣ୍ଡି ଫ୍ଲାୱାର ସମସ୍ତଙ୍କ ଆଗରେ ରହିଛନ୍ତି। ଫ୍ଲାୱାର ଇତିମଧ୍ୟରେ ପଞ୍ଜାବ କିଙ୍ଗ୍ସ ସହକାରୀ କୋଚ୍ ପଦବୀରୁ ଓହରି ଯାଇଛନ୍ତି। ଗତ ଦୁଇ ସିଜନ ପଞ୍ଜାବର ଅଧିନାୟକ ରହିଥିବା କେ.ଏଲ. ରାହୁଲ ମଧ୍ୟ ସଞ୍ଜୀବ ଗୋଏଙ୍କାଙ୍କ ଫ୍ରାଞ୍ଚାଇଜ୍‌ରେ ଯୋଗଦାନ କରିବେ ବୋଲି ଆଶା କରାଯାଉଛି। ମୁଖ୍ୟ କୋଚ୍ ନିଯୁକ୍ତି ପ୍ରସଙ୍ଗରେ ଜଣେ ଟିମ୍ ଅଫିସିଆଲ କହିଛନ୍ତି, ଅନେକ କଥା ଶୁଣିବାକୁ ମିଳୁଛି। ଗୁରୁବାର ଜଣେ କହୁଛନ୍ତି, ଗ୍ୟାରି କିର୍ଷ୍ଟେନ ଦଳର କୋଚ୍ ହେବାକୁ ଯାଉଛନ୍ତି। କେତେଜଣଙ୍କ ସହ କଥାବାର୍ତ୍ତା ଜାରି ରହିଛି। କିନ୍ତୁ ଯେପର୍ଯ୍ୟନ୍ତ ଜଣଙ୍କ ସହ ଚୁକ୍ତି ନ ହୋଇଛି କିଛି କହିହେବ ନାହିଁ। ଫ୍ଲାୱାର ଆଇପିଏଲ୍-୨୦୨୦ ପୂର୍ବରୁ ଗତ ଦୁଇ ସିଜନ ଧରି ମୁଖ୍ୟ କୋଚ୍ ଅନିଲ କୁମ୍ବଲେଙ୍କ ସହ କାର୍ଯ୍ୟ କରିଆସୁଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଡିସେମ୍ବର ୧୭/୨୦୨୧ (୮+୮=୧୬ ପୃଷ୍ଠା) | Balasore, Friday, December 17/2021 | ପୃଷ୍ଠା-୯



## ସକ୍ରିୟ ରାଜନୀତି ଛାଡ଼ିଲେ ମେଟ୍ରୋମ୍ୟାନ୍

କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଥିବା ମେଟ୍ରୋମ୍ୟାନ୍ ଇ. ଶ୍ରୀଧରନ୍ ସକ୍ରିୟ ରାଜନୀତି ଛାଡ଼ିଥିବା ଘୋଷଣା କରିଛନ୍ତି।

୦୨

୦୮

## ଲାବୁସେନ୍‌ଙ୍କ ଦୃଢ଼ ବ୍ୟାଟିଂ

ଆଡିଲେଡ ଓଭାଲରେ ଶୁକ୍ରବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟରେ ଦୃଢ଼ ବ୍ୟାଟିଂ କରି ଅପରାଜିତ ରହିଛନ୍ତି ଅଷ୍ଟ୍ରେଲିଆର ମାର୍ନସ ଲାବୁସେନ।



# ମୃତ ଶୀନା ବୋରା ଜୀବିତ

## ଇନ୍ଦ୍ରାଣୀ ମୁଖାର୍ଜୀଙ୍କ ଚାଞ୍ଚଲ୍ୟକର ବୟାନ

■ କଶ୍ମୀରରେ ଖୋଜିବାକୁ ଅନୁରୋଧ

ନୂଆଦିଲ୍ଲୀ, ୧୬।୧୨

ଦେଶରେ ସବୁଠୁ ଚର୍ଚ୍ଚିତ ଶୀନା ବୋରା ମର୍ଡର ମିଷ୍ଟ୍ରିରେ ଏକ ରୋମାଞ୍ଚକର ମୋଡ଼ ଆସିଛି। ୨୦୧୨ ମସିହାର ଏହି ଘଟଣାରେ ଚାଞ୍ଚଲ୍ୟକର କଥା କହିଛନ୍ତି ମୁଖ୍ୟ ଅଭିଯୁକ୍ତ ତଥା ଶୀନାଙ୍କ ମା’ ଇନ୍ଦ୍ରାଣୀ ମୁଖାର୍ଜୀ। ୨୦୧୫ରୁ ଜେଲରେ ବନ୍ଦୀ ଥିବା ପୂର୍ବତନ ମିଡିଆ ଏକ୍‌ଜିକ୍ୟୁଟିଭ୍ ଇନ୍ଦ୍ରାଣୀ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖିଛନ୍ତି। ଶୀନା ଜୀବିତ ଥିବା ଏବଂ ଏବେ କଶ୍ମୀରରେ ରହିଥିବା ଇନ୍ଦ୍ରାଣୀ ଦାବି କରି ତାଙ୍କୁ ଖୋଜିବାକୁ ଅନୁରୋଧ କରିଛନ୍ତି। ଏକ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାର ଖୋଳାତାଡ଼ ବେଳେ ମୁମ୍ବାଇ ପୋଲିସ ଏହି ହତ୍ୟାକାଣ୍ଡ ବିଷୟରେ ଜାଣିବାକୁ ପାଇଥିଲା। ଜେଲରେ ଥିବା ଅନ୍ୟ ଜଣେ ମହିଳା ଶୀନା ବୋରାଙ୍କୁ କଶ୍ମୀରରେ ଦେଖିଥିବା ଇନ୍ଦ୍ରାଣୀଙ୍କୁ କହିଥିବା ଜଣାପଡ଼ିଛି। ମୁମ୍ବାଇର ବୈକୁଲା ଜେଲରୁ ଇନ୍ଦ୍ରାଣୀ ସିବିଆଇକୁ ଏହି ଚିଠି ପଠାଇଥିବା ତାଙ୍କ ଓକିଲ ସାନା ରଜିଜ୍ ଖାନ୍ ସ୍ପଷ୍ଟ କରିଛନ୍ତି।

ସିବିଆଇ ଅଧିକାରୀମାନେ ଏହି ବିବାଦୀୟ ଚିଠି ଉପରେ କୌଣସି ପ୍ରତିକ୍ରିୟା ରଖିବାରୁ ଦୂରରେ ରହିଛନ୍ତି। ଫରେନ୍ସିକ ରିପୋର୍ଟରେ ଜବତ କଙ୍କାଳ ଶୀନା ବୋରାଙ୍କର ଥିଲା ବୋଲି ପୂର୍ବରୁ



ଶୀନା ବୋରା

ସ୍ପଷ୍ଟ ହୋଇସାରିଛି। ଏମ୍ସର ଫରେନ୍ସିକ ଡିପାର୍ଟମେଣ୍ଟ ସେହି କଙ୍କାଳ ଶୀନାଙ୍କର ବୋଲି ମେଡିକାଲ ରିପୋର୍ଟରେ ଦର୍ଶାଇଥିବା ସିବିଆଇ ପୂର୍ବରୁ ଏହାର ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିଲା।



ଇନ୍ଦ୍ରାଣୀ ମୁଖାର୍ଜୀ

୨୪ ବର୍ଷୀୟା ଶୀନାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ବିଶେଷଜ୍ଞ ଟିମ୍ ମଧ ସ୍ପଷ୍ଟ କରିଥିଲେ। ଏ ସବୁ ପରେ ଶୀନାଙ୍କୁ ହତ୍ୟା କରାଯାଇଥିବା ସିବିଆଇ ନିଷ୍କର୍ଷରେ ପହଞ୍ଚିଥିଲା। ତେଣୁ ଇନ୍ଦ୍ରାଣୀଙ୍କ ସଦ୍ୟ ଦାବି ଉପରେ ପୋଲିସ କିପରି ତଦନ୍ତ କରିବ ତାହା ଉପରେ ସଭିଙ୍କ ନଜର ରହିଛି।

ତଦନ୍ତକାରୀ ଅଧିକାରୀଙ୍କ ସୂଚନା ମୁତାବକ, ଇନ୍ଦ୍ରାଣୀ ମୁଖାର୍ଜୀ ଏବଂ ତାଙ୍କ ପୂର୍ବ ସ୍ୱାମୀ ସଞ୍ଜୀବ ଖାନ୍ନାଙ୍କ ଝିଅ ଶୀନା ବୋରାଙ୍କୁ ୨୦୧୨ରେ ହତ୍ୟା କରାଯାଇଥିଲା। ଏଥିରେ ଇନ୍ଦ୍ରାଣୀ, ସଞ୍ଜୀବଙ୍କ ସମେତ ଇନ୍ଦ୍ରାଣୀଙ୍କ ଦ୍ୱିତୀୟ ସ୍ୱାମୀ ପିଟର ମୁଖାର୍ଜୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଇନ୍ଦ୍ରାଣୀଙ୍କ ଡ୍ରାଇଭର ଶ୍ୟାମବର ରାଏଙ୍କୁ ମୁମ୍ବାଇ ପୋଲିସ ୨୦୧୫ରେ ଏକ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ପଚରାଉଚରାବେଳେ ସେ ଶୀନା ବୋରାଙ୍କ ହତ୍ୟାକାଣ୍ଡର ସାକ୍ଷୀ ବୋଲି ବୟାନ ଦେଇଥିଲେ। ଶୀନାଙ୍କୁ ଇନ୍ଦ୍ରାଣୀ ସମସ୍ତଙ୍କ ଆଗରେ ନିଜ ଭଉଣୀ ବୋଲି ପରିଚୟ ଦେଉଥିଲେ। ଇନ୍ଦ୍ରାଣୀଙ୍କ ବିବାହକୁ ପ୍ରଘଟ କରିଦେବାକୁ ଧମକ ଦେଇ ଶୀନା ମୁମ୍ବାଇରେ ଏକ ଘର ଦେବାକୁ କହି ତାଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଏପରିକି ପିଟରଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ରାହୁଲ ମୁଖାର୍ଜୀଙ୍କ ସହ ଶୀନାଙ୍କ ପ୍ରେମ ସମ୍ପର୍କ ଥିଲା ବୋଲି ପୋଲିସ ଯାଞ୍ଚରୁ ଜାଣିବାକୁ ପାଇଥିଲା। ଧନସମ୍ପତ୍ତି, ପିଟରଙ୍କ ପୁଅଙ୍କ ସହ ଶୀନାଙ୍କ ସମ୍ପର୍କ, ବ୍ଲାକମେଲିଂ ଆଦିକୁ ନେଇ ବିବାଦ ଘନେଇଥିଲା। ପରେ ଇନ୍ଦ୍ରାଣୀ ମୁମ୍ବାଇର ବାନ୍ଦ୍ରାରେ ଅନ୍ୟମାନଙ୍କ ସହ ମିଶି ଶୀନାଙ୍କ ତଣ୍ଟିଚିପି ହତ୍ୟା କରିଦେଇଥିଲେ। ଅଭିଯୁକ୍ତମାନେ ମୃତଦେହକୁ ରାୟଗଡ ଜିଲାରେ ପୋତିଦେଇଥିଲେ। ୨୦୧୫ରେ ପୋଲିସ ଇନ୍ଦ୍ରାଣୀ, ସଞ୍ଜୀବ ଏବଂ ପରେ ପିଟରଙ୍କୁ ଗିରଫ କରିଥିଲା। ଜବତ ମୃତଦେହର ଯାଞ୍ଚ ପରେ ତାହା ଶୀନା ବୋରାଙ୍କର ଥିଲା ବୋଲି ଜଣାପଡ଼ିଥିଲା। ୨୦୨୦ରେ ପିଟରଙ୍କୁ ଜାମିନ ମିଳିଥିଲା। ଜେଲରେ ଥିବା ସମୟରେ ହିଁ ପିଟର-ଇନ୍ଦ୍ରାଣୀ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ।

# ହୋମ୍ ଆଇସୋଲେଶନରେ ରହିବେନି ଓମିକ୍ରନ୍ ସଂକ୍ରମିତ

## ସରକାରୀ ହସ୍ପିଟାଲରେ ହେବ ସ୍ୱତନ୍ତ୍ର ବ୍ଲକ୍

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ସାରା ଦେଶରେ ତା’ର କାୟା ବିସ୍ତାର କରିବାକୁ ଲାଗିଛି। ଏପରିସ୍ଥଳେ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ଓମିକ୍ରନ ରୋଗୀ ଚିହ୍ନଟ ହେବା ପରେ ଓଡ଼ିଶାକୁ ଚିନ୍ତା ଘାରିଛି। ଏଯାଏ ଓଡ଼ିଶାକୁ ଏହି ଭୂତାଣୁ ପ୍ରବେଶ କରି ନ ଥିଲେ ମଧ ମୁକାବିଲା ପାଇଁ ରାଜ୍ୟ ସରକାର ଆଗୁଆ ତତ୍ପରତା ପ୍ରକାଶ କରିଛନ୍ତି। ବିଶେଷକରି ବିଦେଶ ଫେରନ୍ତାଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ତେବେ କରୋନା ସଂକ୍ରମିତଙ୍କ ଭଳି ଓମିକ୍ରନ ଆକ୍ରାନ୍ତମାନେ ହୋମ୍ ଆଇସୋଲେଶନରେ ରହି ପାରିବେ ନାହିଁ। ସେମାନଙ୍କ ପାଇଁ ସରକାରୀ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ଲକ୍ କରାଯିବ। ସେମାନେ ଯେପରି ଅନ୍ୟ କୋଭିଡ୍ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ନ ଆସନ୍ତି ସେଥପ୍ରତି ବିଶେଷ ଧାନ ଦିଆଯିବ। ରାଜ୍ୟ ସରକାର ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି।



ସେ କହିଛନ୍ତି, ଡେଲ୍‌ଟା ଭାରିଆଣ୍ଟଠାରୁ ଓମିକ୍ରନ ୫ଗୁଣା ଅଧିକ ସଂକ୍ରାମକ। ତେବେ ଏହା କେତେ ଘାତକ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କରୋନା ଭଳି ଓମିକ୍ରନ୍‌ର ଲକ୍ଷଣ ପ୍ରକାଶ ପାଉଛି। ନୂଆ ଭାରିଆଣ୍ଟ ଉପରେ ଟିକାର ପ୍ରଭାବ କିପରି ରହିବ ତାହା ବିଚାରାଧୀନ ରହିଛି। ବର୍ତ୍ତମାନ ଅଧିକ କରୋନା ରୋଗୀ ନ ଥିବାରୁ କୋଭିଡ୍ ହସ୍ପିଟାଲସ୍‌ଗୁଡିକୁ ଷ୍ଟାଣ୍ଡବାଇ ମୋଡ୍‌ରେ ରଖାଯାଇଛି। ଆବଶ୍ୟକସ୍ଥଳେ ଆସନ୍ତା ୨/୩ଦିନ ମଧରେ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ସେହିପରି କୌଣସି ବ୍ୟକ୍ତି ବାହାରୁ ଆସିଲେ ତାଙ୍କ ସମ୍ପର୍କରେ ସୂଚନା ଦେବାକୁ ଗାଁ ମୁଖିଆ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ସୂଚନା ଦିଆଯାଇଛି। ସେମାନେ ସୂଚନା ଦେବା ମାତ୍ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସର୍ଭିଲାନ୍ସକୁ ଅଣାଯାଇ ଟେଷ୍ଟ କରାଯିବ। ଏହା ବ୍ୟତୀତ ଏୟାର ସୁବିଧା ପୋର୍ଟାଲରେ ପଞ୍ଜୀକୃତ ବିଦେଶ ଫେରନ୍ତାଙ୍କୁ ଠାବ କରାଯାଉଛି। ଏବେ ସୁଦ୍ଧା ଦେଶରେ ୭୫ରୁ ଊର୍ଦ୍ଧ୍ୱ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇ ସାରିଲେଣି। ପଡୋଶୀ ଆନ୍ଧ୍ର ଓ ପଶ୍ଚିମବଙ୍ଗରେ ଓମିକ୍ରନ ସଂକ୍ରମିତ ଚିହ୍ନଟ ପରେ ଓଡ଼ିଶାରେ ସତର୍କତା ପଦକ୍ଷେପ ନିଆଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ମଣ୍ଡିରେ ଚାଲିଗଲା ଚାଷୀଙ୍କ ଜୀବନ

ବରଗଡ଼ ଅଫିସ୍, ୧୬।୧୨

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଅନ୍ତର୍ଗତ ଜାମସେଠ ନିକଟ ଛିନ୍ଦେକେଲା ମଣ୍ଡିରେ ଗୁରୁବାର ଜଣେ ଚାଷୀଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ମୃତ ଚାଷୀ ଜଣକ ହେଲେ ଏହି ବ୍ଲକର ଝାରବନ୍ଧ ପଞ୍ଚାୟତ ଅନ୍ତର୍ଗତ ଟେମରିମାଲ ଗ୍ରାମର ପ୍ରହଲ୍ଲାଦ ରାଉତ(୭୫)। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପ୍ରକାଶ ଯେ, ପ୍ରହଲ୍ଲାଦ ୫ଏକର ଜମିର ଧାନ ଅମଳ କରି ଖଳାରେ ରଖିଛନ୍ତି। ତାଙ୍କ ପାଖକୁ ଟୋକନ ପହଞ୍ଚି ନ ଥିବାରୁ ଗୁରୁବାର ସେ ଯାଞ୍ଚ ପାଇଁ ଛିନ୍ଦେକେଲା ମଣ୍ଡିକୁ ଯାଇଥିଲେ। ତେବେ ତାଙ୍କ ଟୋକନରେ ୬କୁଇଣ୍ଟାଲ ଧାନ ବିକ୍ରି କରିପାରିବେ ବୋଲି ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀ ତାଙ୍କୁ କହିଥିଲେ। ଏହା ଶୁଣି ପ୍ରହଲ୍ଲାଦ ଚିନ୍ତିତ ହୋଇପଡିଥିଲେ ଏବଂ କିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଖବର ପାଇ ସ୍ଥାନୀୟ ଚାଷୀ ସଙ୍ଗଠନର ପ୍ରତିନିଧିମାନେ ସେଠାକୁ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

# ଫେରାର ହୋଇ ନ ଥିବା ଅଡିଓ ଜାରି କଲେ ସୁମିତ

## ପାରିବାରିକ କଳହର ନୂଆ ମୋଡ଼

■ ଦରମା ବନ୍ଦ ନେଇ ଚର୍ଚ୍ଚା

ଆସିକା, ୧୬।୧୨ (ଡି.ଏନ୍.ଏ.)

ବ୍ରହ୍ମପୁର ବ୍ରହ୍ମାନଗରର ଡାକ୍ତର ସୁମିତ ସାହୁ ଓ ସ୍ତ୍ରୀ ତପସ୍ୱିନୀ ଦାଶଙ୍କ ମଧ୍ୟରେ ଚାଲିଥିବା ବିବାଦ ତୁଟିବା ନାଁ ଧରୁନି । ଏହି ପାରିବାରିକ ବିବାଦ ଅଦାଲତରେ ବିଚାରାଧୀନ ରହିଛି। ଆସିକା ଚିନିଶିଳ୍ପ ଅତିଥି ଭବନରୁ ଗତ ୧୦ ତାରିଖରୁ ତପସ୍ୱିନୀଙ୍କୁ ଛାଡ଼ି ପଳାଇ ଯାଇଥିବା ସୁମିତ ଗୁରୁବାର ମୁହଁ ଖୋଲିଛନ୍ତି। ସୁମିତ ଏକ ଅଡିଓ ଟେପ୍ ଜାରି କରି ସେ ଶାରୀରିକ ଓ ମାନସିକ ଭାବେ ଅସୁସ୍ଥ ଥିବା ଜଣାଇଛନ୍ତି। ସେଥିଯୋଗୁ ତପସ୍ୱିନୀଙ୍କ ସହ ରହି ବିଶ୍ରାମ ନେବା ଅସମ୍ଭବ ମନେକରି ଡାକ୍ତରଙ୍କ ପରାମର୍ଶକ୍ରମେ ଅଲଗା ରହିଥିବା ସେ କହିଛନ୍ତି। ଫେରାର୍ ହେବା, ଅପହରଣ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ତପସ୍ୱିନୀ ବଦନାମ କରିବା ଲାଗି ଗଣମାଧ୍ୟମ ଆଗରେ ଉଦ୍ୟମ ଚଳାଇଛନ୍ତି । ମୋତେ ଓ ମୋ ପରିବାର ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ବୋଲି ସୁମିତ ଅଭିଯୋଗ କରିଛନ୍ତି। ତପସ୍ୱିନୀ ଫୌଜଦାରୀ ମାମଲା ରୁଜୁ କରିବା ପରେ ବି କାହିଁକି ତାଙ୍କ ସହିତ ରହିବାକୁ ଚାହୁଁଛନ୍ତି ବୋଲି ସୁମିତ ପ୍ରଶ୍ନ କରିଛନ୍ତି । ୭ଦିନ ଧରି ଚିନିଶିଳ୍ପ ଅତିଥି ଭବନରେ ତପସ୍ୱିନୀଙ୍କ ସହ ରହିଥିଲେ ମଧ ସମ୍ପର୍କ ଆଗକୁ ବଢ଼ି ନ ଥିବା ସେ ସ୍ପଷ୍ଟ କରିଛନ୍ତି। କିନ୍ତୁ ସୁମିତଙ୍କ ଦରମା ବନ୍ଦ ନେଇ ଚର୍ଚ୍ଚା ହେଉଥିବା ବେଳେ ଏ ନେଇ ଉପରିସ୍ଥ ଅଧିକାରୀଙ୍କଠାରୁ କୌଣସି ସୂଚନା ମିଳିନାହିଁ।

ଅନ୍ୟପକ୍ଷରେ ଅଡିଓ ଟେପ୍ ସମ୍ପର୍କରେ ଜାଣିବା ପରେ ତପସ୍ୱିନୀ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ମୋ ପରିବାରର ସେଭଳି ସମ୍ପତ୍ତି କି କ୍ଷମତା ନାହିଁ। ତେଣୁ ସୁମିତ ସମ୍ପର୍କର ଦ୍ୱାହି ଦେଇ ଖେଳୁଛନ୍ତି। ସୁମିତ ପ୍ରଥମେ ସମ୍ପର୍କ ସ୍ଥାପନ କରି ପରେ ରେଜିଷ୍ଟ୍ରି ବିବାହ ☞ପୃଷ୍ଠା-୨

# ଥରକରେ ୬,୧୩୧ ଶିକ୍ଷକଙ୍କୁ ନିଯୁକ୍ତି

■ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଅ: ମୁଖ୍ୟମନ୍ତ୍ରୀ

■ ରୂପାନ୍ତରଣ ହେବ ସବୁ ସରକାରୀ, ଅନୁଦାନପ୍ରାପ୍ତ ହାଇସ୍କୁଲ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

ପିଲାମାନେ ଅନନ୍ତ ସମ୍ଭାବନାର ପ୍ରତୀକ। ସେମାନଙ୍କ ମଧରେ ନୂଆ ଆଶା ଜାଗ୍ରତ କରିବା, ସେମାନଙ୍କ କଳ୍ପନାକୁ ଶକ୍ତିଦେବା ଏବଂ ଅଧୟନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଶିକ୍ଷକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଛାତ୍ରୀଛାତ୍ରଙ୍କ ମଧରେ ସୃଜନୀଶକ୍ତିର ବିକାଶ ସହିତ ଆତ୍ମବିଶ୍ୱାସ ବଢ଼ାଇବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷକ ସମାଜକୁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଆୟୋଜିତ ୬,୧୩୧ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିକ୍ଷା ହେଉଛି ସମାଜର ସାମୂହିକ ଆଶା ଓ ଆକାଂକ୍ଷାର ପ୍ରତିଫଳନ। ଶିକ୍ଷା ବ୍ୟବସ୍ଥାର ଆତ୍ମା ଭାବେ ଶିକ୍ଷକଙ୍କୁ ଭବିଷ୍ୟତ ପିଢ଼ି ତଥା ନୂଆ ଓଡ଼ିଶା ଗଠନରେ ଯୋଡ଼ିହେବାକୁ ପଡ଼ିବ। ନିକଟରେ ଆରମ୍ଭ ହୋଇଥିବା ରୂପାନ୍ତରଣରେ ସଫଳ ସହଯୋଗୀ ଭାବେ ଦାୟିତ୍ୱ ତୁଲାଇବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମ୍‌ଙ୍କ ବକ୍ତବ୍ୟକୁ ଉଦ୍ଧୃତ କରି ମୁଖ୍ୟମନ୍ତ୍ରୀ କହିଲେ, ସମାଜରେ ଶିକ୍ଷକଙ୍କ ଭୂମିକା ଯେପରି ଗୁରୁତ୍ୱପୂର୍ଣ୍ଣ, ପୃଥିବୀରେ ଅନ୍ୟ କୌଣସି ବୃତ୍ତି ସେଭଳି ଗୁରୁତ୍ୱ ବହନ କରେ ନାହିଁ। ଶିକ୍ଷକତା ପରି ଏକ ମହାନ୍ ବୃତ୍ତିକୁ ଆପଣେଇଥିବାରୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ।

ରାଜ୍ୟରେ ଶିକ୍ଷାର ବିକାଶରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ୫-ଟି ରୂପାନ୍ତର କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍କୁଲର ଭିତ୍ତିଭୂମି ବିକାଶ କରାଯାଇଛି। ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରି, ଆଧୁନିକ ପରୀକ୍ଷାଗାର, ☞ପୃଷ୍ଠା-୨

## ଝିଅମାନଙ୍କ ବିବାହ ବୟସ ୧୮ରୁ ୨୧କୁ ବୃଦ୍ଧି।




# ମେଡିକାଲ ଆସେସ୍‌ମେଣ୍ଟ ବୋର୍ଡ ପୁନର୍ଗଠିତ

## ଭିନ୍ନକ୍ଷମ ପ୍ରମାଣପତ୍ରରେ ବିବାଦର ସମାଧାନ ହେବ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

ରାଜ୍ୟର ବିଭିନ୍ନ ମେଡିକାଲ କଲେଜଗୁଡ଼ିକରେ ଚିକିତ୍ସା ମୂଲ୍ୟାଙ୍କନ ବୋର୍ଡ (ମେଡିକାଲ ଆସେସ୍‌ମେଣ୍ଟ ବୋର୍ଡ)ର ପୁନର୍ଗଠନ କରାଯାଇଛି । ଏହି ବୋର୍ଡଗୁଡ଼ିକ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଅପିଲ୍ ପ୍ରାଧିକରଣଙ୍କୁ ସହାୟତା ଦେବେ । ଭିନ୍ନକ୍ଷମ ପ୍ରମାଣପତ୍ରର ସମୀକ୍ଷା ଓ ପୁନଃ ଆକଳନ ପାଇଁ ବୋର୍ଡଗୁଡ଼ିକ କାର୍ଯ୍ୟ କରିବେ । ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ (ବାଲେଶ୍ୱର) ଅଧୀନରେ ବାଲେଶ୍ୱର ଓ ଭଦ୍ରକ ଜିଲା ରହିଥିବାବେଳେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲା ଏମ୍‌କେସିଜି ମେଡିକାଲ କଲେଜ (ବ୍ରହ୍ମପୁର) ଅଧୀନରେ ରହିବେ। ସେହିପରି ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲର ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ବଲାଙ୍ଗୀରସ୍ଥିତ ସନ୍ଥକବି ଭୀମ ଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲ ଅଧୀନରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ କଳାହାଣ୍ଡି ଜିଲା ରଖାଯାଇଛି । ଅନୁରୂପ କଟକ, ଢେଙ୍କାନାଳ, ଅନୁଗୋଳ, ଜଗତ୍‌ସିଂହପୁର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ଏସ୍‌ସିବି ମେଡିକାଲ କଲେଜ (କଟକ) ଅଧୀନରେ ରହିଛନ୍ତି । କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ଅଧୀନରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲାକୁ ରଖାଯାଇଥିବାବେଳେ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାକୁ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍‌ପିଟାଲ ଅଧୀନ କରାଯାଇଛି । ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାକୁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଭେଷଜ ଗବେଷଣା ପ୍ରତିଷ୍ଠାନର ଅନ୍ତର୍ଭୁକ୍ତ କରାଯାଇଛି । ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ତଥା ଅନ୍ୟାନ୍ୟ କର୍ତ୍ତୃପକ୍ଷ ଅପିଲ୍ ପ୍ରାଧିକରଣଙ୍କୁ ସୂଚନା ଦେବା ସହିତ ଭିନ୍ନକ୍ଷମ ପ୍ରମାଣପତ୍ର ବାବଦରେ ସମ୍ପୃକ୍ତ ମେଡିକାଲ ଆସେସ୍‌ମେଣ୍ଟ ବୋର୍ଡଗୁଡ଼ିକୁ ଆବେଦନ କରିପାରିବେ । ପ୍ରମାଣପତ୍ରଗୁଡ଼ିକର ବିସ୍ତୃତ ତନଖି/ପୁନଃଆକଳନ ରିପୋର୍ଟ ଏବଂ ଫଳାଫଳ ସିଧାସଳଖ ନିଯୁକ୍ତିଦାତା ସଂସ୍ଥାଗୁଡ଼ିକୁ ବୋର୍ଡ ପକ୍ଷରୁ ପ୍ରଦାନ କରାଯିବ । ଭିନ୍ନକ୍ଷମ ପ୍ରମାଣପତ୍ରରେ ଥିବା ଅନିୟମିତତା ବା ଠକାମି ଦର୍ଶାଇ ସୁବିଧା ପାଉଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଦଣ୍ଡବିଧାନକୁ ସୁନିଶ୍ଚିତ କରିବା ସକାଶେ ସମ୍ପୃକ୍ତ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଅନିୟମିତତା ବାବଦରେ ତନଖି/ପୁନଃଆକଳନ କରି ଅପିଲ୍ ପ୍ରାଧିକରଣଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପ୍ରଦାନ କରିବେ।

# କଂଗ୍ରେସ-ଭାଜପା ପୋଷ୍ଟର ଯୁଦ୍ଧ



## ରାହୁଲଙ୍କ ରାଲିରେ ଜେନେରାଲ ରାୱତ୍‌ଙ୍କ କଟ୍‌ଆଉଟ୍

ନୂଆଦିଲ୍ଲୀ, ୧୬।୧୨(ପି.ଟି.)

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏକ ରାଲିରେ ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ କଟ୍‌ଆଉଟ୍ ଲଗାଯିବାକୁ ନେଇ ବିବାଦ ଦେଖାଦେଇଛି। ଏହାକୁ ନେଇ କଂଗ୍ରେସ ଏବଂ ଭାଜପା ମଧ୍ୟରେ ପୋଷ୍ଟର ଯୁଦ୍ଧ ଆରମ୍ଭ ହୋଇଯାଇଛି। ଗତ ୮ ତାରିଖରେ ତାମିଲନାଡୁର କୁନ୍ନୁରଠାରେ ବାୟୁସେନା ବିମାନ ଦୁର୍ଘଟଣାରେ ଜେନେରାଲ ରାୱତ୍‌ଙ୍କର ପରଲୋକ ହୋଇଥିଲା। କଂଗ୍ରେସର ବିଜୟ ସମ୍ମାନ ରାଲିରେ ରାୱତ୍‌ଙ୍କ କଟ୍‌ଆଉଟ୍ ସମେତ ଇନ୍ଦିରା ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କଟ୍‌ଆଉଟ ଲଗାଯାଇଥିଲା। ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ କଂଗ୍ରେସ ବିପିନ ରାୱତଙ୍କୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି ବୋଲି ଭାଜପା ଅଭିଯୋଗ କରିଛି। ତେବେ ୧୯୭୧ ଯୁଦ୍ଧରେ ଭାରତର ବିଜୟ ଉତ୍ସବର ୫୦ ବର୍ଷ ପାଳନକୁ ବିଜୟ ଦିବସ ଭାବେ ପାଳନ କରାଯାଉଛି, ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ନାହିଁ ବୋଲି କଂଗ୍ରେସ କହିଛି। ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ ରଖାଯାଇଥିବା ସେମାନଙ୍କ ଫଟୋ ନିକଟରେ ରାହୁଲଙ୍କ ସ୍ମିତହାସ୍ୟ ଫଟୋ ଲଗାଯାଇଥିବାରୁ ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ଏହାକୁ ସମାଲୋଚନା କରିଛନ୍ତି। ସଶସ୍ତ୍ର ବଳକୁ ଅସମ୍ମାନିତ କରିବା କଂଗ୍ରେସର ଡିଏନ୍‌ଏରେ ରହିଛି। ସେମାନେ ରାୱତ୍‌ଙ୍କୁ 'ସଡକ କା ଗୁଣ୍ଡା' କହୁଥିଲେ ବୋଲି ପୁନାୱାଲା କହିଛନ୍ତି। ଜେନେରାଲ ରାୱତ୍‌ଙ୍କ ଶେଷକୃତ୍ୟ ଦିନ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୋଆରେ ନାଚୁଥିଲେ ବୋଲି ଭାଜପା କହିଛି।

# ମହିଳାଙ୍କୁ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଦୁର୍ବ୍ୟବହାର



ସମ୍ମିଳନୀରେ ବିଧାୟକ ପ୍ରଶାନ୍ତ ଜଗଦେବ ଉଦ୍‌ବୋଧନ ଦେଉଛନ୍ତି।

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଖୋର୍ଦ୍ଧା ଅଫିସ,୧୬।୧୨

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଏକ କର୍ମୀ ସମ୍ମିଳନୀରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ବୋଲି କେତେଜଣ ଭୋଟର କହିଛନ୍ତି।

ପ୍ରକାଶ ଯେ, ଗତ ୧୨ ତାରିଖରେ ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତରେ ବିଜେଡିର ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରଶାନ୍ତ ଯୋଗଦେଇଥିଲେ। ମଞ୍ଚରେ ଜଣେ ପୂର୍ବତନ ମନ୍ତ୍ରୀ ଏବଂ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ଅନେକ ମହିଳା କର୍ମୀ ମଧ୍ୟ ଯୋଗଦେଇଥିଲେ। ପ୍ରଶାନ୍ତ କର୍ମୀଙ୍କୁ ସମ୍ବୋଧିତ କରୁଥିବା ବେଳେ ହଠାତ୍ ଜଣେ ମହିଳା ନିଜ ଆସନରୁ ଉଠି ଆଗକୁ ଆସି କହିଥିଲେ, ଆମେ ଭୋଟ ଦେଇଥିଲୁ, ଏବେ ଆମ କଥା କେହି ଶୁଣୁନାହାନ୍ତି। ଏଥିରେ ପ୍ରଶାନ୍ତ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ମହିଳାଙ୍କୁ କହିଥିଲେ, ଏଠିକୁ ଶୁଣିବାକୁ ଆସିଛ, ଚୁପଚାପ ଶୁଣ। ନ ହେଲେ ଏଠାରୁ ପଳାଅ। କ'ଣ ଭୋଟ ଦେଇଛ ବୋଲି ମୋ ପ୍ୟାଣ୍ଟ, ଶାର୍ଟ ଖୋଲିଦେବ ନା କ'ଣ ବୋଲି ଏପରି କିଛି କହୁଥିବା ଭିଡିଓରେ ଦେଖିବାକୁ ମିଳିଛି। ସେଠାରେ ଉପସ୍ଥିତ ଥିବା କର୍ମୀ ବିଧାୟକଙ୍କ ଏହି କଥାକୁ ବିରୋଧ କରି ନ ଥିଲେ ମଧ୍ୟ କେତେଜଣ ମହିଳା ଅସନ୍ତୋଷ ପ୍ରକାଶ କରିଥିଲେ। ବିଧାୟକଙ୍କ ଏଭଳି ମନ୍ତବ୍ୟ ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଜେଡିରୁ ନିଲମ୍ବିତ ହୋଇଥିବା ଜଣେ ବିଧାୟକ କିପରି ଦଳୀୟ ସମାବେଶକୁ ସମ୍ବୋଧିତ କରୁଥିଲେ, ତା'କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବିଧାୟକ ପ୍ରଶାନ୍ତ ଏବଂ ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

# ଏମ୍‌ପି ମୁନା ଖାଁଙ୍କ କାର୍ ଉପରକୁ ଅଣ୍ଡା ମାଡ଼, କଳା ପତାକା ପ୍ରଦର୍ଶନ


ଅଣ୍ଡାମାଡ଼ ଓ କଳାପତାକା ସମୟରେ ଦେଖାଦେଇଥିବା ଉତ୍ତେଜନା ।

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୧୬।୧୨ (ଡି.ଏନ୍.ଏ.)

ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନକୁ ନେଇ ଖୋର୍ଦ୍ଧା ଜିଲା ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗଠାରେ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ସରକାରୀ କାର୍ଯ୍ୟକ୍ରମକୁ ବିଜେଡି ଦଳୀୟ ସଭାରେ ପରିଣତ କରିଥିବା ଅଭିଯୋଗ କରି ଛାତ୍ର କଂଗ୍ରେସ କର୍ମୀମାନେ କାର୍ଡ ବଣ୍ଟନ କରିବାକୁ ଯାଉଥିବା ବିଜେଡି ଏମ୍‌ପି ମୁନା ଖାଁ, ଜଟଣୀର ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ ପଟ୍ଟନାୟକଙ୍କୁ କଳା ପତାକା ପ୍ରଦର୍ଶନ କରିବା ସହ ସେମାନଙ୍କ କାର୍ ଉପରକୁ ଅଣ୍ଡା ମାଡ଼ କରିଛନ୍ତି। ଏହାକୁ ବିଜେଡି କର୍ମୀମାନେ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୋଲିସ ପହଞ୍ଚି ଉଭୟ କର୍ମୀଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏହାପରେ ଏମ୍‌ପି ଖାଁ ଓ ଅନ୍ୟମାନେ ସଭାସ୍ଥଳରେ ପହଞ୍ଚି ୧୪୩୩ଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ତେବେ ଏହି ଗଣ୍ଡଗୋଳରେ ଛାତ୍ର କଂଗ୍ରେସର କେତେଜଣ କର୍ମୀ ଆହତ ହୋଇଥିବା ସୂଚନା ମିଳିଛି। ପ୍ରଦେଶ ଛାତ୍ର କଂଗ୍ରେସ ସମ୍ପାଦକ ସୌମ୍ୟ ଶ୍ରୀଚନ୍ଦନ ଓ ଅନ୍ୟକର୍ମୀଙ୍କୁ ବିଜେଡ଼ି କର୍ମୀ ଆକ୍ରମଣ କରିଥିବା କଂଗ୍ରେସ ଅଭିଯୋଗ କରିଛି। ଏଥିରେ ଶ୍ରୀଚନ୍ଦଙ୍କେ ମୁଣ୍ଡ ଫାଟି ଯାଇଛି। ଏନେଇ ଆକ୍ରମଣକାରୀ ବିଜେଡ଼ି କର୍ମୀଙ୍କ ନାଁରେ ଚନ୍ଦକା ଥାନାରେ ଏତଲା ଦିଆଯାଇଥିବା କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ଓ ଏମ୍‌ପି ଅ ପରାଜିତା ଷଡଙ୍ଗୀଙ୍କୁ ଡକାଯାଇ ନ ଥିଲା। ହେଲେ ପୂର୍ବତନ ବିଧାୟକ ବିଭୁତି ବଳବନ୍ତରାୟଙ୍କୁ ଡାକି କାର୍ଡ ବଣ୍ଟନ କରାଯିବା ଘଟଣାକୁ ନେଇ କଂଗ୍ରେସ କର୍ମୀମାନେ ଏପରି ବିରୋଧ କରିଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏହା କେବଳ ରାଜନୀତି। ସ୍ମାର୍ଟ କର୍ଡଟା ତାଙ୍କ ପୈତୃକ ସମ୍ପତ୍ତି ନୁହେଁ, ଆଗକୁ ଯଦି ଏପରି ହୁଏ ଆନ୍ଦୋଳନ ଆହୁରି ତୀବ୍ର କରାଯିବ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ଲୋକଙ୍କ ଟିକସ ପଇସାରେ ବିଜୁ ସ୍ୱାସ୍ଥ୍ୟ ଯୋଜନାର ଅର୍ଥ ଦିଆଯାଉଛି। ମାତ୍ର ବିଜେଡ଼ି ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ନାମରେ ପଞ୍ଚାୟତ ନିର୍ବାଚନର ପ୍ରଚାର କରୁଛି।

### କଂଗ୍ରେସ ଓ ବିଜେଡି କର୍ମୀ ମୁହାଁମୁହିଁ, ଛାତ୍ର କଂଗ୍ରେସ କର୍ମୀ ଆହତ

## ସକ୍ରିୟ ରାଜନୀତି ଛାଡ଼ିଲେ ମେଟ୍ରୋମ୍ୟାନ୍

ଥିରୁଭାନନ୍ତପୁରମ୍, ୧୬।୧୨

ମେଟ୍ରୋମ୍ୟାନ୍ ଭାବେ ପରିଚିତ ଇ. ଶ୍ରୀଧରନ୍ ସକ୍ରିୟ ରାଜନୀତି ଛାଡ଼ିଥିବା ସମ୍ପର୍କରେ ଗୁରୁବାର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ତାଙ୍କୁ ୯୦ ବର୍ଷ ହେଲାଣି। ସକ୍ରିୟ ରାଜନୀତି ଲାଗି ବୟସ ତାଙ୍କୁ ଅନୁମତି ଦେଉନାହିଁ। ସକ୍ରିୟ ରାଜନୀତି ଛାଡୁଥିଲେ ମଧ୍ୟ ରାଜନୀତିରୁ ସନ୍ନ୍ୟାସ ନେଉନାହିଁ ବୋଲି ମାଲାପୁରମ୍‌ଠାରେ ଶ୍ରୀଧରନ ଗଣମାଧ୍ୟମକୁ କହିଛନ୍ତି। କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଗତ ମାର୍ଚ୍ଚରେ ସେ ଭାଜପାରେ ଯୋଗଦେଇଥିଲେ। ତାଙ୍କୁ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ସେ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ। କେରଳରେ ଦଳର ଭଲ ସମ୍ଭାବନା ଥିବା ସେ ସେତେବେଳେ ଅନୁଭବ କରିଥିଲେ।


ଇ. ଶ୍ରୀଧରନ୍

ଏବେ ସ୍ଥିତି ବଦଳିଯାଇଛି। ନିର୍ବାଚନ ହାରିବା ତାଙ୍କୁ ଦୁଃଖିତ କରିଥିଲା। ଜିତିଥିଲେ ମଧ୍ୟ ସେ କିଛି କରିପାରି ନ ଥାନ୍ତେ, ଏହା ଏବେ ଅନୁଭବ କରୁଛନ୍ତି ବୋଲି ଶ୍ରୀଧରନ କହିଛନ୍ତି। ସେ ରାଜନେତା ନ ଥିଲେ। ପ୍ରଶାସନିକ ରାଜନେତା ଭାବେ କିଛିଦିନ କାମ କରିଥିଲେ। ସେ ବିଳମ୍ବରେ ରାଜନୀତିକୁ ଆସିଥିଲେ ମଧ୍ୟ ଛାଡ଼ିବାରେ ବିଳମ୍ବ କରି ନାହାନ୍ତି। ସେ ତିନୋଟି ଟ୍ରଷ୍ଟ ସହ ସମ୍ପୃକ୍ତ ଅଛନ୍ତି ଓ ସେଥିରେ ସେ ସମୟ ଅତିବାହିତ କରିବେ ବୋଲି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ କଂଗ୍ରେସ କର୍ମୀ ଅଟକ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

କ୍ରୀଡ଼ା ଭିତ୍ତିଭୂମି ପ୍ରୋଜେକ୍ଟ କାର୍ଯ୍ୟ ଅନୁଧ୍ୟାନ ସହ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ ସମାରୋହରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମରେ ଯାଉଥିବାବେଳେ ପୋଲିସ ବହୁ କଂଗ୍ରେସ କର୍ମୀଙ୍କୁ ଉଠାଇ ଆଣିଥିଲା। କଂଗ୍ରେସ ଭବନ ଭିତରେ ପୋଲିସର ଭଙ୍ଗାରୁଜା ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବା ସହ ପ୍ରଶ୍ନ ପଚାରିବା ପାଇଁ କଂଗ୍ରେସ ପ୍ରସ୍ତୁତ ରହିଥିଲା। ହେଲେ ଏହା ପୂର୍ବରୁ ପୋଲିସ ସୂଚନା ପାଇବା ପରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପିସିସି ସାଧାରଣ ସମ୍ପାଦକ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ରଣଜିତ ପାତ୍ର, ସାଗର ପଟ୍ଟନାୟକ, ଅବିନାଶ ନନ୍ଦ, ବାବୁ ଜେନା, ନଳିନୀ କାନ୍ତ ନାୟକ, ସଙ୍ଘନା କହଁର ଓ କାର୍ତ୍ତିକେଶ୍ୱର କାଣ୍ଡି ପ୍ରମୁଖଙ୍କୁ ଉଠାଇ ନେଇ ଅଟକ ରଖିଥିଲଶ। ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମରୁ ଫେରିବା ପରେ ଅଟକ କଂଗ୍ରେସ-ନେତୃମଣ୍ଡଳୀଙ୍କୁ ଛଡ଼ାଯାଇଥିଲା।


ପୋଲିସ ଦ୍ୱାରା ଅଟକ ଥିବା କଂଗ୍ରେସ କର୍ମୀମାନେ ।

## ରାଜ୍ୟ ଖବର

# ଆସିଲେନି ଅଧିକାରୀ, ମଣ୍ଡିରୁ ଧାନ ଫେରାଇନେଲେ ଚାଷୀ

ଉମରକୋଟ, ୧୬।୧୨(ସ୍ୱ.ପ୍ର.)

ମୋବାଇଲକୁ ମଣ୍ଡି ଖୋଲିବା ନେଇ ଆସିଲା ମେସେଜ। ଧାନ ଧରି ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଲେ ଚାଷୀ। ହେଲେ ଖୋଲିଲା ନାହିଁ ମଣ୍ଡି। ଧାନ ନେଇ ଆସିଥିବା ଚାଷୀ ପୁଣି ତାହାକୁ ଫେରାଇନେଲେ। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ଝରିଗାଁ ବ୍ଲକ ଅଧୀନ ଧୋଡ୍ରା ଗ୍ରାମର ଧାନମଣ୍ଡିରେ।

ସୂଚନାନୁଯାୟୀ, ଗୁରୁବାର ଧାନ ଆଣି ମଣ୍ଡିକୁ ଆସିବା ପାଇଁ ଚାଷୀଙ୍କ ମୋବାଇଲକୁ ପ୍ରଶାସନ ପକ୍ଷରୁ ମେସେଜ ଆସିଥିଲା। ମେସେଜ ପାଇ ମଣ୍ଡିରେ ଧାନ ଧରି ହଜାର ହେଲେ ଚାଷୀ। ହେଲେ ମଣ୍ଡିରେ କୌଣସି ଅଧିକାରୀଙ୍କ ଦେଖା ମିଳିଲା ନାହିଁ। ଦିନ ୧୨ ଟାଯାଏ ଅପେକ୍ଷା କରିବା ପରେ ନିରାଶ ହୋଇ ଘରକୁ ଫେରିଲେ ଚାଷୀ। ଚାଷୀ ମାନେ ମଣ୍ଡି ଅଧିକାରୀଙ୍କୁ ଫୋନ୍ କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିବା କହିଛନ୍ତି। ଲ୍ୟାମ୍ପ କର୍ମଚାରୀ ଙ୍କ ଧର୍ମଘଟ ଯୋଗୁ ଏହି ଧାନ କିଣା ଦାୟିତ୍ୱ ନିୟନ୍ତ୍ରିତ ବଜାର କମିଟି ଓ ଯୋଗାଣ ବିଭାଗକୁ ଦିଆଯାଇଛି। କିନ୍ତୁ କେଉଁ ମଣ୍ଡି ଦାୟିତ୍ୱରେ କେଉଁ ଅଧିକାରୀ ଅଛନ୍ତି ତାହା ମଧ୍ୟ ଚାଷୀଙ୍କୁ ଅଜଣା। ଏ ବିଷୟରେ ଝରିଗାଁ ଯୋଗାଣ ଅଧିକାରୀ ଦେବେନ୍ଦ୍ର କୁମାର ସେଠିଆଙ୍କୁ ଯୋଗାଯୋଗ କରିବାରୁ, କୌଣସି କାରଣରୁ ଗୁରୁବାର ମଣ୍ଡି ଖୋଲାଯାଇ ପାରିନାହିଁ। ଶୁକ୍ରବାରରୁ ମଣ୍ଡି ଆରମ୍ଭ କରାଯିବ। ଯେଉଁ ଚାଷୀମାନେ ଗୁରୁବାର ଧାନ ଧରି ଫେରିଯାଇଛନ୍ତି ଆସନ୍ତା ସପ୍ତାହରେ ସେମାନଙ୍କ ଧାନକୁ ପ୍ରଥମେ କିଣାଯିବ ବୋଲି ସେ କହିଛନ୍ତି। ମଣ୍ଡିକୁ ଧାନ ଆଣିବା ଓ ନେବାରେ ଯେଉଁ ଟଙ୍କା ଖର୍ଚ୍ଚ ହୋଇଛି ତାହା କିଏ ଭରଣା କରିବ ବୋଲି ପ୍ରଶ୍ନ କରିଛନ୍ତି ଚାଷୀ। ପ୍ରଶାସନିକ ଅଧିକାରୀଙ୍କ ଏଭଳି ଟାଳଟୁଳ ନୀତି ନିୟମ ଯୋଗୁ ଚାଷୀ ହିଁ କ୍ଷତି ସହୁଛନ୍ତି ବୋଲି ଚାଷୀ ବିଜୟ ଭୂୟାଁ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଥରକରେ ୬,୧୩୧ ...

ଉନ୍ନତ ପରିମଳ ବ୍ୟବସ୍ଥା, ଖେଳପଡ଼ିଆ, ସ୍କୁଲର ପରିବେଶକୁ ଶିକ୍ଷା ଅନୁକୂଳ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧,୦୭୫ ସ୍କୁଲର ରୂପାନ୍ତରଣ ଶେଷ ହୋଇଛି। ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ରୂପାନ୍ତର କରାଯିବ। ଶିକ୍ଷା ବ୍ୟବସ୍ଥାରେ ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗକୁ ଜରୁରୀ ଆବଶ୍ୟକତା ଭାବେ ଗ୍ରହଣ କରାଯାଇଛି। ଶିକ୍ଷକଙ୍କୁ ସ୍ୱତନ୍ତ୍ର ତାଲିମ ଦେବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଶିକ୍ଷକଙ୍କ ପ୍ରତିବଦ୍ଧତା ଓ ପ୍ରେରଣା ପିଲାମାନଙ୍କୁ ସଫଳତାର ଶିଡ଼ି ଚଢ଼ିବାରେ ସକ୍ଷମ କରାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ସମୀର ଦାଶ ପ୍ରମୁଖ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତର ନୂଆ ଓଡ଼ିଶାର ସ୍ୱପ୍ନ ସାକାର କରିବ ବୋଲି ମତ ଦେଇଥିଲେ। ସୂଚନାଯୋଗ୍ୟ, ୧୦୭୫ ସ୍କୁଲର ରୂପାନ୍ତର ପରେ ରାଜ୍ୟ ସରକାର ମାତ୍ର ୪୭ ଦିନରେ ୬,୧୩୧ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ନିଯୁକ୍ତି ଇତିହାସରେ ଏହା ସର୍ବକାଳୀନ ରେକର୍ଡ। ସେମାନଙ୍କ ମଧ୍ୟରେ କଳା ବିଭାଗରେ ୨,୨୩୬, ବିଜ୍ଞାନ ବିଭାଗରେ ୧,୭୭୯, ହିନ୍ଦୀ ବିଭାଗରେ ୮୨୯, ସଂସ୍କୃତ ବିଭାଗରେ ୭୯୬, ପିଇଟିରେ ୪୮୮ ଏବଂ ୩ଜଣ ତେଲୁଗୁ ଶିକ୍ଷକ ଅଛନ୍ତି।

### ଫେରାର ହୋଇନି ...

କଲେ। ନିଜ ଘରେ ରଖିବା ପରେ ଗର୍ଭନଷ୍ଟ ମଧ୍ୟ କରିଥିଲେ। ଶେଷରେ ଘରୁ ତଡ଼ିଦେଇ କ'ଣ ଠିକ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଶୁକ୍ରବାର ଅଦାଲତରେ ତାରିଖ ଥିବା ବେଳେ ଦିନକ ପୂର୍ବରୁ ଏଭଳି ଅଡିଓ ଜାରି କରିବାର ଉଦ୍ଦେଶ୍ୟ କ'ଣ ବୋଲି ସେ ପଚାରିଛନ୍ତି। ହାର୍ ମାନିବିନି, ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବି ବୋଲି ତପସ୍ୱିନୀ କହିଛନ୍ତି।

# ଚିଲିକାରେ ୬ ଲକ୍ଷ ବିଦେଶୀ ପକ୍ଷୀ



ବାଲୁଗାଁ,୧୬।୧୨(ଡି.ଏନ୍.ଏ.)

ଶୀତର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସୁଦୂର ବରଫାବୃତ୍ତ ରାଷ୍ଟ୍ରାଞ୍ଚଳରୁ ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇଁ ନୀଳାମ୍ବୁ ଚିଲିକାକୁ ରଙ୍ଗବେରଙ୍ଗ ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିବାରେ ଲାଗିଛି। ୧୫ତାରିଖ ବୁଧବାର ସୁଦ୍ଧା ସମଗ୍ର ଚିଲିକାରେ ୬ଲକ୍ଷ ୬ହଜାର ୮୭୮ଟି ପକ୍ଷୀଙ୍କ ସମାଗମ ହୋଇଥିବା ଚିଲିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିରେ ୧୦୫ପ୍ରଜାତିର ପକ୍ଷୀ ରହିଛନ୍ତି। ତେବେ ଚିଲିକା ମଧ୍ୟରେ ଥିବା ପକ୍ଷୀ ଅଭୟାରଣ୍ୟ ନଳବଣରେ ୨ଲକ୍ଷ ୬୦ହଜାର ୧ଶହ ୩୫ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ବାହାର ଚିଲିକା ତଥା ଭୂଷଣ୍ଡପୁର, ମଙ୍ଗଳାଯୋଡ଼ି, ସୋରଣ, ସୁନ୍ଦରପୁର, କାଳୁପଡ଼ା, ସାତପଡ଼, ଗୁରୁବାଇ, ନୂଆପଡ଼ା, କୃଷ୍ଣପ୍ରସାଦ, ଜହ୍ନକୁଦା, ରମ୍ଭା ଆଦି ଅଞ୍ଚଳରେ ଅବଶିଷ୍ଟ ପକ୍ଷୀଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ନଳବଣ ବ୍ୟତୀତ ଟାଙ୍ଗୀ ରେଞ୍ଜ ମଙ୍ଗଳାଯୋଡ଼ି ଅନ୍ତର୍ଗତ ୨ଲକ୍ଷ ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ନର୍ଦ୍ଦନ ପିଣ୍ଟେଲ୍, ଗର୍ଡୱାଲ୍, ସୋଭଲର, କମନ ସେଲଡ଼କ୍, ବ୍ଲାକ୍ ଟେଲଡ୍ ଗଡୱିଟ୍, ବାର୍ଡ ହେଡ଼େଡ୍ ଗୁଚ୍, ଫ୍ଲେମିଙ୍ଗୋ ଆଦି ପ୍ରଜାତିର ପକ୍ଷୀ ଅନ୍ତର୍ଭୁକ୍ତ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

■ ଜାନୁୟାରୀ ୪ରେ ଗଣନା
■ ସାମିଲ ହେବେ ୨୦ ଟିମ୍

ଚଳିତ ବର୍ଷ ଚିଲିକାକୁ ଅକ୍ଟୋବର ଶେଷ ସପ୍ତାହରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ପ୍ରତିକୂଳ ପାଣିପାଗ ଯୋଗୁ ପକ୍ଷୀଙ୍କ ଆଗମନରେ ବାଧା ଉପୁଜିଥିଲା। କିଛିଦିନ ହେବ ଜଳବାୟୁ ଅନୁକୂଳ ରହିବା ସହ ଶୀତର ମାତ୍ରା ବୃଦ୍ଧି ପାଇବାରୁ ପର୍ଯ୍ୟାପ୍ତ ସଂଖ୍ୟାରେ ପକ୍ଷୀଙ୍କ ଚିଲିକାକୁ ସୁଅ ଛୁଟିବା ଦେଖାଯାଇଛି। ଚଳିତ ବର୍ଷ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଓ ବାଲୁଗାଁ ବନ୍ୟପ୍ରାଣୀ ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୪ ତାରିଖରେ ପକ୍ଷୀଗଣନା ହେବ। ଏଥିପାଇଁ ବିଭାଗୀୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପକ୍ଷୀଙ୍କ ବିଚରଣରେ ଯେପରି ବାଧା ନ ଉପୁଜିବ ଗଣନାର ୧୦ଦିନ ପୂର୍ବରୁ ନଳବଣ ନିଷିଦ୍ଧ ଅଞ୍ଚଳକୁ ଡଙ୍ଗା ଏବଂ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଜାନୁୟାରୀ ୩ରେ ଚନ୍ଦ୍ରାପୁଟ ସ୍ଥିତ ସିଡିଏ ଗବେଷଣା କେନ୍ଦ୍ରଠାରେ ପକ୍ଷୀ ଗଣନାକାରୀଙ୍କୁ ତାଲିମ ଦିଆଯିବ। ୪ତାରିଖ ଭୋରରୁ ଚିଲିକା ମଧ୍ୟରେ ୨୦ଟି ଗଣନାକାରୀ ଟିମ୍ ନିୟୋଜିତ ହୋଇ ଗଣନା କରିବେ। ପ୍ରତି ଟିମ୍‌ରେ ଜଣେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୫ଜଣ ସଦସ୍ୟ ରହିବେ। ଏହି ଗଣନା ଦଳରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ୱାଇଲ୍ଡ ଓଡ଼ିଶା, ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ପକ୍ଷୀ ବିଶାରଦମାନେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ଡାକ୍ତରଖାନା ଛାତରୁ ପଡ଼ି ରୋଗୀ ମୃତ

■ ବିବାଦରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

■ ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା କରିଥିବା ସନ୍ଦେହ

ଅନୁଗୋଳ ଅଫିସ, ୧୬।୧୨

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ନିର୍ମାଣାଧୀନ ଶହେ ଶଯ୍ୟା ବିଶିଷ୍ଟ ଆଇସିୟୁ ବିଲ୍ଡିଂ ଛାତରୁ ପଡ଼ି ଗୁରୁବାର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ବଅଁରପାଳ ଥାନା ଗୋତମରା ଗ୍ରାମର ପଦ୍ମଚରଣ ବିଶ୍ୱାଳଙ୍କ ପୁଅ ଚିକୁନ ବିଶ୍ୱାଳ(୨୧) ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଏହା ଦୁର୍ଘଟଣା ନା ଆତ୍ମହତ୍ୟା, ତାହାର ତଦନ୍ତ ଚାଲିଥିବାବେଳେ ରୋଗୀ ଜଣଙ୍କ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଘଟଣାକୁ ନେଇ ମେଡିକାଲ ପ୍ରଶାସନ ପୁଣି ବଦନାମ ମୁଣ୍ଡାଇଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଚିକୁନ ତାଳଚେର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶେଷ ବର୍ଷର ଛାତ୍ର ଥିଲେ। ଗତ ସପ୍ତାହେ ହେବ ତାଙ୍କ ମାନସିକ ଅବସ୍ଥା ଭଲ ନ ଥିଲା। ଏପରି କି ଆଚରଣରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ବୁଧବାର ରାତିରେ ସେ ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରାତି ୯ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମେଡିଶିନ ବିଭାଗ ମେଲ୍ ୱାର୍ଡରେ ଆଡମିଟ୍ କରିଥିଲେ। ସକାଳେ ମା' ସରୋଜିନୀ ବିଶ୍ୱାଳ ମେଡିକାଲ ଶୌଚାଳୟରୁ ଆସିବା ପରେ ଚିକୁନ ବେଡ୍‌ରେ ନ ଥିବା ଦେଖିଥିଲେ। ପରେ ବିଲ୍ଡିଂ ତଳେ ପୁଅ ପଡ଼ିଥିବା ଜାଣି ସେ ସେଠାକୁ ଧାଇଁଥିଲେ। ଏକା ଥିବାର ସୁଯୋଗ ନେଇ ଚିକୁନ ଛାତ ଉପରକୁ ଦୌଡ଼ି ପଳାଇଥିବା ଉକ୍ତ ୱାର୍ଡର କେତେଜଣ ରୋଗୀ ଦେଖିଥିବା ସୂଚନା ମିଳିଛି। ତଳେ ପଡ଼ିଥିବା ଚିକୁନଙ୍କୁ ତୁରନ୍ତ କାଜୁଆଲଟିକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଯେମିତି କେହି ଜାଣି ନ ପାରିବେ ସେଥିପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲା। ରୋଗୀ ଖସିପଡ଼ିଥିବା ସ୍ଥାନକୁ ତୁରନ୍ତ ପୋଛାଯାଇ ପ୍ରମାଣ ନଷ୍ଟ ଉଦ୍ୟମ କରାଯାଇଥିବା ଆଲୋଚନା ହେଉଛି। ଖବରପାଇ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି। ତେବେ ମେଡିକାଲର ଏହି ନିର୍ମାଣାଧୀନ ବିଲ୍ଡିଂର ସୁରକ୍ଷା ଦାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୪ ଜଣ ସୁରକ୍ଷାକର୍ମୀ ଓ ୨ ଜଣ ସୁପରଭାଇଜର ଡ୍ୟୁଟି କରୁଛନ୍ତି। ମେଡିଶିନ ୱାର୍ଡରେ ଆଟେଣ୍ଡାଣ୍ଟଙ୍କ ସହ ଷ୍ଟାଫ ନର୍ସମାନେ ରହିଛନ୍ତି। ଏହା ସତ୍ତ୍ୱେ ଜଣେ ରୋଗୀ ବେଡ୍‌ରୁ ଉଠି ଛାତକୁ ଯିବାବେଳେ କେମିତି କେହି ଦେଖି ନ ପାରିଲେ ତାହା ଚର୍ଚ୍ଚାର ବିଷୟ ହେଉଛି। ଏଡିଏମ୍‌ଓ (ମେଡିକାଲ) ଡାକ୍ତର ଦିଗାମ୍ବର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ, ଆଟେଣ୍ଡାଣ୍ଟ ଓ ଷ୍ଟାଫ୍ ନର୍ସମାନଙ୍କୁ ଡାକି ପଚରାଉଚରା କରିଛନ୍ତି। ଏଡିଏମ୍‌ଓ ସାହୁ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ସିଡିଏମ୍‌ଓଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଘଟଣାର ତଦନ୍ତ ସମ୍ପୂର୍ଣ୍ଣ ସରିବା ପରେ ପଦକ୍ଷେପ ନିଆଯିବ।


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ନିର୍ମାଣାଧୀନ ଆଇସିୟୁ ବିଲ୍ଡିଂ।

## ଧାନ ସଂଗ୍ରହ ଲାଗି ବିକଳ୍ପ ବ୍ୟବସ୍ଥା କର

■ ଜିଲାପାଳଙ୍କୁ ଯୋଗାଣ ବିଭାଗର ଚିଠି

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ପ୍ୟାକ୍ସ/ଲ୍ୟାମ୍ପସ୍‌ର ସମ୍ପାଦକମାନେ ଧର୍ମଘଟ ଚଳାଇଛନ୍ତି। ସେଠାରେ ଖରିଫ୍ ଧାନସଂଗ୍ରହ କାର୍ଯ୍ୟ ଯେପରି ବ୍ୟାହତ ନ ହୁଏ, ସେଥିଲାଗି ବିକଳ୍ପ ବ୍ୟବସ୍ଥା ସ୍ୱରୂପ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ନିୟୋଜିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଧାନ ଖରିଦ କାର୍ଯ୍ୟରେ ଅଧିକ ଏସ୍‌ଏଚ୍‌ଜିଙ୍କୁ ସାମିଲ କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ହାସଲ କରିବା ପାଇଁ ଜିଲାପାଳମାନଙ୍କୁ ବିଭାଗ ପକ୍ଷରୁ ପତ୍ର ଲେଖାଯାଇଛି। ଚିଠିରେ ଉଲ୍ଲେଖ ରହିଛି, ଚାଷୀଙ୍କଠାରୁ ଧାନସଂଗ୍ରହ ଏକ ସମୟଭିତ୍ତିକ କାର୍ଯ୍ୟକ୍ରମ। ଏହାକୁ ତ୍ରୁଟିଶୂନ୍ୟ କରିବା ଲାଗି ନୂତନ ଏସ୍‌ଏଚଜିର ତାଲିକା ପ୍ରସ୍ତୁତ କରାଯାଉ। ଆବଶ୍ୟକସ୍ଥଳେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ/ଯୋଗାଣ ସହାୟକଙ୍କୁ ମଧ୍ୟ ଏଥିରେ ନିୟୋଜିତ ହୁଅନ୍ତୁ। ନୂତନ ତାଲିକା ପ୍ରସ୍ତୁତ କରି ତୁରନ୍ତ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ପ୍ରେରଣ କଲେ ସେମାନଙ୍କ ନାମରେ ୟୁଜର ଆଇଡି ଓ ପାସ୍‌ୱାର୍ଡ ପ୍ରସ୍ତୁତ କରାଯିବ। ସେମାନଙ୍କୁ ଧାନସଂଗ୍ରହ କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଯେଉଁସବୁ ସ୍ଥାନରେ ଧାନସଂଗ୍ରହ କାର୍ଯ୍ୟ ବ୍ୟାହତ ହେବାର ଆଶଙ୍କା ରହିଛି, ସେଠାରେ ପଞ୍ଜୀକୃତ ଚାଷୀ ଯେପରି ହିନସ୍ତା ନ ହୁଅନ୍ତି ସେଥିଲାଗି ଜିଲାସ୍ତରୀୟ ଅଧିକାରୀମାନେ ବୈଠକ କରି କରି ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୮୯ ବହୁମୁଖୀ କ୍ରୀଡ଼ା ଭିତ୍ତିଭୂମି ଭିତ୍ତିପ୍ରସ୍ତର



■ କଳିଙ୍ଗ ଷ୍ଟାଡିୟମ ପ୍ରକଳ୍ପ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ କରିବା ସହ ବୃହତ୍ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ଏଥିସହିତ ୮୯ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଉରକେଲା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ଅନୁଗୋଳ ସୁଇମିଂ ପୁଲ୍, ବାରିପଦା ସୁଇମିଂ ପୁଲ୍, କଳିଙ୍ଗ ଷ୍ଟାଡିୟମର ନୂତନ ଛାତ୍ରାବାସ ଏବଂ କଳିଙ୍ଗ ଷ୍ଟାଡିୟମରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ହଲ୍‌କୁ ଲୋକାର୍ପଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କ୍ରୀଡ଼ା ପ୍ରକଳ୍ପର ଅଗ୍ରଗତିକୁ ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରସ୍ତାବିତ ୮୯ ଇନ୍‌ଡୋର ଷ୍ଟାଡିୟମ ପାଇଁ କ୍ଷେତ୍ର ପ୍ରସ୍ତୁତ ସରିଥିବାବେଳେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦ଟି କ୍ଷେତ୍ରରେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ୨୦୨୩ ସୁଦ୍ଧା ସମସ୍ତ ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟକ୍ଷମ ହେବ। ଏଠାରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ୍, ଭାରୋତ୍ତୋଳନ ବ୍ୟବସ୍ଥା ରହିବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କ ପାଇଁ ଏହାକୁ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯିବ। ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକ୍ରମ କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ୫-ଟି ସଚିବ ଭି. କେ. ପାଣ୍ଡିଆନ, କ୍ରୀଡ଼ା ସଚିବ ଆର୍. ଭିନିଲକ୍ରିଷ୍ଣା, ଉନ୍ନୟନ କମିଶନର ପି.କେ. ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମହାରାଷ୍ଟ୍ର ଅଧିକାରୀଙ୍କୁ ବିପର୍ଯ୍ୟୟ ମୁକାବିଲା ତାଲିମ

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ସହଯୋଗରେ ମହାରାଷ୍ଟ୍ର ରାୟଗଡ଼ ଜିଲାର ୫୦ କ୍ଷେତ୍ରୀୟ ଅଧିକାରୀଙ୍କୁ ୩ଦିନିଆ ପ୍ରଶିକ୍ଷଣ ଦିଆଯାଉଛି। ଗତ ୧୫ ତାରିଖରୁ ଏହି ଶିବିର ଆରମ୍ଭ ହୋଇଛି। ପୂର୍ବ ଉପକୂଳବର୍ତ୍ତୀ ରାଜ୍ୟ ଓଡ଼ିଶା ପ୍ରତିବର୍ଷ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଆସୁଛି। ୧୯୯୯ ମହାବାତ୍ୟା ପରେ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରୋଲ୍‌ମଡେଲ ସାଜିଛି। ଅନ୍ୟ ବାତ୍ୟା ଏବଂ ବନ୍ୟାପ୍ରବଣ ରାଜ୍ୟ ଓଡ଼ିଶାରୁ ବିପର୍ଯ୍ୟୟ ପରିଚାଳନା କୌଶଳକୁ ଅନୁସରଣ କରୁଛନ୍ତି। ବିଭିନ୍ନ ସମୟରେ ବାହାର ରାଜ୍ୟର ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ତାଲିମ ଶିବିର ଆୟୋଜନ କରାଯାଉଛି। ଏଥିପୂର୍ବରୁ ଗତ ସେପ୍ଟେମ୍ବରରେ ତଟବର୍ତ୍ତୀ ରାଜ୍ୟର ୩୦ ପଦସ୍ଥ ଅଧିକାରୀଙ୍କୁ ଅନୁରୂପ ତାଲିମ ଦିଆଯାଇଥିଲା। ବର୍ତ୍ତମାନ ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନେ କ୍ଷେତ୍ରୀୟ ପ୍ରଶିକ୍ଷଣ ନିମନ୍ତେ ପୁରୀ ଜିଲାର ବିଭିନ୍ନ ସ୍ଥାନକୁ ଗସ୍ତ କରିଛନ୍ତି।

## ୩ ଏନ୍‌ଏଚ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ହେଉ | ଗଡକରୀଙ୍କ ନିକଟରେ ମହେଶଙ୍କ ଦାବି

ଢେଙ୍କାନାଳ ଅଫିସ, ୧୬।୧୨

ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀ ଦେଇ ଯାଇଥିବା ୫୩, ୫୫ ଏବଂ ୧୪୯ନଂ. ଜାତୀୟ ରାଜପଥ (ଏନ୍‌ଏଚ୍) ଉନ୍ନତୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହାଦ୍ୱାରା ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଉକ୍ତ ୩ ଏନ୍‌ଏଚ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ଗୁରୁବାର ଏମ୍‌ପି ମହେଶ ସାହୁ ଲୋକସଭାର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସଂସଦ ଭବନ କାର୍ଯ୍ୟାଳୟରେ ଭେଟି ଲିଖିତ ଦାବି ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କୁ ଲିଖିତ ଚିଠି (୯୯୮/୧୬.୧୨.୨୦୨୧)ରେ ଏମ୍‌ପି ଉଲ୍ଲେଖ କରିଛନ୍ତି, ସୁରଟରୁ ଆସିଥିବା ୫୩ନଂ. ଜାତୀୟ ରାଜପଥ ଅନୁଗୋଳ-ଢେଙ୍କାନାଳ-ପରଜଙ୍ଗ-କାମାକ୍ଷାନଗର-ଭୁବନ ଦେଇ ପାରାଦୀପ ଯାଏ ଯାଇଛି। ଉକ୍ତ ରାଜପଥର ପରଜଙ୍ଗଠାରୁ କାମାକ୍ଷାନଗର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହାର ଉନ୍ନତୀକରଣ କାର୍ଯ୍ୟ ଅତି ମନ୍ଥରଗତିରେ ଚାଲିଛି। ସେହିପରି କଟକ-ଢେଙ୍କାନାଳ-ଅନୁଗୋଳ ଜିଲା ଦେଇ ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥର ଅବସ୍ଥା ମଧ୍ୟ ସମାନ। ଅନୁରୂପ ଭାବେ କେନ୍ଦୁଝର-ଅନୁଗୋଳ ଜିଲାର ପାଲଲହଡ଼ା ଦେଇ ସମ୍ବଲପୁର ଯାଇଥିବା ୧୪୯ନଂ. ଜାତୀୟ ରାଜପଥ ମଧ୍ୟ ଶୋଚନୀୟ ହୋଇପଡ଼ିଛି। ଉକ୍ତ ୩ ଗୁରୁତ୍ୱପୂର୍ଣ୍ଣ ଏନ୍‌ଏଚ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ଏମ୍‌ପି ଦାବି କରିଛନ୍ତି।


କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ଏମ୍‌ପି ମହେଶ ସାହୁ ଆଲୋଚନା କରୁଛନ୍ତି।


ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ପତ୍ର ସଂଖ୍ୟା: ୪୧୪୫୧/ଭୁ.ଉ.କ.,ଭୁବନେଶ୍ୱର ତା୧୫।୧୨।୨୦୨୧ରିଖ
Misc. AL-III-30/21

ସୂଚନା

No. CAD-2313: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସମସ୍ତ ଆବଣ୍ଟନଗ୍ରାହୀମାନଙ୍କୁ ତା୧୫।୧୨।୨୦୨୧ରିଖ ସୁଦ୍ଧା ଆବଣ୍ଟିତ ଗୃହ ଜମି/ଫ୍ଲାଟ/ଦୋକାନ ଗୃହ ଓ ଆବାସଗୁଡ଼ିକର ଦଲିଲ ସମ୍ପାଦନ ନିମନ୍ତେ କାଗଜାତ ଦାଖଲ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା। କିନ୍ତୁ କେତେକ ଆବଣ୍ଟନଗ୍ରାହୀ ଉକ୍ତ ସମୟ ସୀମା ମଧ୍ୟରେ ଦଲିଲ ସମ୍ପାଦନ ପାଇଁ କାଗଜାତ ଦାଖଲ କରିନାହାନ୍ତି ଏବଂ ସମୟସୀମା ବର୍ଦ୍ଧିତ କରିବାପାଇଁ ଅନୁରୋଧ କରିଛନ୍ତି। ଏହାକୁ ବିଚାରକୁ ନେଇ କର୍ତ୍ତୃପକ୍ଷ ଦଲିଲ୍ ସମ୍ପାଦନ ଆବେଦନ ତାରିଖ ତା୨୦।୧୨।୨୦୨୧ରିଖଠାରୁ ୩୧।୧୨।୨୦୨୧ରିଖ ପର୍ଯ୍ୟନ୍ତ Online www.bda.gov.inରେ ଆବେଦନ କରିବା ନିମନ୍ତେ ଅନୁରୋଧ କରାଯାଉଛି। Online ଆବେଦନ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଦୂରଭାଷ ନଂ. ୦୬୭୪-୨୩୯୬୪୩୭ରେ ଯୋଗାଯୋଗ କରନ୍ତୁ।

ଉକ୍ତ ନୋଟିସ୍ ଇଚ୍ଛାଧୀନ କୋଟା/ଟ୍ୟାକ୍ସଫୋର୍ସ/ଅଡିଟ ରିପୋର୍ଟ ଅନ୍ତର୍ଭୁକ୍ତ/ତୃତୀୟପକ୍ଷ ଅନ୍ତରଣ ଆଧାରରେ ପ୍ରାପ୍ତ ହୋଇଥିବା ଓ ଅନ୍ୟାନ୍ୟ ଆଇନଗତ ସମସ୍ୟା ଥିବା ଆବଣ୍ଟନଗ୍ରାହୀମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ।

ଉକ୍ତ ନୋଟିସ୍ ଲିଙ୍ଗରାଜ ବିହାର ହାଉସିଂ ଓ ଶପିଙ୍ଗ୍ ସ୍କିମ୍, ବରମୁଣ୍ଡା ହାଉସିଂ ସ୍କିମ୍ ଓ ଶପିଙ୍ଗ୍ ସ୍କିମ୍, ଡିଷ୍ଟ୍ରିକ୍ ସେଣ୍ଟର କମର୍ସିଆଲ କମ୍ପ୍ଲେକ୍ସ, ମହତାବ ମାର୍କେଟ, ଶୁଭମ ମାର୍କେଟ ଓ ବାରଭୁଜା ମାର୍କେଟ କମ୍ପ୍ଲେକ୍ସ ନିମନ୍ତେ ପ୍ରଯୁଜ୍ୟ ନୁହେଁ।

ସ୍ୱା./- ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର
OIPR-13033/11/0131/2122



DSPL - 329
ODISHA STATE HOUSING BOARD
A Government of Odisha undertaking
Notice No.: 9406, (S&C-23/20/OSHB) Dated : 14.12.2021

Multi Storied Residential Apartment Complex at Dumuduma PH-III, Bhubaneswar

Presents Subhadra ENCLAVE
ORERA Regd. No. : RP/19/2021/00602



The Lifestyle that's Designed Around You

OSHB, the Premier Housing organisation of the state, offers 160 number of MIG (2BHK), LIG(1BHK), EWS( 1-Room) flats for sale in its upcoming **"SUBHADRA ENCLAVE"**- Residential Apartment project with Basement + Ground + Four Storied structure, at Dumduma Phase-III, Bhubaneswar under self financing/outright purchase basis.

**Project Highlights:**

● Prime location in the city, excellent connectivity with important landmarks, affordable price, facilities for comfort living. ● **MIG: (2BHK Flat)** - Two Bedrooms (one with attached Toilet), Drawing Room, Dining Space, Kitchen, one common Toilet and Balcony. ● **LIG: (1BHK Flat)** - One Bedroom with attached Toilet, one Drawing cum Dining Hall, Kitchen, one common Toilet and Balcony. ● **EWS: (One Room Flat)** - One Multipurpose room, Kitchen, one Bath Room, one Water Closet and Balcony.

| Catagory | No. of Units | Super Built up Area (in sqft.) | Sale Price (in Rs.) | E.M.D. (in Rs.) |
|---|---|---|---|---|
| MIG (2 BHK) | 100 | 940 | 46,82,000/- | 4,70,000/- |
| LIG (1 BHK) | 20 | 605 | 23,95,000/- | 2,40,000/- |
| EWS | 40 | 425 | 11,99,000/- | 1,20,000/- |

● Compound wall with gated community ▲ Concrete paved driveway ▲ External electrification with Transformer ▲ DG set for power back up ▲ Lift for all ▲ STP ▲ Rainwater harvesting ▲ Fire fighting system ▲ Linkage with city water and sewerage system ▲ Landscaping ▲ Community space ▲ Car Parking for MIG ▲ Two Wheeler parking for all.

● GST will be extra, as applicable.

Brochure indicating details of flats with carpet area, built up area, parking, community space, terms and conditions of allotment, etc. are available for sale on payment of Rs.1,050/- (Brochure cost - Rs.1,000/- + GST - Rs.50/-) at OSHB Head Office, Bhubaneswar & branches of tie-up Banks at Bhubaneswar. Intending applicants can also download the Brochure & Application Form from OSHB website: https://oshb.org and apply with required documents & deposits.

**Tie up with UCO Bank, AXIS Bank for EMD finance & Housing Loan as per eligibility**

**Booking Opens**
**From : 17.12.2021 to 31.01.2022**
**during working hours**

**Housing Commissioner-cum-Secretary**
**ODISHA STATE HOUSING BOARD**
Sachivalaya Marg, Bhubaneswar-751001
Phone No.: (0674)-2393524/2392587/2393277
**Website : https://oshb.org**

OIPR-13030/13/0251/2122

*Building Houses - Building Odisha*

**ଧାରଣାସ୍ଥଳରେ ଟେଣ୍ଟ ଭାଙ୍ଗିଲେ ଦୁର୍ବୃତ୍ତ**

**ଭଦ୍ରକ ଅଫିସ:** ବାଲେଶ୍ୱର ସେବା ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ୧୩ ଦିନ ଧରି ଭଦ୍ରକ ଏଆର୍‌ସିଏସ୍ ଅଫିସ ସମ୍ମୁଖରେ ଧାରଣା ଦିଆଯାଉଥିଲା। ବୁଧବାର ରାତିରେ ଧାରଣା ସ୍ଥଳରେ ଲାଗିଥିବା ଟେଣ୍ଟକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ନେଇ ସଂଘ ପକ୍ଷରୁ ସଭାପତି ନିରଞ୍ଜନ ସାହୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଧାରଣା ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ବେଳେ ଏହି ଟେଣ୍ଟ ଭଙ୍ଗା କର୍ମଚାରୀମାନଙ୍କୁ ବ୍ୟଥିତ କରିଛି।

## ସଂକ୍ଷେପରେ

### ୩ ଚୋରା ମଦ ବ୍ୟବସାୟୀ ଗିରଫ

**ପାଟଣା,୧୬।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ପାଟଣା ଓ ଘଟଗାଁ ଥାନା ଅଞ୍ଚଳରେ ଗୁରୁବାର ଚଢ଼ାଉ କରି ମୋଟ ୨୬ ଲିଟର ମହୁଲି ମଦ ଜବତ ସହ ଉକ୍ତ ବ୍ୟବସାୟରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୂର୍ଣ୍ଣିମା ପାତ୍ର, ମଙ୍ଗଲୁ ମୁଣ୍ଡା ଓ ଆହାରପଡା ଗ୍ରାମର ପରମେଶ୍ୱର ମୁଣ୍ଡା।

### ଧାନ କିଣା ପାଇଁ ପ୍ରଶିକ୍ଷଣ

**ଚମ୍ପୁଆ,୧୬।୧୨(ଡି.ଏନ.ଏ):** ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଗୁରୁବାର ରାଜସ୍ୱ ବିଭାଗ, କୃଷି ବିଭାଗ ଓ ଆର୍‌ଏମ୍‌ସି ବିଭାଗର କର୍ମଚାରୀଙ୍କୁ ଚଳିତ ବର୍ଷ ଧାନ କିଣା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଚମ୍ପୁଆ ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଚେୟାରମ୍ୟାନ ପ୍ରତାପ ପ୍ରତିମୟଙ୍କ ନିର୍ଦ୍ଦେଶ କ୍ରମେ ସମ୍ପାଦକ ଦିଗାମ୍ବର ପ୍ରଧାନ, ଏସ୍‌ସିଏସଓ ମଙ୍ଗଲ ସିଂ, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଧାନ କିଣା ସମୟରେ ଆବଶ୍ୟକ ପଦକ୍ଷେପ ପ୍ରକୃତ ଧାନ ବାଛିବା, ଧାନର ମାନ ପରୀକ୍ଷା କରିବା ଆଦି ଉପରେ ଉପସ୍ଥିତ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଓ କୃଷି କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କର୍ମଚାରୀମାନେ ନିର୍ଦ୍ଧାରିତ ଧାନ କିଣା କେନ୍ଦ୍ରରେ କେଉଁ ସମୟରେ ପହଞ୍ଚିବେ ଏବଂ କେତେ ଧାନ କିଣିବେ ତାହା ଉପରେ ଉପସ୍ଥିତ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ।

# କେନ୍ଦୁଝର ସହରକୁ ଜଳଯୋଗାଣ ବନ୍ଦ

**କେନ୍ଦୁଝର, ୧୬।୧୨ (ସ୍ୱ.ପ୍ର.)**

**ହାତୀ ସୁରକ୍ଷା ପାଇଁ ସପ୍ତାହେ ହେଲା ବିଦ୍ୟୁତ୍‌କାଟ**

ହାତୀ ଯୋଗୁ କେନ୍ଦୁଝର ଜିଲା ମୁଖ୍ୟାଳୟକୁ ଗତ ପ୍ରାୟ ଏକ ସପ୍ତାହ ହେଲା କାନଝରୀ ଡ୍ୟାମରୁ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି। ଗତ ସପ୍ତାହରେ ନେକଡାଘର ନିକଟ ଜଙ୍ଗଲରେ ଏକ ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିବା ପରେ ଏହି ସମସ୍ୟା ଦେଖାଦେଇଛି। ଉକ୍ତ ଜଙ୍ଗଲରେ ୧୬ଟି ହାତୀ ବୁଲୁଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ରାତିରେ ବିଦ୍ୟୁତ ଯୋଗାଣ ବନ୍ଦ କରିଦିଆଯାଉଥିବାରୁ ଏଭଳି ସମସ୍ୟା ଉପୁଜିଛି। ଫଳରେ ପାଣି ନ ପାଇ ହଜାର ହଜାର ପରିବାର ହଇରାଣ ହୋଇ ପଡିଥିବାବେଳେ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

ପ୍ରକାଶ ଯେ, କେନ୍ଦୁଝର ସହରର ୬୩,୦୭୫ ଘରକୁ ସାନମାଛକାନ୍ଦଣା ଓ କାନଝରୀ ଡ୍ୟାମରୁ ପାନୀୟ ଜଳ ଯୋଗାଣ ହୋଇ ଆସୁଛି। ସେଥିମଧ୍ୟରୁ କାନଝରୀ ଡ୍ୟାମରୁ ସର୍ବାଧିକ ୩୮,୩୧୫ ଘରକୁ ଜଳ ଯୋଗାଣ ହୋଇଥାଏ। ବାରମ୍ବାର ବିଦ୍ୟୁତ କାଟ ତଥା ପାଇପ ଫାଟିବା ଆଦି କାରଣରୁ ବର୍ଷତମାମ ଜଳଯୋଗାଣ ସମସ୍ୟା ଦେଖାଦେଇଆସୁଛି। ତେବେ ଗତ ୮ ତାରିଖ ରାତିରେ ଏକ ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିବା ପରେ ବିଦ୍ୟୁତ ଯୋଗାଣ ବନ୍ଦ କରିଦିଆଯାଉଥିବାରୁ ସହରବାସୀ ପାଣି ପାଇଁ ହୀନସ୍ତା ହେଉଛନ୍ତି।

କାନଝରୀ ଡ୍ୟାମରେ ଅର୍ଥ ଥାଇ ଜିଜି ସେଟ ବସା ଯାଉ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ବରିଷ୍ଠ ନାଗରିକ ମନସୁର ଆଲାମ କହିଛନ୍ତି। ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଅନେକ ଲୋକ ବୋରୱେଲ ଖୋଲିଥିବାରୁ ସମସ୍ୟା ଜାଣି ପାରୁ ନ ଥିବା ବେଳେ ପାଇପ ପାଣି ଉପରେ ନିର୍ଭରଶୀଳ ସାଧାରଣ ଲୋକ ହୀନସ୍ତା ହେଉଛନ୍ତି ବୋଲି ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ କିଶୋର ରାଉତଙ୍କୁ ପଚାରିବାରୁ ସହରକୁ ଜଳ ଯୋଗାଣ ପାଇଁ ଦିନକୁ ୧୫/୧୬ ଘଣ୍ଟା ବିଦ୍ୟୁତ ଯୋଗାଣ ଦରକାର। କିନ୍ତୁ ହାତୀ ଉପଦ୍ରବ ପାଇଁ ବିଦ୍ୟୁତ କାଟି ଦିଆଯାଉଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ବ୍ୟବସ୍ଥା କରିବା ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ଜଣାଯାଇଛି ବୋଲି କହିଛନ୍ତି। ବିଦ୍ୟୁତ ବିଭାଗ ନିର୍ବାହୀଯନ୍ତ୍ରୀ ବି.ଏନ.ସାହୁ କହିଛନ୍ତି ଯେ ହାତୀପଲ ଚଳପ୍ରଚଳ କରୁଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ରାତିରେ ବିଦ୍ୟୁତ କାଟିବାକୁ ପଡୁଛି। ଦିନେ ଦୁଇ ଦିନ ମଧ୍ୟରେ ଦୈନିକ ୧୨ ଘଣ୍ଟା ବିଦ୍ୟୁତ ସେବା ଯୋଗାଇଦିଆଯିବ।

# ଆଖଣ୍ଡଳମଣିଙ୍କୁ ଧନୁ ମୁଆଁ ସମର୍ପଣ



ବାବା ଆଖଣ୍ଡଳମଣିଙ୍କୁ ମୁଆଁ ଭୋଗ ଲାଗି କରାଯାଉଛି।

**ଆରଡି, ୧୬।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଗୁରୁବାର ଧନୁ ସଂକ୍ରାନ୍ତି ଅବସରରେ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୫ଟାରେ ମନ୍ଦିର ପହଡ଼ ଖୋଲାଯାଇଥିଲା। ବିଧି ଅନୁସାରେ ସର୍ବପ୍ରଥମେ ପ୍ରଭୁଙ୍କ ପାଖରେ ମଙ୍ଗଳ ଆଳତି କରାଯାଇଥିଲା। ପରେ ସେବାୟତମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ମୁଆଁ ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରାଯାଇଥିଲା। ନୂଆଧାନରୁ ପ୍ରସ୍ତୁତ ଖଇ, ଚିନି, ଛେନା, ନଡ଼ିଆ, କାଜୁ, ଚିନାବାଦାମରେ ଏହି ମୁଆଁ ପ୍ରସ୍ତୁତ ହୋଇଥିଲା। ଏହାପରେ ବାବାଙ୍କ ପାଖରେ ଦୈନିକ ଘର୍ଷଣ ଭୋଗ କରାଯାଇଥିଲା।

କୋଭିଡ୍ କଟକଣା ଅନୁସାରେ ସକାଳ ୬ ଟାରେ ସର୍ବସାଧାରଣ ଦର୍ଶନ ନିମନ୍ତେ ମନ୍ଦିରର ସମସ୍ତ ଦ୍ୱାର ଖୋଲାଯାଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ବାବାଙ୍କୁ ଦର୍ଶନ କରିଥିଲେ। ପୀଠରେ ଦିନସାରା ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ପ୍ରଭୁଙ୍କୁ ଯୋଗୀବେଶ ଓ ସନ୍ଧ୍ୟାରେ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିଲା। କଥିତ ଅଛି, ଧନୁ ସଂକ୍ରାନ୍ତିରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ଦୁରାରୋଗରୁ ଆରୋଗ୍ୟ ମିଳିଥାଏ। ଏହି ପୀଠ ବ୍ୟତୀତ ସ୍ଥାନୀୟ ବାରପଡ଼ା ଅଞ୍ଚଳରେ ମଧ୍ୟ ବିଭିନ୍ନ ଦେବଦେବୀଙ୍କୁ ଧନୁ ମୁଆଁ ସମର୍ପଣ କରାଯାଇଥିଲା। ପରମ୍ପରା ଅନୁସାରେ ମାର୍ଗଶିର ମାସରେ ଚାଷୀ ଧାନ ଅମଳ କରିସାରିବା ପରେ ନୂଆ ଧାନରେ ଖଇ ପ୍ରସ୍ତୁତ କରି ସେଥିରୁ ମୁଆଁ ତିଆରି କରି ଦେବଦେବୀଙ୍କୁ ଅର୍ପଣ କରିଥାନ୍ତି।

# ରାସ୍ତା ଜାମରେ ଫସିଲା ଜନନୀ ଏକ୍ସପ୍ରେସ

**କେନ୍ଦୁଝର, ୧୬।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଟଣ ପଞ୍ଚାୟତ ତଳଗୁଣ୍ଡୁଳା ଗ୍ରାମର ଜଣେ ପ୍ରସୂତି ଗୁରୁତର ଅବସ୍ଥାରେ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବାବେଳେ ଗୁରୁବାର ପୂର୍ବାହ୍ନରେ ଡାଙ୍ଗରପଡା ନିକଟ ଏନ୍‌ଏଚ୍ ୪୯ରେ ଅଟକିଯାଇଥିଲା। ସୁଷମା ମିଞ୍ଜି ପ୍ରସୂତି ଯନ୍ତ୍ରଣାରେ ଛଟପଟ ହେଉଥିବାରୁ ଡାକ୍ତରଖାନାକୁ ପହଞ୍ଚାଇବା ପାଇଁ ଚାଳକ ଉଦ୍ୟମ କରିଥିଲେ । କିନ୍ତୁ ରାସ୍ତା ଜାମ ଯୋଗୁ ଆମ୍ବୁଲାନ୍ସଟି ପାଖାପାଖି ଅଧଘଣ୍ଟା ଅଟକି ରହିଥିଲା। ଏହି ରାସ୍ତାରେ ଯାଉଥିବା ସମସ୍ତ ଗାଡି ଚାଳକ ନିଜ ନିଜ ବାଟରେ ଯିବା ପାଇଁ ଉଦ୍ୟମ କରୁଥିଲେ ହେଁ ଆମ୍ବୁଲାନ୍ସକୁ ବାଟ ଛାଡି ନଥିଲେ। ଫଳରେ ଆମ୍ବୁଲାନ୍ସ ଚାଳକ ଗୁଜରାଜ ଦାସ ବହୁ ଉଦ୍ୟମ କରି ମେଡିକାଲକୁ ବିଳମ୍ବରେ ଗାଡି ଆଣିଥିଲେ। ଡାଙ୍ଗରପଡା ରାସ୍ତା କଡ଼ରେ ବହୁ ସଂଖ୍ୟାରେ ଟ୍ରକ୍ ଓ ଅନ୍ୟାନ୍ୟ ଗାଡି ବେଆଇନ ପାର୍କିଂ କରୁଥିବାରୁ ରାସ୍ତା ସଙ୍କୁଚିତ ହୋଇପଡୁଛି। ଫଳରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷ କରି ଆମ୍ବୁଲାନ୍ସ ଯାତାୟାତରେ ବେଶୀ ସମସ୍ୟା ଦେଖାଦେଉଛି।

## ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ

**ବାରିପଦା ଅଫିସ,୧୬।୧୨**

ମୟୂରଭଞ୍ଜ ଜିଲା ବାରିପଦା-ଉଦଳା ୧୯ନଂ. ରାଜ୍ୟ ରାଜପଥର ନୁରୁଡ଼ିହି ନିକଟରେ ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣାପଡ଼ିନି। ବାରିପଦା ସଦର ପୋଲିସ ହାଇୱାକୁ ଜବତ କରିଛି। ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା।

# ପୁନଃ କ୍ଷୟକ୍ଷତି ଆକଳନ ଦାବିରେ ଚାଷୀଙ୍କ ଧାରଣା



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

**ଭଦ୍ରକ ଅଫିସ, ୧୬।୧୨**

ଭଦ୍ରକ ଜିଲା ଧାମନଗର ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଉପଯୁକ୍ତ କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ଦାବିରେ ଗୁରୁବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଙ୍ଗଠନର ଶତାଧିକ ଚାଷୀଙ୍କ ସମେତ ଜିଲା ଓ ରାଜ୍ୟ ନେତୃମଣ୍ଡଳୀ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରାରେ ବାହାରି ତହସିଲ ଅଫିସ୍ ସମ୍ମୁଖରେ ଧାରଣାରେ ସାମିଲ ହୋଇଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଙ୍ଗଠନର ବ୍ଲକ ସଂଯୋଜକ ପୀତବାସ ବିଶ୍ୱାଳ, ଉପଦେଷ୍ଟା ମାନସ ରଞ୍ଜନ ସାହୁ, ସହସଂଯୋଜକ ପ୍ରଭାତ ମହାଳିକ, ରମେଶ ଚନ୍ଦ୍ର ବେହେରା, ରାମଚନ୍ଦ୍ର ସେଠୀ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଚାଷୀମାନଙ୍କ ସମସ୍ୟା ବିଷୟରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଜିଲା ସଂଯୋଜକ ତ୍ରିଲୋଚନ ପଣ୍ଡା, ସହସଂଯୋଜକ ସତ୍ୟରଞ୍ଜନ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ତହସିଲଦାର କ୍ଷୀରୋଦ କୁମାର ପଣ୍ଡାଙ୍କ ସହ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଓ ପୁନଃ କ୍ଷୟକ୍ଷତି ଆକଳନ ବାବଦରେ ଆଲୋଚନା କରିଥିଲେ। ଆବଶ୍ୟକ ପଡ଼ିଲେ ସଙ୍ଗଠନ ପୁନଃ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଥିଲା। ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପ୍ରଦୀପ୍ତ ରୋଟାରୀ କ୍ଲବ ୨୦୨୩-୨୪ ସଭାପତି

**ବାଲେଶ୍ୱର ଅଫିସ, ୧୬।୧୨**

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ବର୍ଷ ୨୦୨୩-୨୪ ପାଇଁ ନୂତନ କର୍ମକର୍ତ୍ତା ଚୟନ ଶେଷ ହୋଇଛି। ସର୍ବସମ୍ମତି ଭାବରେ ରୋଟାରୀୟାନ ତଥା ଚାଟାର୍ଡ଼ ଆକାଉଣ୍ଟାଣ୍ଟ ପ୍ରଦୀପ୍ତ କୁମାର ପଣ୍ଡା ସଭାପତି ଭାବେ ମନୋନୀତ ହୋଇଛନ୍ତି। ସଭ୍ୟମାନଙ୍କର ଆଶା ଓ ଆକାଂକ୍ଷାକୁ ସମ୍ମାନ ଦେଇ ଅଧିକ ଜନହିତକର



ପ୍ରଦୀପ୍ତ କୁମାର ପଣ୍ଡା

କାର୍ଯ୍ୟ ହାତକୁ ନିଆଯିବ ବୋଲି ପଣ୍ଡା ପ୍ରତିକ୍ରିୟା ରଖିଛନ୍ତି।

ପର୍ଯ୍ୟାୟକ୍ରମେ ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି କ୍ଲବର ସଦସ୍ୟ ତଥା ରୋଟାରୀ ଜିଲା ଗଭର୍ନର (୨୦୨୧-୨୨) ଶାନ୍ତନୁ କୁମାର ପାଣିଙ୍କ ସମେତ ଉପସ୍ଥିତ ସମସ୍ତ ସଭ୍ୟ ନୂତନ ସଭାପତିଙ୍କୁ ସ୍ୱାଗତ ଜଣାଇଥିଲେ।

# ୬ ପଞ୍ଚାୟତରେ କାର୍ଡ ବାଣ୍ଟିଲେ ମନ୍ତ୍ରୀ

**ଖଇରା, ୧୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ୬ ପଞ୍ଚାୟତରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗୁରୁବାର କାର୍ଡ ବାଣ୍ଟିବା ସହ ଏହାର ବ୍ୟବହାର ସମ୍ପର୍କରେ ବୁଝାଇଛନ୍ତି। ବିଡିଓ ପର୍ଶୁରାମ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରସଙ୍ଗ ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଦରକାର ବୋଲି କହିଥିଲେ। ତହସିଲଦାର ମହେନ୍ଦ୍ର କୁମାର ବେହେରା, ବିପ୍ଳଣୀ ନିରୀକ୍ଷକ ନିରଞ୍ଜନ ସାହୁ, ସମିତିସଭ୍ୟ ଦିଲୀପ କୁମାର ବେହେରା, ସରପଞ୍ଚ ରଞ୍ଜୁଲତା ବେହେରା, ଜିଲାପରିଷଦ ସଭ୍ୟା ସୁଷମା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଦାସ, ଶଶିକାନ୍ତ ଦାସଙ୍କ ସମେତ ସମସ୍ତ ଆଶା, ଅଙ୍ଗନୱାଡି କର୍ମୀ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ମନ୍ତ୍ରୀ ପାଣିଗ୍ରାହୀ ମାଣିତ୍ରୀ, ଝିଙ୍କିରିଆ, ଗର୍ସଙ୍ଗ, ବଡଜୟିପୁର, ନହଙ୍ଗ ପଞ୍ଚାୟତରେ କାର୍ଡ ବଣ୍ଟନ କରିଥିଲେ। ଝିଙ୍କିରିଆରେ ନିର୍ବାହୀ ଅଧିକାରୀ ଦେବଦତ୍ତ ମିଶ୍ର ଓ ସରପଞ୍ଚ ମଧୁସୂଦନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ୬ ପଞ୍ଚାୟତର ୬ ହଜାର ୮୯୯ ପରିବାରର ୨୭ହଜାର ୬୭୫ ସଦସ୍ୟ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ କହିଥିଲେ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସାରଡାଙ୍ଗରେ କାର୍ଡ ବଣ୍ଟନ କରୁଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR**
E-mail – eesbprnbdivision2@gmail.com, Phone -0663-2410104
**BID IDENTIFICATION No. EE / R and B / SBP II /24(online)/2021-22**

**E-procurement notice**

No.4848 / Dated 07.12.2021

No. B-801:- The **Superintending Engineer, Sambalpur (R&B) Division No.II, Sambalpur** on behalf of Governor of Odisha invites Percentage Rate bids in **single** cover System in ONLINE MODE.

1. No. of work :- **05 (five) Nos. of work (1 No. Lift & 2 Nos. Electrical works, 2 Nos. of Building works)**
2. Tender Cost :- **₹6,000/- & 4,000/-**
3. Class of Contractor :- OEM or its authorized dealer having tie up with electrical contractor/ Electrical Contractor / C Class/ B Class / A Class contractor
4. Availability of bid document in the website. :- **10.00 Hours of 14.12.2021 to 17.00 Hours of 22.12.2021**
5. Date of Opening of Tenders :- **11.30 Hours on dt.23.12.2021**
6. The bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only. Any Corrigendum / Addendum/cancellation of tender will be displayed in the website said only.

Sd./- Superintending Engineer
Sambalpur (R&B) Division No.II

OIPR-34042/11/0057/2122



**ଓଡ଼ିଶା ସରକାର**
**ସ୍ୱତନ୍ତ୍ର ରିଲିଫ୍ କମିଶନର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**(ବିପର୍ଯ୍ୟୟ ପରିଚାଳନା)**

**ସୂଚନା**

**No. F-257:-** ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟରେ କୋଭିଡ୍-19ରେ ମୃତ୍ୟୁ ପାଇଁ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସରକାର ଟ.୫୦,୦୦୦/- (ପଚାଶ ହଜାର ଟଙ୍କା) ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ଯୋଗାଇ ଦେଉଛନ୍ତି।

ଯେଉଁ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟ ଏହି ସହାୟତା ରାଶି ପାଇନାହାନ୍ତି, ସେମାନେ ଆବେଦନପତ୍ର/ ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସହିତ ଜିଲ୍ଲାପାଳଙ୍କୁ ପ୍ରତ୍ୟକ୍ଷଭାବେ (Offline) ଓ Website- **https://caps.odisha.gov.in** (Online) ଜରିଆରେ ଦାଖଲ/ଆବେଦନ କରିପାରିବେ। Web Portal (Website: https://caps.odisha.gov.in) "CAPS" (Covid-19 Ex-gratia Assistance Payment System) ତା.୦୩.୧୧.୨୦୨୧ରିଖରୁ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ ହୋଇଅଛି। ଏଣୁ କୋଭିଡ୍-19ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଯଥାଶୀଘ୍ର ଜିଲ୍ଲାପାଳଙ୍କ ଜରିଆରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।

ଆବଶ୍ୟକସ୍ଥଳେ ଜନସାଧାରଣ ଏକ (Toll Free/ ଦେୟମୁକ୍ତ) Sanjog Helpline ନମ୍ବର **155335**କୁ ଯୋଗାଯୋଗ କରି ସହାୟତା ନେଇପାରିବେ।

ସ୍ୱା./-ସ୍ୱତନ୍ତ୍ର ରିଲିଫ୍ କମିଶନର ଓ
ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା

OIPR-24003/11/0012/2122



**GOVT. OF ODISHA** No. MM-293
**OFFICE OF THE DIVISIONAL FOREST OFFICER, KARANJIA DIVISION, KARANJIA**
**e-Procurement Notice, KARANJIA FOREST DIVISION**
**Bid Identification No. FD-KJA-02 of 2021-22**
**email ID: dfo.karanjia@odisha.gov.in**

**Letter No. 6632** **Date: 12.12.2021**

1. Name of Works : Construction of Building works
2. Approximate Estiamted Cost: Rs.10.75 lakh to 17.857 lakhs (As per Annexure in TCN)
3. Class of Contractor : "D" & "C" Class (As per Annexure)
4. Period of Completion : 03 (Three) Calendar months
5. Tender Paper Cost : Rs.6,000/- towards cost of bid as mentioned in Annexure (Building work).
6. Date & time of availability of bid document in the portal : Dt.16.12.2021 at 10.00 A.M.
7. Last date/time for receipt of bid in the portal : Dt.22.12.2021 upto 5.00 P.M.
8. Date of Opening Bid : Dt.23.12.2021 at 11.00 A.M.
9. Name and address of the Office Inviting Bid : Divisional Forest Officer, Karanjia Division, Karanjia
10. The bidders have to participate in ONLINE bidding only.
11. All other details can be seen from the e-procurement portal **https://www.tendersodisha.gov.in**.

**Sd./- Divisional Forest Officer, Karanjia Division**
**OIPR-08019/11/0006/2122**



**ODISHA PUBLIC SERVICE COMMISSION CUTTACK**

**NOTICE**

**No. 9150/PSC, (1R-96-21-22) (DR-V),** **Dt. 15.12.21**

**No. D-238:-** It is for information of all concerned that, document verification of candidates having **PPSAN** mentioned below for the post of **Professor in Journalism & Mass Communication** pursuant to advertisement No.10 of 2021-22 shall be held on **22.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.12.2021 | 2.30 P.M. | 00110431, 00111660, 00094865 & 00111259 = **4 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
   i. Copies of the 1st pages of each Research Publications/Papers - **01 Set**
   ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0169/2122 **Sd./- Secretary**



**ODISHA PUBLIC SERVICE COMMISSION CUTTACK**

**NOTICE**

**No. 9162/PSC, (1R-93-21-22) (DR-V),** **Dt. 15.12.21**

**No. D-240:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Public Administration** pursuant to advertisement No.06 of 2021/22 shall be held on **22.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.12.2021 | 10.30 A.M. | 00109353, 00109228, 00110366, 00109586, 00086786, 00110125, 00110480, 00094634 & 00110709 = **9 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
   i. Copies of the 1st pages of each Research Publications/Papers - **01 Set**
   ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0171/2122 **Sd./- Secretary**



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
**(E-Mail address - cerw_bbsr@yahoo.com)**

Lr. No.36717// Dt.14.12.21

**"e" Procurement Notice for bridge works in Odisha**
**(Online-08(Bridge)/2021-22 dt. 14.12.2021)**

No. O-1346

1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs.947.45 lakh
4. Class of contractor : Special Class & Super Class
5. Period of completion : 15 (Fifteen) calendar months
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-08(Bridge) /2021-22 | 01 (One) No. | 22.12.2021 at 11.00 A.M. | 11.01.2022 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**

Sd./- Chief Engineer, Buildings & Bridges
Rural Works, Odisha, Bhubaneswar

OIPR-25123/11/0018/2122

## ବିଜେଡି ନେତା ସୁଜିତ ମହାନ୍ତିଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ବାରିପଦା ଅଫିସ: ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆଦେଶ କ୍ରମେ ଦଳର ନେତା ସୁଜିତ ମହାନ୍ତି (କାହ୍ନୁ)ଙ୍କ ନିଲମ୍ବନ ଆଦେଶ ଗୁରୁବାର ପ୍ରତ୍ୟାହୃତ ହୋଇଛି। ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଏହା ଜଣାଇଛନ୍ତି। ୨୦୨୦ରେ ମହାନ୍ତି ଜିଲା ବିଜେଡିର ଉପସଭାପତି ଭାବେ କାର୍ଯ୍ୟ କରୁଥିବା ବେଳେ ଦଳରୁ ନିଲମ୍ବିତ ହୋଇଥିଲେ।

# ସ୍କୁଲ ପାଖରେ ତମାଖୁ ବିକ୍ରି ଉପରେ କଟକଣା

ବାରିପଦା ଅଫିସ,୧୬।୧୨



କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ତମାଖୁ ନିଷେଧ ଆଇନ ପ୍ରବର୍ତ୍ତନ ସମ୍ପର୍କିତ ଏକ କର୍ମଶାଳା ଏସ୍‌ପି କେ.ଆର୍. ଦ୍ୟାନଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସିଗାରେଟ ତଥା ତମାଖୁ ଜାତ ଦ୍ରବ୍ୟ ଅଧିନିୟମ-୨୦୦୩ ଅନୁଯାୟୀ ଜିଲାର କୌଣସି ଶିକ୍ଷା ଅନୁଷ୍ଠାନଠାରୁ ଶହେ ମିଟର ଦୂରତା ଭିତରେ ନିଶା ଦ୍ରବ୍ୟ ବିକ୍ରି ହୋଇ ପାରିବ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ ସମ୍ପୃକ୍ତ ବିକ୍ରେତାଙ୍କଠାରୁ ନିର୍ଦ୍ଧାରିତ ଜରିମାନା ଆଦାୟ କରାଯିବା ସଙ୍ଗେ ସଙ୍ଗେ ଦଣ୍ଡ ବିଧାନ କରାଯିବ ବୋଲି ଏସ୍‌ପି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର ଯୋଗଦେଇ ସୁସ୍ଥ ସମାଜ ଗଠନ ଲାଗି ଆଗାମୀ ଯୁବପିଢ଼ି ନିଶାମୁକ୍ତ ଜୀବନ ଯାପନ କରିବା ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଟବାକୋ କନସଲଟାଣ୍ଟ ଡା.ଗିରିଜା ଶଙ୍କର ମିଶ୍ର, ଜିଲା କୁଷ୍ଠ ନିରାକରଣ ଅଧିକାରୀ ଡା.ଶାନ୍ତନୁ କୁମାର ଦାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା ଅଧିକାରୀ ପି.ପି. ପତି, ଜିଲା ଖାଦ୍ୟ ସୁରକ୍ଷା ଅଧିକାରିଣି ସଂଯୁକ୍ତା ହେମ୍ବ୍ରମ, ଜିଲା ଔଷଧ ନିରୀକ୍ଷକ ରୁଦ୍ର ନାରାୟଣ ସାହୁ, ଏପିଡେମିଓଲଜିଷ୍ଟ ବିଭୁଦତ୍ତ ଦାସ ପ୍ରମୁଖଙ୍କ ସମେତ ଜିଲାର ସମସ୍ତ ଥାନା ଅଧିକାରୀମାନେ ଯୋଗ ଦେଇଥିଲେ। ନିହାର ରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ବାରିପଦା ସହରସ୍ଥିତ ଏମ୍‌କେସି ଓ ଏମ୍‌ପିକେ ହାଇସ୍କୁଲ ନିକଟରେ ବିକ୍ରି ହେଉଥିବା ଗୁଟଖା ଦୋକାନ ହଟାଇବା ପାଇଁ ସହରବାସୀ ଦାବି କରିଛନ୍ତି।

## ଲକ୍ଷ୍ମୀନାରାୟଣ ପୂଜା

ଢେଙ୍କିକୋଟ, ୧୬।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଲକ୍ଷ୍ମୀନାରାୟଣ ପୂଜା କମିଟି ତରଫରୁ ଗୁରୁବାର ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଯାଇଛି। ବିରଜା କ୍ଷେତ୍ରର ପୂଜକ ଲକ୍ଷ୍ମୀଧର ପଣ୍ଡା ଓ ସୁନୀଲ ପଣ୍ଡାଙ୍କ ଦ୍ୱାରା ପୂର୍ବାହ୍ନରେ ପୂଜାପାଠ କରି ଅନୁଷ୍ଠାନର ସଂକଳ୍ପଧାରୀ ତଥା ପୁରୋଧା ସୁରେଶ ଚନ୍ଦ୍ର ସାହୁ ମୁଖ୍ୟ କଳସ ଆଣିଥିଲେ। ଶ୍ରୀଧର ରାଉଳ, ସାଧୁନାଥ, ଜ୍ଞୁଲୁବେଜ, ଓ ନିମାଇଁ ଚରଣ ନାୟକଙ୍କ ଦ୍ୱାରା ଯଜ୍ଞ କଳସ ଯଥାବିଧି ଅଣାଯାଇ ଅପରାହ୍ନରେ ନୀତିକାନ୍ତି ଲାଗି ପୂଜାପାଠ କରାଯାଇଥିଲା। କମିଟିର ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରିଥିଲେ। ସମ୍ପାଦକ ରବୀନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ୧୧ ବର୍ଷ ଧରି ପୂଜା ପାଳନ କରାଯାଇ ଆସୁଛି।

# ବଚସାରୁ ଯୁବକଙ୍କୁ ହତ୍ୟା

କୁଆମରା,୧୬।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ଗ୍ରାମର ଅଶୋକ ସିଂ(୨୫)ଙ୍କୁ ବୁଧବାର ରାତିରେ ସାମାନ୍ୟ ବଚସାକୁ ନେଇ ସେହି ଗ୍ରାମର ଜଣେ ବ୍ୟକ୍ତି କୁରାଢ଼ିରେ ଛେଚି ହତ୍ୟା କରିଛନ୍ତି। ମୃତକଙ୍କ କକା ରାଜେନ୍ଦ୍ର ବଡ଼ସାହି ଥାନାରେ ଏତଲା ଦେଇଛନ୍ତି। ଭୀମଦା ଫାଣ୍ଡି ଅଧିକାରୀ ପଞ୍ଚାନନ ମହାନ୍ତି ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଉଦଳା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ହୋଇଥିବା ବେଳେ ଅଭିଯୁକ୍ତ ବୀରେନ୍ଦ୍ର ସିଂଙ୍କୁ କୁଆମରା ଫାଣ୍ଡି ଅଧିକାରୀ ବଳରାମ ମହାରଣା ବାଲେଶ୍ୱର ଜିଲା ଦୁର୍ଗାଦେବୀଠାରୁ ଗିରଫ କରି ବଡ଼ସାହି ଥାନା ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଅଶୋକ ବୁଧବାର ସନ୍ଧ୍ୟାରେ ବଡ଼ସାହି ଥାନା ଅଧୀନ ରତନପୁର ଗ୍ରାମସ୍ଥିତ ମାମୁଘରକୁ ଯାଇଥିଲେ। ସେଠାରେ ବସି ତାଙ୍କ ମାଈଁଙ୍କ ସହ କଥା ହେଉଥିବା ବେଳେ ବୀରେନ୍ଦ୍ର ପହଞ୍ଚିଥିଲେ। ବୀରେନ୍ଦ୍ର ସେଠାକୁ ଯିବା ଆସିବା କରୁଥିବାରୁ ଅଶୋକ ତାଙ୍କୁ ବିରୋଧ କରି ଆସୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବୀରେନ୍ଦ୍ର ଉତ୍‌କ୍ଷିପ୍ତ ହୋଇ ସେଠାରେ ପଡ଼ିଥିବା କୁରାଢ଼ିରେ ଅଶୋକଙ୍କ ମୁଣ୍ଡକୁ ଛେଚି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରକାଶ ଯେ, ଅଶୋକ ୬ମାସ ତଳେ ବିବାହ କରିଥିଲେ ଏବଂ ଅଭିଯୁକ୍ତ ବୀରେନ୍ଦ୍ର ସୈନ୍ୟବାହିନୀରେ ଚାକିରି କରି ୩ବର୍ଷ ହେବ ଅବସର ନେଇଥିବା ସୂଚନା ମିଳିଛି।

## ବିଶ୍ୱଶାନ୍ତି ଗୀତା ଯଜ୍ଞ

ପାଟଣା, ୧୬।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପାଞ୍ଚାୟତ ସ୍ୱାମ ଶାସନର ସୋମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ପବିତ୍ର ଗୀତା ପାଠର ଅନଙ୍ଗ ତ୍ରୟୋଦଶୀ ଅବସରରେ ବିଶ୍ୱଶାନ୍ତି ଗୀତା ଯଜ୍ଞ ଅନୁଷ୍ଠିତ ହୋଇଛି। ପୁରୋହିତ ଭାବ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ, ଗୌର ଚନ୍ଦ୍ର ତ୍ରିପାଠୀ ନୀତିକାନ୍ତିରେ ଯଜ୍ଞ ସମ୍ପନ୍ନ କରିଥିବା ବେଳେ କର୍ତ୍ତା ଭାବେ ଲୋକନାଥ ମିଶ୍ର ଦେବନୀତି ସମ୍ପନ୍ନ କରିଥିଲେ। ପୁରୋଧା ଭାବେ ବିରମୋହନ ଦ୍ୱିବେଦୀ, ଦୈତାରି ଶତପଥୀ, ରାଜବଲ୍ଲଭ ମିଶ୍ର, ଅଜିତ କୁମାର ଦାଶ, ତରୁଣ କୁମାର ଦାଶ ପ୍ରମୁଖ ପୂର୍ଣ୍ଣାହୂତି ଦେଇଥିଲେ।

# ଅନ୍ୱେଷାଙ୍କୁ ଭେଟିଲେ ବିଧାୟକ


ଅନ୍ୱେଷାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଧାୟକ ବିଷ୍ଣୁବ୍ରତ ରାଉତରାୟ।

ପଦ୍ମପୁର, ୧୬।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଯୁକେଜିରେ ପଢୁଥିବା ସାଢ଼େ ୪ ବର୍ଷର ଝିଅ ଅନ୍ୱେଷା ସାହୁ ପାଠପଢ଼ା ସହ ବିଭିନ୍ନ ସାଧାରଣ ଜ୍ଞାନ, ଆଧ୍ୟାତ୍ମିକ, ସାଂସ୍କୃତିକ, ଦେଶବିଦେଶର ବିଭିନ୍ନ ସମସ୍ୟା ଓ ରାଷ୍ଟ୍ର ମୁଖ୍ୟଙ୍କ ନାମ ନିର୍ଭୁଲ ଭାବେ କହିପାରୁଛନ୍ତି। ଏଥିପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ତାଙ୍କୁ ସ୍ଥାନ ମିଳିଛି। ତାଙ୍କର ଏହି ସଫଳତା ବାସୁଦେବପୁର ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛି। ଗୁରୁବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଅନ୍ୱେଷାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ସରପଞ୍ଚ ଦୀନବନ୍ଧୁ ଦାସ, ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ, ଛାତ୍ରନେତା କାଳନ୍ଦୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜରୁ ୨ ଛାତ୍ରୀ ନିଖୋଜ

ଜଳେଶ୍ୱର,୧୬।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ନୂଆବଜାର ଅଞ୍ଚଳରେ ଥିବା ଏକ କଲେଜରୁ ଜଣେ ୧୬ବର୍ଷୀୟା ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ସେହିପରି କୋର୍ଟବଜାର ଅଞ୍ଚଳରେ ଥିବା ଏକ କଲେଜରୁ ଅନ୍ୟଜଣେ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ତାଙ୍କ ପରିବାର ଲୋକେ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି।

## ବ୍ଲୁ ଲେକ୍‌ରୁ ଯୁବକଙ୍କ ମୃତଦେହ ଜବତ

ସଜନାଗଡ଼, ୧୬।୧୨(ଡି.ଏନ.ଏ.)

ନୀଳଗିରି ଥାନା ମିତ୍ରପୁରଠାରେ ଥିବା ବ୍ଲୁଲେକ୍ ପଥର ଖାଦାନରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ନୀଳଗିରି ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ତେବେ ମୃତଦେହ କାହାର ଜଣାପଡୁ ନ ଥିବା ବେଳେ ଏହା ଜଣେ ମାନସିକ ବିକୃତଙ୍କର ବୋଲି ସାଧାରଣରେ ଶୁଣିବାକୁ ମିଳୁଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମିତ୍ରପୁର ଅଞ୍ଚଳରୁ ବହୁ ବର୍ଷ ପୂର୍ବରୁ ଏଠାରେ ପଥର ଖାଦାନ ଚାଲିଥିବା ବେଳେ ରାଜ୍ୟ ସରକାର ଏହି ଖାଦାନକୁ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ଉକ୍ତ ଖାଦାନରେ ଗଭୀର ଜଳ ରହିଥିବା ବେଳେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ଏହାକୁ ବ୍ଲୁଲେକ ନାମରେ ନାମିତ କରାଯାଇଛି। ଅଗ୍ନିଶମ ବିଭାଗ ମୃତଦେହକୁ ନୀଳଗିରି ପୋଲିସକୁ ହସ୍ତାନ୍ତର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏ ପର୍ଯ୍ୟନ୍ତ ମୃତଦେହକୁ ଚିହ୍ନଟ କରାଯାଇନାହିଁ।

# ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

ଭଣ୍ଡାରିପୋଖରୀ, ୧୬।୧୨ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ସରସଦା ପଞ୍ଚାୟତ ପିରିପୁରଠାରେ ଗୁରୁବାର ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଜାଇଛି। ପଞ୍ଚାୟତ ସଭାପତି ରତ୍ନାକର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଯୋଗଦେଇ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତେ ଏକାଠି ହୋଇ ଦଳପାଇଁ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ବିଜେଡି ନେତା ଗୁଣାକର ବେହେରା, ସାମାଜିକ କର୍ମୀ ପ୍ରଶାନ୍ତ ଭଞ୍ଜ, ରମେଶ ନାୟକ, ପ୍ରୀତଶ ରଞ୍ଜନ ନାୟକ, ରବୀନ୍ଦ୍ର ଜେନା, ବୁଦ୍ଧିରାମ ସେଠୀ, ରଞ୍ଜନ ଜେନା, ରମାକାନ୍ତ ପଣ୍ଡା, ହଳଧର ସୁତାର, ଅନନ୍ତ ମଲ୍ଲିକ, ଜୟଦେବ ରାଉତ, ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେତେଜଣ ଲୋକ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେହିପରି ଭଣ୍ଡାରିପୋଖରୀ ବିଜୁବିହାରଠାରେ ରଣଜିତ ପଞ୍ଚାୟତ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ଦେବେନ୍ଦ୍ର ଦାସ, ପଞ୍ଚାୟତ ବିଜେଡି ସଭାପତି ହରେକୃଷ୍ଣ ଦାସ, ଦିଲୀପ ରାଉତ, ମନୋଜ ବେହୁରିଆ, ସୁଶାନ୍ତ ମଲ୍ଲିକ, ଯୁବନେତା ଅରୁଣ ରାଉତ, ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅବିନାଶ, ସାଲେମ୍ ଯୋଡ଼ି ଚାମ୍ପିୟନ

## ୟୁନେସ୍-୧୧ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର ଅଫିସ, ୧୬।୧୨

ବାଲେଶ୍ୱର ସହର ନାରୀ ସଂଘ ସ୍ଥିତ ପ୍ରେସ୍ କ୍ଲବ ପରିସରରେ ଥିବା ୟୁନେସ୍-୧୧ ବ୍ୟାଡ଼ମିଣ୍ଟନ କ୍ଲବର ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ଅବିନାଶ ଠାକୁର ଓ ସାଲେମ୍ ବିକ୍ରମ କୁମାର ଯୋଡ଼ି ୨/୦ ସେଟ୍‌ରେ ନିତ୍ୟମ୍ଭୁ ଭୂୟାଁ ଯୋଡ଼ିକୁ ହରାଇ ଚାମ୍ପିୟନ ଘୋଷିତ ହୋଇଛି। ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ମୁଖ୍ୟଅତିଥି ବାଲେଶ୍ୱର ଉପଜିଲାପାଳ ଆଶିଷ କୁମାର ପାଟିଲ, ସମ୍ମାନିତ ଅତିଥି ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ରଞ୍ଜନ ବାଗ୍, ଖବରଦାତା ରତିକାନ୍ତ ପାଢ଼ୀ ଓ ରତିକାନ୍ତ ପାତ୍ର ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌ର ରେଫରି ଭାବେ ଦାମୋଦର ନାୟକ, ବରିଷ୍ଠ ସଦସ୍ୟ ଦେବଦତ୍ତ ପାଢ଼ୀଙ୍କ ସହିତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ଗତ ୭ତାରିଖରେ ୮ଟି ଟିମ୍‌ର ୧୬ଜଣ ସଦସ୍ୟଙ୍କୁ ନେଇ କ୍ୱାଟର ଫାଇନାଲ ମ୍ୟାଚ୍ ପରେ ସେଥିରୁ ବିଜେତା ୪ଟି ଟିମ୍‌କୁ ନେଇ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ସେମିଫାଇନାଲରେ ବିଜେତା ଦୁଇଟି ଟିମ୍ ଫାଇନାଲରେ ଭାଗ ନେଇଥିଲେ। ଚଳିତବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୦୨୨ ବର୍ଷରେ ଆନ୍ତଃଜିଲା ଓ ୨୦୨୩ ବର୍ଷରେ ଆନ୍ତରାଜ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯୋଜନା ପ୍ରସ୍ତୁତ କରିଥିବା କ୍ଲବ ତରଫରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ୍ ଖେଳାଳି।


**PANCHAYAT SAMITI OFFICE, LAHUNIPARA**
DISTRICT: SUNDARGARH (ODISHA)
**PROCUREMENT NOTICE**
**TENDER CORRIGENDUM NOTICE No. 2133 Date: 16.12.2021**
In pursuance to this Office Advertisement No. 2044, Dt.04.12.2021 the following correction has been made by the undersigned regarding the mode of cost of tender paper relating to Point No. 1 of **"Term and Condition"**.
2. **The Cost of Tender papers as mentioned above (Non-refundable) in shape of Cash/Bank Draft drawn in favour of Block Development Officer, Lahunipara, Sundargarh in any Nationalized Bank will be submitted along with sealed tender paper.**
The other things mentioned in the Advertisement No. 2044, Dt.04.12.2021 shall remain unchanged.
**Sd./- Block Development Officer, Lahunipara**

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
**1st corrigendum to Tender Call Notice No.Online-Bgh-17 of 2021-22**
No.O-1356:- The following changes has been made to tender call notice No.Online-17 of 2021-22 –
1) The availability of tender online for bidding starts on 17.12.21 at 11.00 A.M. to 22.12.21 upto 5.00 P.M. instead of 15.12.21 at 11.00 A.M. to 20.12.21 upto 5.00 P.M.
2) The last date of seeking tender clarification is 22.12.21 upto 4.00 P.M. instead of 20.12.21 upto 4.00 P.M.
3) The date & time of opening of tender 23.12.21 at 11.00 A.M. instead of 21.12.21 at 11.00 A.M.
4) In case of lottery, the lottery process will be conducted on 25.12.21 at 11.00 A.M.
All other terms & conditions as laiddown in the above tender call notice will remain unchanged.
OIPR-25062/11/0018/2122 Sd./- Executive Engineer, Rural Works Division,Bargarh

**COLLECTORATE, MALKANGIRI**
**(ST & SC DEV. SECTION)**
**e-mail: mkgdwo@gmail.com, Phone No. 06861-230408**
**TENDER CALL NOTICE**
**Advertisement No. 2716/2021(ANWESHA) Date: 16.12.2021**
Sealed tenders are invited from the intending firms/authorized dealers/rate contract holder/agencies/reputed manufacturer to quote their rate for supply of Shoes & Socks, General materials and reading-writing materials to the students under Urban Education Programme - "ANWESHA" at District Headquarter, under ST & SC Dev. Department in the district of Malkangiri. The interested bidders may submit the tender documetns complete in all respect along with Paper Cost (Non-refundable) and other requisite documents addressing to **The District Welfare Officer, Malkangiri, At/P.O.- Malkangiri, PIN - 764045** by Registered/Speed Post/Courier/ may be dropped in the tender box in the Office of District Welfare Officer, Malkangiri on or before 23.12.2021 upto 2.00 P.M.
The tender papers shall be opened on the same day at 4.00 P.M. The other details like terms & conditions geneal instruction for the bidders etc. are available in the district website: **www.malkangiri.nic.in**.
**Sd./- Collector, Malkangiri**

Government of Odisha
**OFFICE OF THE CHIEF CONSTRUCTION ENGINEER**
**CUTTACK (R&B) CIRCLE, CUTTACK**
E-mail.ID-sectcrb_2006@yahoo.co.in, Tel/Fax – 0671-2301751/2302751
No.B-820:- ( 'e' – PROCUREMENT NOTICE )
SHORT TENDER CALL NOTICE
Bid Identification No.CCE.Ctc.(R&B) 29/2021-22
1. The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road work as mentioned below.
2. No. of work :- 01 No.
3. Nature of work :- Road work.
4. Class of contractor :- 'B' & 'A' Class.
5. Tender paper cost :- Rs.10000/- (online)
6. Available of bid documents in the website :- From 16.12.2021 to 16.00 hours of 22.12.2021.
7. Date of opening of bid :- Dt.23.12.2021 at 11.00 hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- P.K.Pradhan, Chief Construction Engineer, Cuttack (R&B) Circle
OIPR-34012/11/0041/2122

**OFFICE OF THE EXECUTIVE ENGINEER**
**FISHERY ENGINEERING DIVISION**
**MATSYASADAN, LAXMISAGAR, CUTTACK ROAD, BHUBANESWAR-6**
No.M-60 Phone/Fax-0674-2313250, Email- eefedbbsr@gmail.com
**Bid Identification No. 10/FED/2021-2022**
**INVITATIONS FOR BIDS (IFB)**

| Sl No. | Name of the Work | Amount | Class of Contractor | Period of Completion |
|---|---|---|---|---|
| 1. | Construction of Flotaing Jetty and Allied Infrastructure for Cage Culture Project at Hirakud (Part-1) (Land Ward Facility) | ₹ 86,69,241.00 | 'B' & 'A' | 04 (Four) Calendar Months |
| 2. | Construction of Flotaing Jetty and Allied Infrastructure for Cage Culture Project at Hirakud (Civil Work) | ₹ 88,39,895.00 | 'B' & 'A' | 04 (Four) Calendar Months |
| 3. | Date & Time of availability of Bid Document in the portal :- | 17.12.2021 | | |
| 4. | Last Date / Time for receipt of bids in the portal :- | 03.01.2022 upto 17.00 hours | | |
| 5. | Name and address of the Officer Inviting Bid :- | Executive Engineer, Fishery Engineering Division, Matsyasadan, Cuttack Road, Laxmisagar, Bhubaneswar - 751006 | | |

Further details can be seen from the e-procurement portal http://tendersorissa.gov.in
1. The Bid Document shall be uploaded in the portal by the Officer Inviting Tender.
2. The Tender Documents published by the Tender Inviting Officer in the website http://tendersorissa.gov.in
N.B. : **Subsequent corrigendum/addendum if required shall be available in the website as indicated above.**
**Executive Engineer, Fishery Engineering Division, Bhubaneswar**
OIPR-06018/11/0006/2122

**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 9178/PSC Dt.16.12.2021**
**(1R-41-21/22) (DR-V)**
No. D-242: It is for information of all concerned that, pursuant to the advertisement No. 08 of 2020-2021, **41 (Forty One)** candidates, bearing following **PPSAN** have been allowed to face the interview to determine their eligibility for recruitment to the Post of **Assistant Professor in "Philosophy".** The interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack - 753001 on **27.12.2021, 28.12.2021, 29.12.2021 & 30.12.2021** as per the progrmme mentioned below.

| Date | Time of Interview | PPSAN of Candidates |
|---|---|---|
| 27.12.2021 | 11.30 A.M. | 00092241, 00091168, 00089811, 00087896 = 04 Candidates |
| | 02.30 P.M. | 00095160, 00090363, 00086718, 00094828 & 00091710 = 05 Candidates |
| 28.12.2021 | 10.30 A.M. | 00092456, 00089090, 00085976, 00077282, 00089623, 00083425, 00093173 & 00094496 = 08 Candidates |
| | 02.30 P.M. | 00080349, 00097707, 00095510, 00085936 & 00090286 = 05 Candidates |
| 29.12.2021 | 10.30 A.M. | 00097858, 00098147, 00086547, 00092796, 00077607, 00095153 & 00088615 = 07 Candidates |
| | 02.30 P.M. | 00098189, 00088474, 00086149, 00061980 & 00080458 = 05 Candidates |
| 30.12.2021 | 10.30 A.M. | 00085363, 00095234, 00093210, 00086680, 00101653, 00023125 & 00093510 = 07 Candidates |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection to interview.
The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.
**Note:** The Candidates are informed that the Pedagogy Skill is part of the Interview. They are to come prepared to present a Topic of their choice within 8 to 10 minutes before the interview board. White board shall be provided by the Commission for the purpose.
**OIPR-12002/11/0173/2122** **Sd./- Secretary**

**GOVERNMENT OF ODISHA** No. O-1347
**OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI**
e-mail: rwd_malkangiri@yahoo.co.in
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 14/MKG/2021-22**
1. Name of the Work : Road Works (Detailed in Annexure)
2. Total Number of works : 03 (Three) Numbers
3. Tender Cost : Rs.53.02 lakhs to 97.35 lakhs
4. Class of Contractor : 'B' & 'A' Class Contractors
5. Period of Completion : (As per Detailed in Annexure)
6. Other details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Last date & time of seeking tender clarification | Date and time of Opening of Tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Rural Works Division - I, Malkangiri | Online Tender/14/ RWD-I, MKG/2021-22 | 03 (Three) Nos. of Road Works | 17.12.2021 From 11.00 A.M. | 24.12.2021 upto 5.00 P.M. | 23.12.2021 upto 5.00 P.M. | 27.12.2021 at 11.00 A.M. | 28.12.2021 at 11.00 A.M. |

Further details can be seen from the website: **www.tendersorissa.gov.in**.
**Sd./- Superintending Engineer**
**R.W. Division-I, Malkangiri**
OIPR-25058/11/0012/2122

**OFFICE OF THE SUPERINTENDING ENGINEER**
**R.W. DIVISION, ANANDAPUR, SALAPADA, KEONJHAR**
**e-Procurement Notice for Building works Identification No. Online-14/SERW/AND/2021-22**
E-mail address: eerw_anandapur@yahoo.co.in
No.O-1344:- No.8745//Dt.14.12.2021
**1.Name of the work:** Construction of Retaining Wall, Drain Work, CC overlaying & Pot hole repair of Road work for the year 2021-22. **2. Total No. of works:** 23 (Twenty Three) Nos. (Percentage rate Tender). **3. Estimated cost:** Approx. Estimate Cost Rs.0.47 lakhs to Rs.5.78 Lakhs. **4. Class of Contractor:** Class 'D' & Class 'C'. **5. Other details:**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Tme of opening of tender: Office of the Superintending Engineer, R.W. Division, Anandapur | Date & Place of receipt of bid cost & bid security |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division, Anandapur | Online 14/ SERW/ AND/ 2021-22 | 17.12.2021 at 10.00 A.M. | 21.12.2021 upto 5.00 P.M. | 20.12.2021 upto 5.00 P.M. | 22.12.2021 at 11.00 A.M. | The bidder shall transfer online the cost of bid and EMD in column No.-4 & 6 in Annexure-I, respectively through a process as mentioned in DTCN |

Further details can be seen from the website **www.tendersorissa.gov.in** & **www.tenders.ori.nic.in**
OIPR-25055/11/0015/2122 **Sd./- Superintending Engineer, R.W. Division, Anandapur**

**ODISHA LIFT IRRIGATION CORPORATION LTD.**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BOUDH**
e-mail id: eeolicboudh@gmail.com
**'e' Procurement Notice**
**No. 1241** **Bid Identification No. OLIC-BOUDH-06/2021-22** **Date: 16.12.2021**
The **Executive Engineer, Lift Irrigation Division, Boudh** on behalf of OLIC invites **Percentage Rate** bids in the Single Cover System to be received in **Online Mode only** for the work **Installation and Energisation of 58 Nos. New Lift Irrigation Projects under Boudh, Harbhanga & Kantamal Blocks in Boudh District** as detailed in the table below. The bid should be submitted by the eligible class of contractors as mentioned below registered with the State Government and contractors of equivalent grade/class registered with Central Government/M.E.S./Railways/C.P.W.D. for execution of Civil works with valid Electrical (H.T.) Licence issued by ELBO, Odisha through Online in the Govt. website **www.tendersodisha.gov.in**. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this online tender process after necessary portal enrolment but shall have to subsequently undergo registration with appropriate authority of the State.
**1. Name of the Works: Installation & Energisation of River Lift Irrigation Projects - 58 Nos. with supply of all materials on Turnkey Basis. 2. Total Nos of Package: 58, 3. Approximate Estimated Cost: Rs.18.58 lakhs to Rs.33.16 lakhs, 4. Class of Contractor: As mentioned against each package, 5. Period of Completion: 120 days for all projects from the date of issue of work order. 6. Other details as follows:**

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, L.I. Division, Boudh |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Boudh | OLIC/Boudh/ 06/2021-22 | 20.12.2021 at 11.00 hrs. | 27.12.2021 at 17.00 hrs. | 24.12.2021 at 17.00 hrs. | 29.12.2021 at 11.00 hrs. |

- Deatils can be seen from the website **www.tenderodisha.gov.in**.
- Any Corrigendum/Addendum will be displayed in the above website only.

**Sd./- Executive Engineer, L.I. Division, Boudh**

# ନୂଆ ବିଶ୍ୱ ଚାମ୍ପିୟନ

**ଡଚ୍ ଫର୍ମୁଲା-୧ ଡ୍ରାଇଭର ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ପ୍ରଥମଥର ପାଇଁ ବିଶ୍ୱ ଚାମ୍ପିୟନଶିପ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ସେଶନ ଶେଷରେ ଅନୁଷ୍ଠିତ ଆବୁଧାବି ଗ୍ରାଁପିରେ ସେ ୭ଥର ବିଶ୍ୱ ଚାମ୍ପିୟନ ମର୍ସିଡିଜର ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ଟାଇଟଲ ହାସଲ କରିବା ସହ ୨୦୨୧ ପାଇଁ ଏହି ସଫଳତା ପାଇଛନ୍ତି। ସେ ମୋଟ ୧୦ଟି ବିଜୟ ହାସଲ କରିବା ସହ ୧୮ଥର ପୋଡିୟମ ଫିନିଶ କରି ୩୯୫.୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛନ୍ତି। ଅନ୍ୟପଟେ ହାମିଲଟନ ୮ ବିଜୟ ଓ ୧୭ ପୋଡିୟମ ଫିନିଶ କରି ୩୮୭.୫ ପଏଣ୍ଟ ହାସଲ କରିବା ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି...**




ମାକ୍ସ ଭର୍ଷ୍ଟାପେନ

ଡଚ୍ ଫର୍ମୁଲା-୧ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ କ୍ୟାରିୟରର ପ୍ରଥମ ବିଶ୍ୱ ଚାମ୍ପିୟନଶିପ ହାସଲ କରିଛନ୍ତି। ବର୍ଷ ଶେଷରେ ଆୟୋଜିତ ହେଉଥିବା ରେସ୍ ଆବୁଧାବି ଗ୍ରାଁ.ପ୍ରି.ରେ ବିଜୟ ହାସଲ କରି ଏହି ସଫଳତା ଅର୍ଜନ କରିଛନ୍ତି। ରେଡ୍ ବୁଲ୍‌ର ଏହି ଡ୍ରାଇଭର ଏଥିସହ ନେଦରଲାଣ୍ଡର ପ୍ରଥମ ପ୍ରତିଯୋଗୀ ଭାବେ ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

ଇତିହାସର ସବୁଠାରୁ ରୋମାଞ୍ଚକ ଆବୁଧାବି ରେସ୍‌ରେ ସେ ଅନ୍ୟତମ ଫେଭରାଇଟ୍ ମର୍ସିଡିଜ୍‌ର ଲୁଇସ୍ ହାମିଲଟନଙ୍କୁ ଅନ୍ତିମ ଲ୍ୟାପ୍‌ରେ ପଛରେ ପକାଇ ବାଜି ମାରିଥିଲେ। ୭ଥର ବିଶ୍ୱଚାମ୍ପିୟନଶିପ ହାସଲ କରିଥିବା ମାଇକେଲ ସୁମାକରଙ୍କୁ ପଛରେ ପକାଇବାର ନିକଟତର ହୋଇଥିବା ହାମିଲଟନଙ୍କୁ ଶେଷରେ ନିରାଶ ହେବାକୁ ପଡିଛି। ଅନ୍ତିମ ଲ୍ୟାପ୍‌ରେ ହାମିଲଟନ ଓ ଭର୍ଷ୍ଟାପେନ୍ ସାଥି ହୋଇ ରେସ୍ ଆରମ୍ଭ କରିଥିଲେ। ପ୍ରଥମ ୪ଟି ମୋଡରେ ଭର୍ଷ୍ଟାପେନ ହାମିଲଟନଙ୍କୁ ପଛରେ ପକାଇଥିଲେ। ଏହାପୂର୍ବରୁ ରେଡ୍‌ବୁଲ ୨୦୧୩ରେ ଶେଷଥର ପାଇଁ ଫର୍ମୁଲା- ୧ ରେସ୍ ଜିତିଥିଲା। ତେବେ ଏହାପରେ ସବୁଥର ମର୍ସିଡିଜ ବାଜି ମାରିଆସିଥିଲା। ଭର୍ଷ୍ଟାପେନଙ୍କ ଏହି ବିଜୟ କ୍ରିକେଟରେ ଅନ୍ତିମ ବଲ୍‌ରେ ଛକା ମାରି ବିଜୟ ହାସଲ କରିବା ସହ ସମାନ। ଭର୍ଷ୍ଟାପେନଙ୍କ ଏହି ବିଜୟକୁ ସାରା କ୍ରୀଡ଼ା ଜଗତ ପ୍ରଶଂସା କରିଛି। ଏହି ରେସ୍‌ରେ ଭର୍ଷ୍ଟାପେନ୍ ୧:୩୦:୧୭.୩୪୫ ସମୟ ନେଇ ୨୬ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଥିଲେ। ହାମିଲଟନ ତାଙ୍କଠାରୁ ୨.୨୫୬ ସେକେଣ୍ଡ ସମୟ ନେଇ ୧୮ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫେରାରୀର କାର୍ଲୋସ ସେଞ୍ଜ ୫.୧୭୩ ସେକେଣ୍ଡ ସମୟ ଅଧିକ ନେଇ ୧୫ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଅଲଫା ତାଉରୀର ୟୁକି ସୁନନ୍ଦା ୫. ୬୯୨ ସେକେଣ୍ଡ ଅଧିକ ସମୟ ନେଇ ଚତୁର୍ଥ ଓ ୟୁକିଙ୍କ ଟିମମେଟ୍ ପିଏର ଗାସ୍‌ଲି ୬. ୫୩୧ ସେକେଣ୍ଡ ସମୟ ଅଧିକ ନେଇ ୧୦ ପଏଣ୍ଟ ହାସଲ କରିବା ସହ ପଞ୍ଚମ ସ୍ଥାନରେ ରହିଥିଲେ।

୭ଥର ବିଶ୍ୱ ଚାମ୍ପିୟନଶିପ ହାସଲ କରିଥିବା ହାମିଲଟନ ଅନ୍ୟ ରେସରଙ୍କ ସହ ମୁହାଁମୁହିଁ ହେବା କାରଣରୁ ତାଙ୍କ ଉପରେ ପେନାଲ୍ଟି ଲାଗିଥିଲା। ଅନ୍ୟପଟେ ଫେରାରିର ସେବାଷ୍ଟିଆନ ଭେଟେଲ ଓ ଚାର୍ଲ୍ସ ଲେକଲେକଙ୍କ କାର କ୍ରାସ୍ ହେବା ଯୋଗୁ ସେମାନେ ରେସ୍ ପୂରା କରିପାରି ନ ଥିଲେ। ଚଳିତ ସେସନରେ ଦମ୍‌ଦାର ପ୍ରଦର୍ଶନ କରି ଆସାଧାରଣ ପ୍ରତିଭାର ଅଧିକାରୀ ହୋଇଥିବା ଭର୍ଷ୍ଟାପେନ୍ ବିଶ୍ୱ ଚାମ୍ପିୟନଶିପ୍ ହାସଲ କରି ନିଜର ସାମର୍ଥ୍ୟ ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଫର୍ମୁଲା ୱାନ୍ ଇତିହାସରେ ଏହି ସିଜନରେ ବହୁ ବିବାଦୀୟ ଘଟଣା ଦେଖିବାକୁ ମିଳିଥିଲା। ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ମର୍ସିଡିଜ୍‌ର ଭାଲଟେରି ବୋଟାସ, ମ୍ୟାକଲରେନର ଲାଣ୍ଡୋ ନୋରିସ୍, ଆଲ୍‌ପାଇନର ଫର୍ନାଣ୍ଡୋ ଆଲୋଁସୋ ଓ ଏଷ୍ଟିବାନ ଓକନ ଏବଂ ଫେରାରିର ଚାର୍ଲ୍ସ ଲେକରେକ୍।

ଏହି ସେସନରେ ଭର୍ଷ୍ଟାପେନ୍ ୧୦ଟି ରେସ୍‌ରେ ବିଜୟ ହାସଲ କରି ବିଶ୍ୱଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ହାମିଲଟନ ଏହି ସେସନରେ ୮ଟି ବିଜୟ ହାସଲ କରିଛନ୍ତି। କେବଳ ସେତିକି ନୁହେଁ ଭର୍ଷ୍ଟାପେନ୍ ଅଧିକ ସଂଖ୍ୟକ ଲାପ୍ସରେ ଆଗରେ ରହିଥିବା ବେଳେ ଅଧିକ ସଂଖ୍ୟକ ପୋଲ ପୋଜିଶନ ହାସଲ କରିଛନ୍ତି ଓ ପୋଡିୟମ ଫିନିସ ମଧ୍ୟ କରିଛନ୍ତି। ୨୪ ବର୍ଷ ୬୬ ଦିନରେ ଭର୍ଷ୍ଟାପେନ ଅନ୍ୟତମ ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନ ସାବ୍ୟସ୍ତ ହୋଇଛନ୍ତି। ତେବେ ସେବାଷ୍ଟିଆନ ଭେଟଲ ୨୩ ବର୍ଷ ୧୩୩ ଦିନରେ, ହାମିଲଟନ ୨୩ ବର୍ଷ ୩୦୦ ଦିନରେ, ଫର୍ନାଣ୍ଡୋ ଆଲୋନ୍ସୋ ୨୪ ବର୍ଷ ୫୭ ଦିନରେ ବିଶ୍ୱ ଚାମ୍ପିୟନଶିପ ହାସଲ କରି ଭର୍ଷ୍ଟାପେନ୍‌ଙ୍କ ଆଗରେ ରହିବେ। ଏହିକ୍ରମରେ ଦେଖିବାକୁ ଗଲେ ଭର୍ଷ୍ଟାପେନ ଚତୁର୍ଥ ସ୍ଥାନରେ ରହିବେ। କିନ୍ତୁ ଭର୍ଷ୍ଟାପେନ୍ ସର୍ବ କନିଷ୍ଠ ଡ୍ରାଇଭର ଭାବେ ୧୭ ବର୍ଷ ୧୬୬ ଦିନରେ ଗ୍ରାଁ.ପ୍ରି. ରେସ୍‌ରେ ଅଂଶଗ୍ରହଣ କରିଥିଲେ। ରେକର୍ଡ ଅଷ୍ଟମଥର ପାଇଁ ବିଶ୍ୱ ଚାମ୍ପିୟନଶିପ ହାସଲ ଲକ୍ଷ୍ୟରେ ଥିବା ହାମିଲଟନଙ୍କ ଆଶା ଏଥି ସହ ଧୂଳିସାତ୍ ହୋଇଛି। ୧୯୭୪ ପରେ ପ୍ରଥମ ଥର ପାଇଁ ଦୁଇ ରେସର ସମାନ ପଏଣ୍ଟ ହାସଲ କରି ଫାଇନାଲ ରାଉଣ୍ଡ ରେସ୍‌ରେ ଅବତୀର୍ଣ୍ଣ ହୋଇଥିଲେ।

କୋଭିଡ୍-୧୯ ଚ୍ୟାଲେଞ୍ଜ ସତ୍ତ୍ୱେ ୨୦୨୧ କ୍ୟାଲେଣ୍ଡରରେ ମୋଟ୍ ୨୨ ଫର୍ମୁଲା-୧ ରେସ୍ ଆୟୋଜିତ ହୋଇଛି। ସେହିପରି ୫ଟି ରେସ୍‌ର ଆୟୋଜନ ନେଇ ଯୋଜନା ହୋଇଥିଲେ ମଧ୍ୟ କୋଭିଡ୍-୧୯ ମହାମାରୀ କାରଣରୁ ଶେଷ ମୁହୂର୍ତ୍ତରେ ବାତିଲ କରିବାକୁ ପଡିଥିଲା। ୨୦୨୦ କ୍ୟାଲେଣ୍ଡରରେ ୨୨ଟି ରେସ୍ ଆୟୋଜନ ହୋଇଥିଲା। କିନ୍ତୁ ଏ ବର୍ଷ ଏହାଠାରୁ ଅଧିକ ସଂଖ୍ୟକ ରେସ୍ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ମହାମାରୀ ପାଇଁ ସମ୍ଭବ ହୋଇ ନ ଥିଲା। ଚାଇନିଜ, କାନାଡିଆନ, ସିଙ୍ଗାପୁର, ଜାପାନିଜ ଓ ଅଷ୍ଟ୍ରେଲିଆନ ଗ୍ରାଁପ୍ରିକୁ ବାତିଲ କରାଯାଇଥିଲା। ୨୦୨୧ରେ ଭର୍ଷ୍ଟାପେନ ସର୍ବାଧିକ ୧୦ଟି ବିଜୟ ହାସଲ କରିଥିବା ବେଳେ ୧୮ଥର ପୋଡିୟମ ଫିନିସ୍ କରି ସଫଳତମ ରେସ୍‌ର ସାବ୍ୟସ୍ତ ହୋଇଛନ୍ତି। ସେହିପରି ହାମିଲଟନ ୮ଟି ବିଜୟ ଓ ୧୭ଟି ପୋଡିୟମ ଫିନିସ୍ କରିଛନ୍ତି। ମର୍ସିଡିଜ ଭଲଟେରୀ ବୋଟାସ୍ ଗୋଟିଏ ବିଜୟ ଓ ୧୧ ପୋଡିୟମ ହାସଲ କରି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ରେଡ୍‌ବୁଲର ସର୍ଗିଓ ପେରେଜ ଗୋଟିଏ ବିଜୟ ଓ ୫ ପୋଡିୟମ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ସେହପରି ମ୍ୟାକଲରେନର ଡାନିଏଲ ରିକିଆର୍ଡୋ ଗୋଟିଏ ଲେଖାଏ ବିଜୟ ଓ ପୋଡିୟମ ସହ ଅଷ୍ଟମ, ଅଲପାଇନ୍‌ର ଏଷ୍ଟେବାନ ଓକୋନ ଗୋଟିଏ ଲେଖାଏ ବିଜୟ ଓ ପୋଡିୟମ ସହ ୧୧ତମ ସ୍ଥାନରେ ରହିଛନ୍ତି।

ପିଲାଟି ବେଳୁ ଭେର୍ଷ୍ଟାପେନ ମୋଟର ସ୍ପୋର୍ଟ୍ସରେ ରୁଚି ରଖୁଥିଲେ। ତାଙ୍କ ପିତା ଜୋସ ଭର୍ଷ୍ଟାପେନ୍ ମଧ୍ୟ ଜଣେ ଡଚ୍ ଫର୍ମୁଲା-୧ ଡ୍ରାଇଭର ଥିଲେ। ତାଙ୍କ ମା ମଧ୍ୟ କାର୍ଟିଂ ମୋଟର ରେସ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ବେଲଜିୟମରେ ଜଣେ ବେଲଜିଆନ ମାଙ୍କଠାରୁ ଜନ୍ମ ହୋଇଥିଲେ ମଧ୍ୟ ସେ ନେଦରଲାଣ୍ଡ ଅର୍ଥାତ ଏକ ଡଚ୍ ଲାଇସେନ୍ସରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାକୁ ନିଷ୍ପତ୍ତି ନେଇଥିଲେ। ତେବେ ତାଙ୍କ ପିତା ଡଚ୍ ଥିଲେ। ତେଣୁ ସେ ପିତାଙ୍କ ସହ ଅଧିକ ସମୟ ବିତାଇବା ସହ ରେସିଂରେ ଭାଗ ନେଇଥିଲେ। ତେଣୁ ସେ ଜଣେ ଡଚ୍ ରେସର ଭାବେ ପରିଚୟ ପାଇଥିଲେ। ତେବେ ସେ ବେଲଜିୟମ ଓ ନେଦରାଲଣ୍ଡକୁ ଭଲ ପାଆନ୍ତି ବୋଲି କୁହନ୍ତି। ରାତିରେ ବେଲଜିୟମରେ ଶୋଇଥାଏ। ତେବେ ଦିନ ହେଲେ ରେସ୍‌ରେ ଭାଗ ନେବା ପାଇଁ ନେଦରଲାର୍ଣ୍ଡ ଆସିଥାଏ ବୋଲି ସେ ମଜାରେ କୁହନ୍ତି। ମୋଟ ଉପରେ ସେ ଏପର୍ଯ୍ୟନ୍ତ ୨୦ଟି ବିଜୟ ହାସଲ କରିଥିବା ବେଳେ ୬୦ଟି ପୋଡିୟମ ଫିନିଶ କରିବା ସହ ୧୩ଟି ପୋଲ ପୋଜିଶନ ଓ ୧୬ଟି ଫାଟେଷ୍ଟ ଲାପ୍ ହାସଲ କରିଛନ୍ତି। ମାତ୍ର ୪ ବର୍ଷ ବୟସରୁ ସେ କାର୍ଟିଂରେ ଅଂଶଗ୍ରହଣ କରିବା ଆରମ୍ଭ କରିଥିଲେ।୨୦୦୭ରେ ସେ ବେଲଜିୟମର ଲିମ୍ବବର୍ଗରେ ମିନି ଜୁନିୟର ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ନିଜ ଆସାଧାରଣ ପ୍ରତିଭାର ପରିଚୟ ଦେଇଥିଲେ। ସର୍ବକନିଷ୍ଠ ଖେଳାଳିଭାବେ ସେ ଫର୍ମୁଲା-୧ରେ ଏକାଧିକ ରେକର୍ଡ ହାସଲ କରିଛନ୍ତି। ରେସ ଆରମ୍ଭ କରିବାରେ, ପଏଣ୍ଟ ସ୍କୋର କରିବାରେ, ରେସ୍ ଜିତିବାରେ, ପୋଡିୟମ ଫିନିଶ କରିବାରେ, ଲାପ୍ ଲିଡ୍ କରିବାରେ, ଗ୍ରାଣ୍ଡସ୍ଲାମ ସ୍କୋର କରିବାରେ ଗୋଟିଏ ସେସନରେ ସର୍ବାଧିକ ପୋଡିୟମ ଫିନିଶ କରିବାରେ ସେ ସର୍ବକନିଷ୍ଠ ସାବ୍ୟସ୍ତ ହୋଇଛନ୍ତି।

## ସଂକ୍ଷେପରେ....

ପୂରା ନାମ: **ମାକ୍ସ ଏମିଲିଆନ ଭର୍ଷ୍ଟାପେନ୍**
ଜନ୍ମ: **୩୦ ସେପ୍ଟେମ୍ବର ୧୯୯୭**
ବୟସ: **୨୪**
ଦେଶ: **ନେଦରଲାଣ୍ଡ**
୨୦୨୧ ଟିମ୍: **ରେଡ୍ ବୁଲ୍ ରେସିଂ ହୋଣ୍ଡା**
୨୦୨୨ ଟିମ୍: **ରେଡ୍ ବୁଲ୍ ରେସିଂ**
ଏଣ୍ଟ୍ରିଜ: **୧୪୧ (୧୪୧ ଷ୍ଟାର୍ଟ)**
ଚାମ୍ପିୟନଶିପ୍: **୧ (୨୦୨୧)**
ବିଜୟ: **୨୦**
ପୋଡିୟମ: **୬୦**
କ୍ୟାରିୟର ପଏଣ୍ଟ: **୧୫୫୭. ୫**
ପୋଲ ପୋଜିଶନ: **୧୩**
ଦ୍ରୁତତମ ଲାପ୍ସ: **୧୬**
ପ୍ରଥମ ଏଣ୍ଟ୍ରି: **୨୦୧୫ ଅଷ୍ଟ୍ରେଲିଆନ ଗ୍ରାଁ.ପ୍ରି.**
ପ୍ରଥମ ବିଜୟ: **୨୦୧୬ ସ୍ପାନିସ୍ ଗ୍ରାଁ.ପ୍ରି.**
ସଦ୍ୟତମ ବିଜୟ: **୨୦୨୧ ଆବୁଧାବି ଗ୍ରାଁ.ପି.**
ଶେଷ ଏଣ୍ଟ୍ରି: **୨୦୨୧ ଆବୁଧାବି ଗ୍ରାଁ.ପି.**

**ପୁରସ୍କାର**

୨୦୧୪-୧୬, ୨୦୧୯
ଏଫ୍‌ଆଇଏ ଆକ୍ସନ ଅଫ୍ ଦି ଇୟର
୨୦୧୫-୧୭ ଏଫ୍‌ଆଇଏ
ଫର୍ସନାଲିଟି ଅଫ୍ ଦି ଇୟର
୨୦୧୫ -ରୁକି ଅଫ୍ ଦି ଇୟର
୨୦୧୬ -ଲୋରେଞ୍ଜୋ ବର୍ଣ୍ଣିନି ଟ୍ରଫି

## ୨୦୨୧ ଷ୍ଟାଣ୍ଡିଂ

| ର୍ୟାଙ୍କ | ଡ୍ରାଇଭର | ପଏଣ୍ଟ | ବିଜୟ | ପୋଡିୟମ |
|---|---|---|---|---|
| ୧ | ଏମ୍. ଭର୍ଷ୍ଟାପେନ (ରେଡବୁଲ) | ୩୯୫.୫ | ୧୦ | ୧୮ |
| ୨ | ଏଲ. ହାମିଲଟନ (ମର୍ସିଡିଜ) | ୩୮୭.୫ | ୮ | ୧୭ |
| ୩ | ଭି. ବୋଟାସ(ମର୍ସିଡିଜ) | ୨୨୬ | ୧ | ୧୭ |
| ୪ | ଏସ୍. ପେରେଜ(ରେଡବୁଲ) | ୧୯୦ | ୧ | ୫ |
| ୫ | ସି. ସେଞ୍ଜ(ଫେରାରି) | ୧୬୫.୫ | ୦ | ୪ |
| ୮ | ଡି. ରିକାର୍ଡୋ (ମ୍ୟାକଲରେନ୍) | ୧୧୫ | ୧ | ୧ |
| ୧୧ | ଇ.ଓକୋନ(ଅଲପାଇନ୍) | ୭୪ | ୧ | ୧ |

# ଚର୍ଚ୍ଚାରେ ଟିମ୍ ଇଣ୍ଡିଆର ଦକ୍ଷିଣ ଆଫ୍ରିକା ଟୁର୍



ନିର୍ମଳ କୁମାର ମିଶ୍ର

ଚଳିତ ମାସରେ ଟିମ୍ ଇଣ୍ଡିଆର ହାଇପ୍ରୋଫାଇଲ ସାଉଥ ଆଫ୍ରିକା ଟୁର୍ ଆରମ୍ଭ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ଏବଂ ଏକଦିବସୀୟ ସିରିଜ ଚଳିତ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଥିବା ବେଳେ ଏମିକ୍ରନ୍ କୋଭିଡ ଭୂତାଣୁର ଭୟାବହତା ଯୋଗୁ ଏହାକୁ ଏକ ସପ୍ତାହ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏହି ସିରିଜରେ ଟିମ୍ ଇଣ୍ଡିଆ ୩ଟି ଟେଷ୍ଟ ମ୍ୟାଚ ଏବଂ ୩ଟି ଏକଦିବସୀୟ ମ୍ୟାଚ ଖେଳିବ। ଟି୨୦ ମ୍ୟାଚଗୁଡ଼ିକୁ କିଛି ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ପ୍ରଥମ ଟେଷ୍ଟ ମ୍ୟାଚ ଡିସେମ୍ବର ୨୬ ତାରିଖରେ ସେଞ୍ଚୁରିଆନ୍‌ଠାରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟ ଟେଷ୍ଟ ଜାନୁୟାରୀ ୩ତାରିଖରେ ଜୋହାନ୍‌ସବର୍ଗ ଏବଂ ତୃତୀୟ ଟେଷ୍ଟ କେପଟାଉନ୍‌ଠାରେ ଜାନୁୟାରୀ ୧୧ ତାରିଖରେ ଖେଳାଯିବ। ଏହାପରେ ଜାନୁୟାରୀ ୧୯ ତାରିଖରେ ଏବଂ ଜାନୁୟାରୀ ୨୧ତାରିଖରେ ୨ଟି ଏକଦିବସୀୟ ମ୍ୟାଚ ପର୍ଲଠାରେ ଏବଂ ୩ୟ ଏକଦିବସୀୟ ମ୍ୟାଚ ୨୩ତାରିଖରେ କେପ୍‌ଟାଉନଠାରେ ଖେଳାଯିବ। ଅଳ୍ପକେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ରେ ଟିମ୍ ଇଣ୍ଡିଆ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟେଷ୍ଟ ସିରିଜ ପରେ ରୋହିତ ଶର୍ମା ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରି ଉଭୟ ଏକଦିବସୀୟ ଏବଂ ଟି୨୦ ମ୍ୟାଚର ଅଧିନାୟକ ରହିବେ।

ବିରାଟ କୋହଲିଙ୍କୁ ଟିମ୍ ଇଣ୍ଡିଆର ଏକଦିବସୀୟ ଦଳର ଅଧିନାୟକ ପଦରୁ ଅବ୍ୟାହତ ଦେବା ପରେ ସୋସିଆଲ ମିଡିଆରେ ତୀବ୍ର ବିତର୍କ ଆରମ୍ଭ ହୋଇଛି। ପୂର୍ବତନ ଖେଳାଳି ଏବଂ ସିଲେକ୍ଟରମାନେ ଭିନ୍ନ ମତ ପ୍ରଦାନ କରୁଛନ୍ତି। ଅନେକ କ୍ରୀଡ଼ାପ୍ରେମୀ ଏବଂ ସମୀକ୍ଷକ ବିସିସିଆଇର ଏହା ଠିକ୍ ନିଷ୍ପତ୍ତି କହୁଥିବା ବେଳେ ଅନ୍ୟମାନେ ଏହାକୁ ଭୁଲ ନିଷ୍ପତ୍ତି କହିବାକୁ ଆରମ୍ଭ କଲେଣି। ଅନ୍ୟପକ୍ଷରେ ବିଗତ ୨ବର୍ଷରେ ବିରାଟ କୋହଲିଙ୍କ ବ୍ୟାଟ ରନ୍ ବର୍ଷାରୁ ନିବୃତ୍ତ ରହିଛି। ଏପରିକି ସେ ଖେଳିଥିବା ୧୨ଟି ଏକଦିବସୀୟ ମ୍ୟାଚରୁ ୫୬୦ରନ୍ କରିଥିବା ବେଳେ ୧୩ଟି ଟେଷ୍ଟ ମ୍ୟାଚ ଖେଳି ୨୬.୦୪ ଆଭରେଜରେ ମୋଟ ୫୯୯ ରନ୍ କରିଛନ୍ତି। ଟି୨୦ ମ୍ୟାଚରେ ମଧ୍ୟ ସେପରି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଅନ୍ୟପକ୍ଷରେ ରୋହିତ ଶର୍ମା ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଏସିଆ କପ୍ ଏବଂ ନିଦ୍‌ହାସ ଟ୍ରଫି ୨୦୧୮ ମସିହାରେ ଚାମ୍ପିୟନ କରାଇଛନ୍ତି। ଏହା ସତ୍ୟ ଯେ ଅଧିନାୟକ ପଦ ପାଇଁ ଗତ କିଛି ବର୍ଷ ହେବ ଏହି ଦୁଇଷ୍ଟାର ଖେଳାଳିଙ୍କ ମଧ୍ୟରେ ବିବାଦ ଓ ମନୋମାଳିନ୍ୟ ରହିଛି,ଯାହାକି ସାଉଥ ଆଫ୍ରିକା ଟୁର୍ ପାଇଁ ଫଳାଫଳରେ ସମସ୍ୟା ସୃଷ୍ଟି କରିପାରେ।



ବିରାଟ କୋହଲି

**ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଓ ଦିନିକିଆ ସିରିଜ ଖେଳିବ। ଟି୨୦ ମ୍ୟାଚ୍‌ଗୁଡ଼ିକ ପରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ନେତୃତ୍ୱ ନେଇ ଦୁଇ ତାରକା ବିରାଟ କୋହଲି, ରୋହିତ ଶର୍ମା ଓ ବିସିସିଆଇ ମଧ୍ୟରେ ଚାଲିଥିବା ଘଟଣାକ୍ରମ ଯୋଗୁ ଏହି ସିରିଜ ଚର୍ଚ୍ଚାରେ ରହିଛି...**

ଏହି ସିରିଜ ବେଶ ଗୁରୁତ୍ୱପୂର୍ଣ୍ଣ। ଭାରତ ଯୁବ ଖେଳାଳିମାନଙ୍କୁ ନେଇ ତାର ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଏହି ସିରିଜ ପାଇଁ ବିରାଟ କୋହଲି ଟେଷ୍ଟ ଦଳର ଅଧିନାୟକ ଥିବା ବେଳେ ହ୍ୱାଇଟବଲ ସ୍ପେସିଆଲିଷ୍ଟ ରୋହିତ ଶର୍ମା ଉପ-ଅଧିନାୟକ ମନୋନୀତ ହୋଇଛନ୍ତି। ମାତ୍ର ରୋହିତ ଶର୍ମାଙ୍କ ଆଘାତ ଜନୀତ ସମସ୍ୟା ଯୋଗୁଁ ଟିମରୁ ବାଦ ପଡିବା ଯୋଗୁଁ ତାଙ୍କ ସ୍ଥାନରେ ଗୁଜୁରାଟର ଯୁବ ଓପନର ପ୍ରିୟଙ୍କ ପାଞ୍ଚଲଙ୍କୁ ବିସିସିଆଇ ମନୋନୀତ କରିଛି। ଅଭିଜ୍ଞ ଅଜିଙ୍କ୍ୟ ରାହାଣେ, ଚେତେଶ୍ୱର ପୂଜାରା, ଇଶାନ୍ତ ଶର୍ମା, ମହମ୍ମଦ ସାମି ଏବଂ ରବିଚନ୍ଦ୍ରନ ଅଶ୍ୱିନ ରହିଥିବା ବେଳେ ଷ୍ଟାର ସ୍ପିନର ରବୀନ୍ଦ୍ର ଜାଡେଜା, ଶୁବମନ ଗିଲ୍, ଅକ୍ଷର ପଟେଲ ଏବଂ ରାହୁଲ ଚହରଙ୍କ ଆଘାତ ସମସ୍ୟା ଟିମ୍ ଇଣ୍ଡିଆକୁ ଦୁର୍ବଳ କରିଛି। ନବଦୀପ ସଇନି, ସୌରଭ କୁମାର, ଦୀପକ ଚହର, ଅର୍ଜନ ନାଗସ୍ୱାଲା ଷ୍ଟାଣ୍ଡବାଇରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡିନ୍ ଏଲଗର ଅଧିନାୟକ ରହିଥିବା ବେଳେ ଟେମ୍ବା ବଭୁମା ଉପଅଧିନାୟକ ରହିଛନ୍ତି।



ରୋହିତ ଶର୍ମା

ରେକର୍ଡ ଦେଖିଲେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩୯ଟି ଟେଷ୍ଟ ଏବଂ ୮୪ଟି ଏକଦିବସୀୟ ମ୍ୟାଚ ଖେଳାଯାଇଛି। ଟିମ୍ ଇଣ୍ଡିଆ ୧୪ଟି ଟେଷ୍ଟ ମ୍ୟାଚ ଜିତିଥିବା ବେଳେ ସାଉଥ ଆଫ୍ରିକା ୧୫ଟି ମ୍ୟାଚ ଜିତିଛି। ସେହିପରି ଦୁଇ ଦେଶ ମଧ୍ୟରେ ୮୪ଟି ଦିନିକିଆ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୩୬ ଓ ଦକ୍ଷିଣ ଆଫ୍ରିକା ୪୫ଟି ମ୍ୟାଚରେ ଜିତି ଆଗରେ ରହିଛି। ଉଭୟ ଦେଶର ୩ଟି ଟେଷ୍ଟ ସିରିଜ ଡ୍ର ରହିଛି। ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ସର୍ବାଧିକ ସ୍କୋର ୬୪୩ ରନ୍ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୬୨୦ ରନ୍ ରହିଛି। ଏକ ରୋମାଞ୍ଚକ ଏବଂ ଉତ୍କଣ୍ଠାପୂର୍ଣ୍ଣ ସିରିଜ ଖେଳିବାକୁ ଟିମ୍ ଇଣ୍ଡିଆ ସାଉଥ ଆଫ୍ରିକା ଯିବ। ଯୁବ ଖେଳାଳିମାନେ ଟିମ୍ ଇଣ୍ଡିଆରେ ସ୍ଥାନ ପାଇଥିବାରୁ ସେମାନଙ୍କ ପାଇଁ ଏହା ହେବ ପ୍ରକୃତ ପରୀକ୍ଷା। ରୋହିତଙ୍କ ଆଘାତଜନିତ ସମସ୍ୟା ଟିମ୍ ଇଣ୍ଡିଆ ପାଇଁ ସମସ୍ୟା ସୃଷ୍ଟି କରିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପାଇଁ ଏହି ସିରିଜ ଟିମ୍ ଇଣ୍ଡିଆ ପାଇଁ ବେଶ ଗୁରୁତ୍ୱ ବହନ କରୁଛି।

OMC | ODISHA NEW OPPORTUNITIES



# HARNESSING RESOURCES
## POWERING PROGRESS

Exploring Resources | Unearthing Minerals | Adding Values | Propelling Growth
Nurturing Communities | Enriching Lives

www.omcltd.in  OmcOdisha  @odisha_mining

ଧରିତ୍ରୀ
DHARITRI

# ୱାର୍ନର, ଲାବୁସେନ୍‌ଙ୍କ ଦୃଢ଼ ବ୍ୟାଟିଂ

**ଆଡିଲେଡ,୧୬।୧୨**

ସ୍ଥାନୀୟ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆଶେସ ସିରିଜର ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଛି। ଦିବାରାତ୍ର ଭିତ୍ତିକ ଏହି ପିଙ୍କ ବଲ୍ ଟେଷ୍ଟର ପ୍ରଥମ ଦିବସରେ ଘରୋଇ ବ୍ୟାଟ୍ସମ୍ୟାନଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ଅଭିଜ୍ଞ ଓପନର ଡେଭିଡ୍ ୱାର୍ନର କ୍ରମାଗତ ଦ୍ୱିତୀୟଥର ପାଇଁ ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ତେବେ ଯୁବ ବ୍ୟାଟର ମାର୍ନସ ଲାବୁସେନ ମଧ୍ୟ ଶତକର ନିକଟତର ହୋଇଛନ୍ତି।

ଟସ୍ ଜିତି ଅଷ୍ଟ୍ରେଲିଆ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ

**ଆଶେସ ସିରିଜ**

ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୯ ଓଭରରେ ୨ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲାବୁସେନ ୯୫ ଓ ଅଧିନାୟକ ଷ୍ଟିଭ ସ୍ମିଥ୍ ୧୮ ରନ କରି ଅପରାଜିତ ରହିଛନ୍ତି। ଦଳର ସ୍କୋର ୪ ରନ ଥିବା ବେଳେ ଓପନର ମାର୍କସ ହାରିସଙ୍କୁ ହରାଇ ଅଷ୍ଟ୍ରେଲିଆ ଝଟ୍‌କା ଖାଇଥିଲା। ହାରିସ ମାତ୍ର ୩ ରନ କରିଥିବା ବେଳେ ଷ୍ଟୁଆର୍ଟ ବ୍ରଡଙ୍କ ବଲ୍ ଉଇକେଟକିପର ବ୍ୟାଟର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଡାହାଣ ପଟକୁ ୪ ଫିଟ୍ ଡେଇଁ ବଟଲର ଏହି ଅବିଶ୍ୱସନୀୟ କ୍ୟାଚ ନେଇ ସମସ୍ତଙ୍କୁ ଚକିତ କରିଥିଲେ। ବ୍ରଡଙ୍କ ଏହି ଶର୍ଟ ବଲ୍‌କୁ ଲେଗ୍ ସାଇଡ୍‌କୁ ଖେଳିବାକୁ ପ୍ରୟାସ କରିଥିଲେ ହାରିସ୍। ତେବେ ଏହା ବ୍ୟାଟର ଏଜ ନେଇଥିଲା ଓ ଗୋଟିଏ ହାତରେ ବଟଲର ଅବିଶ୍ୱସନୀୟ ଢଙ୍ଗରେ ଧରିବାକୁ ସକ୍ଷମ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ୱାର୍ନର ଓ ଲାବୁସେନ ୩୪୫ଟି ବଲର ସମ୍ମୁଖୀନ ହୋଇ ୧୭୨ ରନର ବୃହତ୍ ଶତକୀୟ ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିବା ସହ ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ୱାନର ୨୭୫ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ସହ ୯୫ ରନ କରିଥିବା ବେଳେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ବ୍ରଡଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ ଓ ମାତ୍ର ୫ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ମଧ୍ୟ ୱାର୍ନର ୯୪ ରନକରି ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ସ୍ମିଥ୍ ଓ ଲାବୁସେନ ୧୫୦ଟି ବଲର ସାମ୍ନା କରି ଅପରାଜିତ ୪୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ବ୍ରଡ ଓ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡ ଦଳରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ଏକ ରେଷ୍ଟୁରାଣ୍ଟରେ ଜଣେ କରୋନା ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଅଭିଜ୍ଞ ବ୍ୟାଟର ଷ୍ଟିଭ ସ୍ମିଥ୍ ଦଳର ନେତୃତ୍ୱ ନେଉଛନ୍ତି। ବଲ ଟ୍ୟାମ୍ପରିଂ ମାମଲା ପରେ ସ୍ମିଥ୍ ପ୍ରଥମଥର ପାଇଁ ଦଳର ନେତୃତ୍ୱ ନେଉଛନ୍ତି। ବ୍ରିସ୍‌ବେନର ଗାବରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ୯ ଉଇକେଟରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଏହି ହାଇପ୍ରୋଫାଇଲ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୮୯ ଓଭରରେ ୨୨୧/୨ (ୱାର୍ନର- ୯୫, ଲାବୁସେନ- ୯୫*, ସ୍ମିଥ- ୧୮*, ବ୍ରଡ- ୧/୩୪, ଷ୍ଟୋକ୍ସ- ୧/୫୦)।



ମାର୍ନସ ଲାବୁସେନ ଓ ଡେଭିଡ ୱାର୍ନର।

## କିଟ୍‌ରେ ଜାତୀୟ ରଗ୍‌ବୀ ସେଭେନ୍ସ ଆଜିଠାରୁ

**ଭୁବନେଶ୍ୱର,୧୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାରଠାରୁ ଆରମ୍ଭ ହେବ ଅଷ୍ଟମ ସିନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍। ଭାରତୀୟ ରଗବୀ ଫୁଟବଲ ୟୁନିୟନ (ଆଇଆରଏଫ୍‌ୟୁ) ତଥା ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ସରକାର, କିଟ୍ ବିଶ୍ୱବିଦ୍ୟାଳୟ, ସୋସିଏଟ ଜେନେରାଲ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଏହି ଦୁଇଦିନିଆ ପ୍ରତିଯୋଗିତା ଆୟୋଜନ ହେବ। ଏହି ପ୍ରତିଯୋଗିତାରେ ୨୭ଟି ରାଜ୍ୟ ଓ ଆଇଆରଏଫ୍‌ୟୁର ଅନୁବନ୍ଧିତ ୟୁନିଟ୍ ଅଂଶଗ୍ରହଣ କରିବେ। ଚାମ୍ପିୟନଶିପ୍‌ରେ ଆୟୋଜକ ଓଡ଼ିଶା ସମେତ ଗୁଜରାଟ, ମଧ୍ୟପ୍ରଦେଶ, ଆସାମ, ପଣ୍ଡିଚେରୀ, ଆନ୍ଧ୍ରପ୍ରଦେଶ, ଜମ୍ମୁ ଓ କଶ୍ମୀର, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, କେରଳ, ଝାଡଖଣ୍ଡ, ମଣିପୁର, କର୍ନାଟକ, ବିହାର, ତେଲଙ୍ଗାନା, ରାଜସ୍ଥାନ, ପଞ୍ଜାବ, ଛତିଶଗଡ଼, ଚଣ୍ଡିଗଡ଼, ହିମାଚଳ ପ୍ରଦେଶ, ଗୋଆ, ତାମିଲନାଡୁ, ପଶ୍ଚିମବଙ୍ଗ, ଦିଲ୍ଲୀ, ମହାରାଷ୍ଟ୍ର, ସର୍ଭିସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସ୍ଏସ୍‌ସିବି) ଓ ହରିୟାଣା ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ରଗ୍‌ବୀ ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ନାସିର ହୁସେନ ଅଭିନନ୍ଦନ ଜଣାଇଛନ୍ତି। ୨୦୨୨ରେ ଆୟୋଜନ ହେବାକୁ ଥିବା ଏସିଆନ ରଗବୀ ଚାମ୍ପିୟନଶିପ ପାଇଁ ଏହି ପ୍ରତିଯୋଗିତାରୁ ଭାରତୀୟ ପୁରୁଷ ଓ ମହିଳା ଦଳ ଚୟନ ହେବ।

# ଫଜୁଲ ସ୍ମାରକୀ ଫୁଟ୍‌ବଲ: ଫାଇନାଲରେ ନୟାଗଡ଼



ମୁଖ୍ୟଅତିଥି ସୁରେଶ ରାଉତରାୟଙ୍କ ସହ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

**ତିଗିରିଆ,୧୬।୧୨(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଲସ୍ଥିତ ଇନ୍ଦିରାଗାନ୍ଧୀ ମିନିଷ୍ଟାଡିୟମଠାରେ ଚାଲିଥିବା ୧୫ତମ ଫଜୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଭୁବନେଶ୍ୱରର କିଶୋର କ୍ଲବକୁ ଟାଇବ୍ରେକର ୪-୩ ଗୋଲରେ ହରାଇ ନୟାଗଡ ଇଲେଭେନ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳ ଶେଷ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇ ନ ଥିଲେ। ଶେଷରେ ଟାଇବ୍ରେକର ମାଧ୍ୟମରେ ନୟାଗଡ ବିଜୟୀ ହୋଇଥିଲା। ମୁଖ୍ୟଅତିଥିଭାବେ ଜଟଣୀ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଆଶୀର୍ବାଦ କାନୁନଗୋ ଖେଳ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ଅନିଲ ନନ୍ଦ ଓ ସଫିକୁଲ ହକ ଖାଁ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଜାଫର ଖାଁ ଓ ଅଫଜଲ ଖାଁ ଦାୟିତ୍ୱ ନିର୍ବାହ କରିଥିଲେ। ଶୁକ୍ରବାର ୟୁନାଇଟେଡ୍ କ୍ଲବ ଭଦ୍ରକ ଓ ନୟାଗଡ ଇଲେଭେନ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

# ଓଡ଼ିଶା-ପଞ୍ଜାବ ମ୍ୟାଚ ଡ୍ର

**ଭୁବନେଶ୍ୱର, ୧୬।୧୨(କ୍ରୀଡ଼ା ପ୍ରତିନିଧି)**

ପୁଣେରେ ଅନୁଷ୍ଠିତ ଓଡ଼ିଶା-ପଞ୍ଜାବ ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି କ୍ରିକେଟ ମ୍ୟାଚ ଡ୍ର ରହିଛି। ପଞ୍ଜାବ ୪୭୨/୯ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିବାବେଳେ ଓଡ଼ିଶା ୩୫୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟ

**କୁଚ୍ ବିହାର ଟ୍ରଫି**

ମହାପାତ୍ର ସର୍ବାଧିକ ୯୧, ଦୀନେଶ ମାଝି ୭୧, ନିରଞ୍ଜନ ଗୌଡ଼ ୬୬ ଓ ଅଂଶୁମାନ ସାହୁ ୬୦ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ସକ୍ଷମ କୁମାର ୩ଟି ଏବଂ ଆଶିଷ, ହର୍ଜାସ ସିଂ ଟଣ୍ଡନ ଓ ହର୍ଷଦୀପ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ଗୁରୁବାର ୪ର୍ଥ ତଥା ଅନ୍ତିମ ଦିବସ ଶେଷ ବେଳକୁ ପଞ୍ଜାବ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଟିକ୍‌ସାନ ଟଙ୍ଗ୍ରି ୬୧ ଓ ଜସକରନ ସିଂ ପଲ ୫୮ ରନରେ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ଆଶୁତୋଷ ଛୁରିଆ ଓ ନିରଞ୍ଜନ ଗୌଡ଼ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ୪ ଦିନିଆ ମ୍ୟାଚ ଉତ୍ତର ପ୍ରଦେଶ ବିପକ୍ଷରେ ଚଳିତ ମାସ ୨୦ ତାରିଖରୁ ଖେଳିବ।



ନିରଞ୍ଜନ ଗୌଡ଼



ସୂର୍ଯ୍ୟ ମହାପାତ୍ର

## ସମରସେଟ୍, ଇଟରନାଲ ବିଜୟୀ

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ସୁନ୍ଦରପଦା, କପିଳ ପ୍ରସାଦ ସାକ୍ସ ଖେଳ ପଡ଼ିଆରେ ଚାଲିଥିବା ୧୩ତମ ହାଡ଼ିବନ୍ଧୁ ଏବଂ ସତ୍ୟବାଦୀ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୮ମ ଓ ୯ମ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସମରସେଟ୍ ଓ ଇଟରନାଲ ବିଜୟୀ ହୋଇଛନ୍ତି। ଅଷ୍ଟମ ଲିଗ୍ ମ୍ୟାଚରେ ସନ୍‌ରାଇଜର୍ସଙ୍କୁ ସମରସେଟ୍ ଓ ୯ମ ଲିଗ୍‌ରେ ସିଲେଟ ରୟାଲ୍ସକୁ ଇଟରନାଲ ପରାସ୍ତ କରିଥିଲା। ସମରସେଟ୍ ରୋଶନଙ୍କ ୧୬ ଓଭରରେ ୧୫୮ ରନ କରିଥିଲା। ଜବାବରେ ଏକାମ୍ର ସନ୍‌ରାଇଜର୍ସ ୧୩୭ ରନ କରିବାକୁ ସକ୍ଷମ ହୋଇଥିଲା। ଲରେନ୍ସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଓଡ଼ିଶା ଏଚ୍‌ପିସିର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ୨୧ ବର୍ଷରୁ କମ୍ ମହିଳା ହକି ଲିଗ୍ (ଫେଜ୍-୧)ରେ ଓଡ଼ିଶା ନାଭାଲ ଟାଟା ହାଇ ପରଫରମାନ୍ସ ସେଣ୍ଟର (ଓଡ଼ିଶା

**ଖେଲୋ ଇଣ୍ଡିଆ ୨୧ ବର୍ଷରୁ କମ୍ ମହିଳା ହକି ଲିଗ**

ଏଚ୍‌ପିସି) କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର କର୍ନଲର ରାଜା କରନ ହକି ଏକାଡେମୀକୁ ୧-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏଚ୍‌ପିସି ଗୁରୁବାର ଦ୍ୱିତୀୟ ମ୍ୟାଚରେ ୧୧-୦ ଗୋଲରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମୁନମୁନି ଦାସ ୧୮ ଓ ୫୯ ଓ ସନ୍ଧ୍ୟା କୁଜୁର ୪୪ ଓ ୫୬ତମ ମିନିଟ୍‌ରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟା ଟପ୍ପୋ ୨୦, ଅସ୍ମିତା ରାଉତ ୨୮, ସୁନୀତା କୁମାରୀ ୩୦, ନିକିତା ଟପ୍ପୋ ୩୭, କମଳା ସିଂ ୬୦, ପୂଜା ରାମଛୁରିଆ ୪୨ ଓ ନୀଲମ କଚ୍ଛପ ୫୩ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। "ଟିମ୍ ସେଟ୍ ହେବାପାଇଁ କିଛି ସମୟ ନେଇଛି। ସେଥିପାଇଁ ପ୍ରଥମ ମ୍ୟାଚରେ ୧-୦ ଗୋଲରେ ବିଜୟୀ ହୋଇଥିଲା। ତେବେ ଦ୍ୱିତୀୟ ମ୍ୟାଚରେ ୧୧-୦ ଗୋଲରେ ବିଜୟୀ ହୋଇ ଦଳ ଠିକ୍ ପଥକୁ ଫେରିଛି। ଆମର ଉଭୟ ରକ୍ଷଣାତ୍ମକ ଓ ଆକ୍ରମଣାତ୍ମକ ବିଭାଗ ଭଲ ପ୍ରଦର୍ଶନ କରିଛନ୍ତି" ବୋଲି ମ୍ୟାଚ ପରେ ନାଭାଲ ଟାଟା ହକି କୋଚ୍ ସନ୍ଦିପ କୁଜୁର ପ୍ରକାଶ କରିଛନ୍ତି। ଆମେ ୨୦୧୯ରେ ଏକାଡେମୀ ଆରମ୍ଭ କରିଥିଲୁ। ଆମର ଅଧିକାଂଶ ଖେଳାଳି ଈଶ୍ୱରଦତ୍ତ ଏବଂ ପ୍ରତି ଖେଳାଳି ପ୍ରତିଭାସମ୍ପନ୍ନ। ତେଣୁ ପ୍ରତ୍ୟେକ ଟୁର୍ନାମେଣ୍ଟ ପାଇଁ ଆମେ ଯଥା ସମ୍ଭବ ନିଜକୁ ଭଲଭାବେ ପ୍ରସ୍ତୁତ କରୁଛୁ ବୋଲି ସେ କହିଛନ୍ତି।



ଓଡ଼ିଶା ନାଭାଲ ଟାଟା ହାଇ ପରଫରମାନ୍ସ ସେଣ୍ଟର ଓ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ବୃହତ୍ ବିଜୟ ସତ୍ତ୍ୱେ ଓଡ଼ିଶା କ୍ୱାର୍ଟରରୁ ବଞ୍ଚିତ

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)**

ଶେଷ ଲିଗ୍ ମ୍ୟାଚ୍‌ରେ ବୃହତ୍ ବିଜୟ ସତ୍ତ୍ୱେ ଓଡ଼ିଶା ପୁଣେରେ ଚାଲିଥିବା ଜାତୀୟ ସିନିୟର ପୁରୁଷ ହକି ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଛି। ଗୁରୁବାର ଅନୁଷ୍ଠିତ ପୁଲ୍ 'ଏଫ' ମ୍ୟାଚରେ ଓଡ଼ିଶା ୧୪-୦ ଗୋଲରେ ଗୋଆକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ

**ଜାତୀୟ ସିନିୟର ପୁରୁଷ ହକି**

ସୁନୀଲ ଧନୱାର ଏକାକୀ ୬ଟି ଗୋଲ ଦେଇଥିଲେ। ସେ ୫, ୬, ୯ ଏବଂ ୧୨ତମ ମିନିଟରେ ୨ଟି ଗୋଲ ଦେଇ ଟୁର୍ନାମେଣ୍ଟରେ ଦ୍ରୁତତମ ହ୍ୟାଟ୍ରିକ ଗୋଲ ଦେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୪୫ତମ ମିନିଟ୍‌ରେ ସେ ଆଉ ଏକ ଗୋଲ ଦେଇ ଅଧ ଡଜନ ପୂରଣ କରିଥିଲେ। ମାଙ୍ଗ୍ରା ଭେଙ୍ଗ୍ରା ୭ ଓ ୨୨ତମ ମିନିଟ୍‌ରେ ୨ଟି ଏବଂ ପତ୍ରାସ ତିର୍କୀ ୨୦, ଅଭିଷେକ ଲାକ୍ରା ୨୮, ପ୍ରକାଶ ବାର୍ଲା ୩୬, ପ୍ରସାଦ କୁଜୁର ୪୭, ବିଜୁ ଏକ୍କା ୫୮ ଓ ଅଜୟ କୁମାର ଏକ୍କା ୬୦ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମାତ୍ର ଏହା ପର ମ୍ୟାଚରେ ପୁଲ୍ 'ଏଫ୍'ର ଅନ୍ୟତମ ଦଳ ବେଙ୍ଗଲ ୧୯-୦ ଗୋଲରେ ଗୁଜରାଟକୁ ହରାଇଥିଲା। ପୁଲ୍ 'ଏ'ର ଏହି ୨ଟି ମ୍ୟାଚରେ ୩୩ଟି ଗୋଲ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟ ଶେଷରେ ଉଭୟ ଓଡ଼ିଶା ଓ ବେଙ୍ଗଲ ୭ ପଏଣ୍ଟ ଲେଖାଏ ପାଇଥିଲେ। ଫଳରେ ଗ୍ରୁପ୍ ଚାମ୍ପିୟନ ନିର୍ଣ୍ଣୟ ପାଇଁ ଗୋଲ ବ୍ୟବଧାନ ଦେଖାଯାଇଥିଲା। ଏଥିରେ ବେଙ୍ଗଲ ଅଧିକ ୫ଟି ଗୋଲ ଦେଇଥିବାରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା ଏବଂ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଥିଲା।

ଅନ୍ୟ ପୁଲ୍‌ଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିବା ଉତ୍ତର ପ୍ରଦେଶ, ତାମିଲନାଡୁ ଓ ମହାରାଷ୍ଟ୍ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କର୍ନାଟକ, ପଞ୍ଜାବ ଓ ଚଣ୍ଡିଗଡ଼ କ୍ୱାର୍ଟର ଫାଇନାଲରେ ପହଞ୍ଚି ସାରିଛନ୍ତି। ଗୁରୁବାର ପୁଲ୍ 'ଜି'ରେ ଉତ୍ତର ପ୍ରଦେଶ ୬-୦ ଗୋଲରେ ଆସାମକୁ ହରାଇଥିବାବେଳେ ଝାଡ଼ଖଣ୍ଡ ୨-୧ରେ କେରଳକୁ ପରାସ୍ତ କରିଥିଲା। ତେବେ ଏହି ଦଳକୁ ପୁଲ୍‌ରେ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ପୁଲ୍ 'ଏ'ରେ ତାମିଲନାଡୁ ୧୧-୦ ଗୋଲରେ ହିମାଚଳକୁ ହରାଇଥିଲା। ଫଳରେ ତାମିଲନାଡୁ ପ୍ରଥମ ଓ ହିମାଚଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ପୁଲ୍ 'ଏଚ୍' ମ୍ୟାଚରେ ମହାରାଷ୍ଟ୍ର ୫-୧ ଗୋଲରେ ବିହାରକୁ ଓ ଛତିଶଗଡ଼ ୬-୧ ଗୋଲରେ ମିଜୋରାମକୁ ପରାସ୍ତ କରିଥିଲା।



ଓଡ଼ିଶା-ଗୋଆ ମ୍ୟାଚରେ ଦୁଇ ଖେଳାଳି ବଲ୍ ପାଇଁ ସଂଘର୍ଷରତ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ